# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com

RNI NO :ODIODI/2001/04811  Postal Regd No : BN/249/15-17

Vol. 34 | ISSUE 05 ଭାଗ ୩୪ | ସଂଖ୍ୟା ୦୫ | Friday 27 March 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୨୭ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଇରାନ୍ ନୌସେନା କମାଣ୍ଡର ତାଙ୍ଗସିରି ନିହତ — ପୃଷ୍ଠା ୪



## ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍

# ଡିସେମ୍ବର ୨୪ରେ ଭାରତ-ଶ୍ରୀଲଙ୍କା ଟି-୨୦



କଟକ,୨୬।୩(ସଂଚାର ବ୍ୟୁରୋ)ଃ ରାଜ୍ୟର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌କୁ ଚଳିତ ବର୍ଷ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ସୁଯୋଗ ଦେଇଛି ବିସିସିଆଇ। ଚଳିତ ବର୍ଷ ଅନ୍ତିମ ଭାଗରେ ଅର୍ଥାତ୍ ଡିସେମ୍ବର ୨୪ ତାରିଖରେ ବାରବାଟୀରେ ଖେଳାଯିବ ଏକ ଟି-୨୦ ମ୍ୟାଚ୍। ଏହି ମ୍ୟାଚ୍‌ରେ ଘରୋଇ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ଆଜି ବିସିସିଆଇ ପକ୍ଷରୁ ୨୦୨୬-୨୭ ଘରୋଇ ସିଜନ୍ ପାଇଁ ଟିମ୍ ଇଣ୍ଡିଆର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ସିଜନ୍‌ରେ ଭାରତୀୟ ଦଳ ଦେଶର ୧୭ଟି ଭିନ୍ନ ଭିନ୍ନ ଭେନ୍ୟୁରେ ମୋଟ ୨୨ଟି ମ୍ୟାଚ୍ ଖେଳିବ। ଏହି ସମୟ ମଧ୍ୟରେ ୪ଟି ଦଳ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଦେଶଗୁଡ଼ିକ ହେଲା ଶ୍ରୀଲଙ୍କା ବ୍ୟତୀତ ୱେଷ୍ଟଇଣ୍ଡିଜ୍, ଜିମ୍ବାୱେ ଓ ଅଷ୍ଟ୍ରେଲିଆ। ଭାରତୀୟ ଦଳର ଘରୋଇ ସିଜନ୍ ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବ। ସେହିପରି ଭାରତ ଗସ୍ତରେ ଆସି ଶ୍ରୀଲଙ୍କା ମୋଟ ୬ଟି ମ୍ୟାଚ୍ ଖେଳିବ, ଯେଉଁଥିରେ ୩ଟି ଲେଖାଏଁ ଦିନିକିଆ ଓ ଟି-୨୦ ମ୍ୟାଚ୍ ରହିଛି। ୩ ମ୍ୟାଚ୍ ଟି-୨୦ ସିରିଜ୍‌ର ➪ପୃଷ୍ଠା-୬

# କୃତ୍ରିମ ଅଭାବ ସୃଷ୍ଟିକାରୀଙ୍କୁ ମୋହନଙ୍କ ନାଲିଆଖି

- ଅସାଧୁ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ଅତ୍ୟାବଶ୍ୟକ ଦ୍ରବ୍ୟର ଉପଲବ୍ଧତା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ)ଃ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ସମୀକ୍ଷାରୁ ଜଣାଯାଇଛି ଯେ ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟାସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି। ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକର କଳାବଜାରୀ ନ ହୁଏ, ସେଥିପ୍ରତି ସଜାଗ ରହିବା ସହ ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ➪ପୃଷ୍ଠା-୬

## ଆଜି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବେ ମୋଦି

### ଗ୍ୟାସ ସଙ୍କଟ ନେଇ ଯୋଗାଣମନ୍ତ୍ରୀଙ୍କ ବୈଠକ



ନୂଆଦିଲ୍ଲୀଃ ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୬ଟାରେ କିଛି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରିବେ। ଏହି ବୈଠକର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ମଧ୍ୟପ୍ରାଚ୍ୟ ସଂଘର୍ଷର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ରାଜ୍ୟଗୁଡ଼ିକର ପ୍ରସ୍ତୁତି ଓ ଭବିଷ୍ୟତ ଯୋଜନାର ସମୀକ୍ଷା କରିବା। ସୂଚନାନୁଯାୟୀ, ବୈଠକରେ ସୁରକ୍ଷା, ଯୋଗାଣ ଶୃଙ୍ଖଳ, ଶକ୍ତି ଆବଶ୍ୟକତା ଓ ଭାରତୀୟ ନାଗରିକଙ୍କ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ପ୍ରଭାବଶାଳୀ ➪ପୃଷ୍ଠା-୬

## ଏପ୍ରିଲ ୧ରୁ ନୂଆ ଅବକାରୀ ନୀତି

# ପୁରୀ ବଡ଼ଦାଣ୍ଡରେ ମଦ ଦୋକାନ ମନା



- ବଢ଼ିବ ମଦ ଦର, ନିଶାମୁକ୍ତି ପାଇଁ ସ୍ୱତନ୍ତ୍ର ସେସ୍
- ବନ୍ଦ ହେଲା ମଦର ହୋମ ଡେଲିଭରୀ
- ନୂଆ 'ଅଫ୍ ସପ୍' କିମ୍ବା ଆଉଟ-ଷ୍ଟିଲ୍ ଖୋଲିବନି
- ସିସିଟିଭି ନଜରରେ ସବୁ ଉତ୍ପାଦନ ୟୁନିଟ ଓ ଦୋକାନ
- ପ୍ରତିବର୍ଷ ଲାଇସେନ୍ସ ଫି'ରେ ୨୦% ପର୍ଯ୍ୟନ୍ତ ବୃଦ୍ଧି
- ନୂଆ ନୀତିରେ ହଟିଲା ସର୍ବନିମ୍ନ ନିଶ୍ଚିତ ପରିମାଣ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ)ଃ ଦୀର୍ଘ ପ୍ରାୟ ୨୦ ମାସ ପରେ ରାଜ୍ୟ ସରକାର ନିଜସ୍ୱ ଅବକାରୀ ନୀତି ପ୍ରଣୟନ କରିଛନ୍ତି। ଆସନ୍ତା ୩ ବର୍ଷ ପାଇଁ ଏହି ନୂଆ ଅବକାରୀ ନୀତି ଘୋଷଣା କରିଛନ୍ତି, ଯାହାକି ଆସନ୍ତା ଏପ୍ରିଲ ୧ରୁ କାର୍ଯ୍ୟକ୍ଷମ ହେବ। ଏହି ନୂଆ ନୀତିରେ ମଦ୍ୟପାନକୁ ଏକ କ୍ଷତିକାରକ ଅଭ୍ୟାସ ଭାବେ ସରକାର ସ୍ୱୀକାର କରିବା ସହ ପ୍ରଥମ ଥର ପାଇଁ ଅବକାରୀ ଶୁଳ୍କ ଉପରେ ୦.୫ ପ୍ରତିଶତ 'ଡି-ଆଡିକ୍ସନ ସେସ୍ ବା ନିଶା ନିବାରଣ କର' ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୂର୍ବରୁ ପ୍ରଚଳିତ ବାର୍ଷିକ ଅବକାରୀ ନୀତି ବଦଳରେ ଏହି ତ୍ରୈବାର୍ଷିକ ନୀତି ମାଧ୍ୟମରେ ସରକାର ମଦ କାରବାରକୁ ଅଧିକ ନିୟନ୍ତ୍ରିତ କରିବା ସହ ରାଜ୍ୟରେ ମଡେଲ ନିଶା ନିବାରଣ କେନ୍ଦ୍ର ସ୍ଥାପନ ଓ ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ନିଜସ୍ୱ ଅବକାରୀ ନୀତି ପ୍ରଣୟନ କରିପାରି ନ ଥିଲା। ପୂର୍ବରୁ ବିଜେଡି ସରକାରଙ୍କ ଅବକାରୀ ନୀତିରେ ସାମାନ୍ୟ ପରିବର୍ତ୍ତନ କରି ଏହାକୁ କାମଚଳା ଭାବେ ଜାରି ରଖିଥିଲେ ନୂଆ ସରକାର। କିନ୍ତୁ ଅବକାରୀ ମନ୍ତ୍ରୀ ଆଜି ବିଧାନସଭାରେ ବିଜେପି ସରକାରଙ୍କ ନିଜସ୍ୱ ତଥା ପ୍ରଥମ ➪ପୃଷ୍ଠା-୬

ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ବଡ଼ଦାଣ୍ଡରେ ମଦ ଦୋକାନ ରହିବା ଉପରେ ମଧ୍ୟ କଟକଣା ଜାରି ହୋଇଛି। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ ଏହି ନୂଆ ଅବକାରୀ ନୀତି ସମ୍ପର୍କରେ ସୂଚନା

# ଶିକ୍ଷା ବ୍ୟବସ୍ଥା ସ୍ୱଦେଶୀ ଅଭିମୁଖୀ ହେବା ଦରକାର



ମହୀଶୂର,୨୬।୩ଃ ଆମ ଶିକ୍ଷା ବ୍ୟବସ୍ଥା ଅଧିକ ସ୍ୱଦେଶୀ ଅଭିମୁଖୀ ହେବା ଆବଶ୍ୟକ। ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜଣେ ସାମଗ୍ରିକ ମାନବର ନିର୍ମାଣ କରିବା, ଯିଏ ନିଜର ସାଂସ୍କୃତିକ ମୂଲ୍ୟବୋଧ ସହ ଯୋଡ଼ି ହୋଇ ରହିବ ଓ ରାଷ୍ଟ୍ର ପ୍ରତି ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିବ। ଆଜି କର୍ଣ୍ଣାଟକର ମହୀଶୂର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

- 'ଏକାତ୍ମ ମାନବବାଦ' ରାଷ୍ଟ୍ର ଜୀବନର ଏକ ସ୍ଥାୟୀ ଦର୍ଶନ
- ସ୍ଥାନୀୟ ଭାଷାରେ ବିଷୟବସ୍ତୁ ପ୍ରସାର ଉପରେ ଗୁରୁତ୍ୱ

ଏହି ଗସ୍ତ କାଳରେ ମନ୍ତ୍ରୀ ଶ୍ରୀ ପ୍ରଧାନ କର୍ଣ୍ଣାଟକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ 'ପ୍ରଜ୍ଞା ପ୍ରବାହ' ଓ 'ଏସପିଏମଆର ଫାଉଣ୍ଡେସନ' ପକ୍ଷରୁ ଆୟୋଜିତ 'ଏକାତ୍ମ ମାନବ ଦର୍ଶନ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ସେ ➪ପୃଷ୍ଠା-୬

# ଗୃହରେ ହଟ୍ଟଗୋଳ, ଗାନ୍ଧୀ ମୂର୍ତ୍ତି ତଳେ ପ୍ରତିବାଦ

- ଏସସିବି ମୃତକଙ୍କ ଏକାଦଶାହରେ ପ୍ରତୀକାତ୍ମକ ଶ୍ରଦ୍ଧାଞ୍ଜଳି
- ବିରୋଧୀଙ୍କୁ ଭୟ 'ଢୋଙ୍ଗୀ ବାବାଙ୍କ ଦିଲ୍ଲୀ ଟ୍ରଷ୍ଟ ଢୋଙ୍ଗ'
- ଆସନ୍ତା ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ)ଃ ରାଜ୍ୟସଭା ନିର୍ବାଚନ ପରଠାରୁ ଏସସିବି ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଲଗାତାର ବିଧାନସଭାରେ ପ୍ରତିବାଦ କରୁଛନ୍ତି। ଗତ ୧୭ ତାରିଖରୁ ବିଧାନସଭାରେ ଆରମ୍ଭ ହୋଇଥିବା ଅଚଳାବସ୍ଥା ଆଜି ଅଷ୍ଟମ ଦିନରେ ବି ଜାରି ରହିଥିଲା। ଗତକାଲି କଳା ଟି-ଶାର୍ଟ ପିନ୍ଧି ବିରୋଧୀ ଦଳଙ୍କ ମିଳିତ ପ୍ରତିବାଦ ଦେଖିବାକୁ ମିଳିଥିଲା ବେଳେ ଆଜି ଅଗ୍ନିକାଣ୍ଡରେ ମୃତ ୧୧ ଜଣଙ୍କ ଏକାଦଶାହ ପାଳିଛନ୍ତି ବିଧାୟକ। ସମସ୍ତ ବିରୋଧୀ ଦଳର ବିଧାୟକ ବିଧାନସଭା ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଗୁରୁବାର ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଆଇଏମ ସଦସ୍ୟମାନେ ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ କରିଥିଲେ। ହାତରେ ପୋଷ୍ଟର ଧରି ଗୃହର ମଧ୍ୟ ଭାଗକୁ ଆସି ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ମଧ୍ୟରେ ବିଜେପି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖିଥିଲେ। ଗୃହର ➪ପୃଷ୍ଠା-୬

## ଜନଅସନ୍ତୋଷ ପରେ ସରକାରଙ୍କ ୟୁ-ଟର୍ଣ୍ଣ

# ପ୍ରତ୍ୟାହାର ହେବ ବିଧାୟକ-ମନ୍ତ୍ରୀଙ୍କ ଦରମା ବୃଦ୍ଧି ବିଲ୍



- ବିଲ୍ ପ୍ରତ୍ୟାହାର ପାଇଁ ସଂସଦୀୟ ବ୍ୟାପର ମନ୍ତ୍ରୀଙ୍କ ନୋଟିସ
- ନୋଟିସ ସମ୍ପର୍କରେ ବିଧାୟକଙ୍କୁ ଅବଗତ କଲେ ସଚିବ
- ଆସନ୍ତା ୪ରେ ମୋସନ ଆଣିବେ ସରକାରୀ ଦଳ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ)ଃ ଗତ ଡିସେମ୍ବରରେ ବିଧାନସଭାରେ ଗୃହୀତ ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲ୍‌କୁ ପ୍ରତ୍ୟାହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ବିଲ୍‌ଗୁଡ଼ିକ ପ୍ରତ୍ୟାହାର ପାଇଁ ଦେଇଥିବା ନୋଟିସ ସମ୍ପର୍କରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସବୁ ବିଧାୟକଙ୍କୁ ସୂଚନା ଦେଇଛନ୍ତି।

ବିଧାନସଭା ସଚିବ ଗୁରୁବାର ସମସ୍ତ ବିଧାୟକମାନଙ୍କୁ ଚିଠି ଲେଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ଦେଇଥିବା ନୋଟିସ୍ ସମ୍ପର୍କରେ ଅବଗତ କରାଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପୂର୍ବରୁ ବିଧାନସଭାରେ ଗୃହୀତ ହୋଇଥିବା ବିଧାୟକ-ମନ୍ତ୍ରୀ-ବାଚସ୍ପତି-ଉପବାଚସ୍ପତିଙ୍କ ଦରମା ଓ ବିଧାୟକଙ୍କ ପେନସନ୍ ବୃଦ୍ଧି ସଂକ୍ରାନ୍ତୀୟ ୪ଟି ବିଲ ପ୍ରତ୍ୟାହାର କରିବା ପାଇଁ ଗୃହରେ ଏକ ପ୍ରସ୍ତାବ ଆଗତ କରିବାକୁ ଏହି ନୋଟିସ ପଠାଇଥିବା ସେ ସୂଚନା ଦେଇଛନ୍ତି। ସରକାର ଚଳିତ ବଜେଟ ଅଧିବେଶନରେ ଏହି ବିଲ୍‌ଗୁଡ଼ିକ ପ୍ରତ୍ୟାହାର ପାଇଁ ମୋସନ ଆକାରରେ ପ୍ରସ୍ତାବ ଆଣି ତାକୁ ପାରିତ କରିବାର ସମ୍ଭାବନା ରହିଛି। ଆସନ୍ତା ଏପ୍ରିଲ ୪ ତାରିଖରେ ବିଧାନସଭାରେ ଏହି ମୋସନ ଆଣିବାକୁ ଆପାତତଃ ସମୟ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

ଗତ ଶୀତକାଳୀନ ଅଧିବେଶନ ସମୟରେ ରାଜ୍ୟ ସରକାର ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ସମେତ ମନ୍ତ୍ରୀ-ବାଚସ୍ପତିଙ୍କ ଦରମା ସଂକ୍ରାନ୍ତୀୟ ୪ଟି ବିଲ ଗୃହରେ ପାରିତ କରାଇଥିଲେ। ଏହି ବିଲକୁ ସେତେବେଳେ ବିଜେପି, ବିଜେଡି ଓ କଂଗ୍ରେସ ➪ପୃଷ୍ଠା-୬

## ବହୁଚର୍ଚ୍ଚିତ ପ୍ରକାଶ ପ୍ରଧାନ ହତ୍ୟା ମାମଲା

# ୭ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ



୫ ବର୍ଷ ପରେ ମିଳିଲା ନ୍ୟାୟ

ସମ୍ବଲପୁର,୨୬।୩(ସଂଚାର ବ୍ୟୁରୋ)ଃ ସମ୍ବଲପୁର ଜିଲ୍ଲା କତରବଗା ଥାନା ଅନ୍ତର୍ଗତ ଗୁଲାମାଲ ଗ୍ରାମରେ ଗତ ୨୦୨୧ରେ ସଂଘଟିତ ବହୁଚର୍ଚ୍ଚିତ ପ୍ରକାଶ ପ୍ରଧାନ ହତ୍ୟା ମାମଲାରେ ଆଜି ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ଏକ ଐତିହାସିକ ରାୟ ଶୁଣାଇଛନ୍ତି। ଏହି ମାମଲାରେ ୨୩ ଜଣ ସାକ୍ଷୀଙ୍କ ବୟାନ ଓ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌ର ଅନୁଧ୍ୟାନ କରି ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

ଭାରତୀୟ ପିଙ୍ଗଳ କୋର୍ଟର ଦଫା ୩୦୨ ଅନୁଯାୟୀ ସମସ୍ତଙ୍କୁ ଆଜୀବନ ଜେଲ୍ ସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ସେମାନଙ୍କୁ ଅଧିକ ଦୁଇ ମାସ ଲେଖାଏଁ ଜେଲ୍ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ କହିଛନ୍ତି। ଏହା ବ୍ୟତୀତ ଦଫା ୩୦୭ରେ ୧୦ ବର୍ଷ ଓ ଦଫା ୧୪୮ରେ ୨ ବର୍ଷର କାରାଦଣ୍ଡାଦେଶ ମଧ୍ୟ ଦିଆଯାଇଛି। କିନ୍ତୁ ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ବିରଞ୍ଚି ବିଶ୍ୱାଳଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।ସୂଚନାନୁସାରେ, ଗତ ୨୦୨୧ ସେପ୍ଟେମ୍ବର ୧୬ ରାତି ପ୍ରାୟ ୮ଟା ସମୟରେ ପ୍ରଧାନପାଲି ଗୁଲାମାଲ ଅଞ୍ଚଳରେ ଏହି ବର୍ବର ହତ୍ୟାକାଣ୍ଡ ଘଟିଥିଲା। ପ୍ରକାଶ ଓ ତାଙ୍କ ବନ୍ଧୁ ଅଜୟ ବାରିକ ବିଶ୍ୱକର୍ମା ପୂଜା ପାଇଁ ପୂଜା ସାମଗ୍ରୀ କିଣିବାକୁ ବଜାରକୁ ଯାଇ ଫେରୁଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଅଭିଯୁକ୍ତ ଅଶୋକ କୁମାର ପ୍ରଧାନ, ଭୋଜରାଜ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଗଜରାଜ ପ୍ରଧାନ, ଭୀଷ୍ମଦେବ ପ୍ରଧାନ, ରଞ୍ଜିତ ଓରଫ ଦୁଷ୍ମନ୍ତ ଭୋଇ ଏବଂ ଭୀଷ୍ମଜିତ ➪ପୃଷ୍ଠା-୬








## କାନ ଡେରିଥା

ଗ୍ୟାସ ବଢ଼ିଲା ଚଳି ଯାଉଥିଲା
ବିଅର ବଢ଼ାଇ ଦେଲ
ଗ୍ୟାସ ପଛକେ କିଣି ହେଉଥିଲା
ଭାବି ଆଖି ଛଳ ଛଳ
ଦେଖାଯାଏ ଜଳଜଳ...
ସନ୍ଧ୍ୟା ଖଟି ଆଉ ଭଲ ଲାଗିବନି
କଫି ପିଇ ମାଡ଼ି ଚାଲ ।

■ ଦେବାଶିଷ

# ବିଜେଡିର ଶେଷ ଅସ୍ତ୍ର ରାଜ୍ୟପାଳଙ୍କୁ ଫେରାଦି



- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ
- ଦରମା ବିଲ୍ ଉପରେ ନଜର

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ)ଃ କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଅଟଳ ଥିବା ବିଜେଡିର ଶେଷ ଅସ୍ତ୍ର ହେଉଛି ରାଜ୍ୟପାଳଙ୍କ ନିକଟରେ ଫେରାଦ। କଂଗ୍ରେସକୁ ସାଙ୍ଗରେ ନେଇ ବିଜେଡି ଆସନ୍ତା ୫ ତାରିଖରେ ରାଜ୍ୟଭବନ ଅଭିମୁଖେ ଯିବ ବୋଲି ସୂଚନା ମିଳୁଛି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭାକୁ ଏକପ୍ରକାର ଅଚଳ କରି ରଖିଛନ୍ତି। ପ୍ରଶ୍ନକାଳ ଓ ଶୂନ୍ୟକାଳ ଧୋଇ ଯାଉଥିବା ବେଳେ ବିନା ବିରୋଧୀରେ କେତେକ ବିଭାଗର ଖର୍ଚ୍ଚଦାବି ପାରିତ ହୋଇସାରିଲାଣି। ଆଗକୁ ବିଧାୟକମାନଙ୍କ ଦରମା ବୃଦ୍ଧି ବିଲ୍ ଫେରସ୍ତ ପାଇଁ ଗୃହରେ ଉପସ୍ଥାପନ ସହ ବଜେଟ୍ ପାରିତ ହେବାକୁ ଯାଉଥିବାରୁ ଏହା ଉପରେ ବିରୋଧୀ ଦଳ କି ପଦକ୍ଷେପ ନେବ, ତା' ଉପରେ ସମସ୍ତଙ୍କ ନଜର ରହିଛି।

ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଜେଡି ତା'ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିବ। ମାର୍ଚ୍ଚ ୩୧ ତାରିଖରେ ବଜେଟ୍ ପାରିତ ପରେ ଉତ୍କଳ ଦିବସ ପାଇଁ ଏକ ତାରିଖ ଓ ଗୁଡ୍ ଫ୍ରାଇଡେ ପାଇଁ ୩ ତାରିଖ ବିଧାନସଭା ଛୁଟି ରହିବ। ଏପ୍ରିଲ ୪ ତାରିଖରେ ବିଧାୟକମାନଙ୍କର ସଂଶୋଧିତ ଦରମା ବୃଦ୍ଧି ବିଲ୍ ବିଧାନସଭାରେ ଆଗତ ହେବ। ତେବେ ପୂର୍ବଥର ଭଳି ଏଥର ଆଉ ତରବରରେ ଏହି ବିଲ୍ ➪ପୃଷ୍ଠା-୬

## ଦୁର୍ଗାପ୍ରସନ୍ନ ପଶ୍ଚିମବଙ୍ଗ ନିର୍ବାଚନରେ ଷ୍ଟାର ପ୍ରଚାରକ



**ମହାକାଳପଡ଼ା,୨୬।୩(ସଂଚାର ବ୍ୟୁରୋ)**: ଆଗାମୀ ୨୩ ଓ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ୨୯୪ ଆସନରେ ନିର୍ବାଚନ ହେବ। ଏଠି ମୋଟାମୋଟି ଭାବେ ଦେଖିବାକୁ ଗଲେ ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟମରେ କଡ଼ା ଟକ୍କର ହେଉଛି। ଓଡ଼ିଶାରୁ ଷ୍ଟାର ପ୍ରଚାରକ ଭାବେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ ନାୟକଙ୍କୁ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ପଶ୍ଚିମବଙ୍ଗର ଭଗବାନପୁର ନିର୍ବାଚନମଣ୍ଡଳୀରୁ ବିଜେପି ପାର୍ଥି ଭାବେ ଶାନ୍ତନୁ ପରମାଣିକ ମୈଦାନକୁ ଓହ୍ଲାଇଛନ୍ତି । ଶାନ୍ତନୁକୁ ନିର୍ବାଚନ ପ୍ରଚାରରେ ସହଯୋଗ କରିବା ପାଇଁ ବିଧାୟକ ଦୁର୍ଗା ପ୍ରସନଙ୍କୁ ଦଳ ଦାୟିତ୍ୱ ପ୍ରଦାନ କରିଛି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଏକ ମାତ୍ର ବିଜେପି ବିଧାୟକ ଭାବେ ଦୁର୍ଗା ମହାକାଳପଡ଼ାରୁ ଏକ ବଡ଼ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ତେଣୁକରି ଦୁର୍ଗାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ପଶ୍ଚିମବଙ୍ଗ ନିର୍ବାଚନକୁ ପ୍ରଚାରକ ଭାବେ ଦାୟିତ୍ୱ ପ୍ରଦାନ କରିଛି।

## ଜାତୀୟ ତମାଖୁ ନିୟନ୍ତ୍ରଣ ପ୍ରଶିକ୍ଷଣ ଶିବିର



**କେନ୍ଦ୍ରାପଡ଼ା,୨୬।୩(ସଂଚାର ବ୍ୟୁରୋ)**: ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ପୁରୁଣା ମେଡିକାଲ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧିନରେ ଆଇନ ଅନୁପାଳନ ସମ୍ପର୍କିତ ଏକଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆଜି ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି କୋଟପା-୨୦୦୩ (ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନ) କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରିବା ସହିତ ସାର୍ବଜନିକ ସ୍ଥାନରେ ତମାଖୁ ବ୍ୟବହାରକୁ ନିୟନ୍ତ୍ରଣ କରିବା ।

ପୁଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଶାଖା, ଆବକାରୀ ବିଭାଗ, ଶିକ୍ଷା ବିଭାଗ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ବିଶେଷଜ୍ଞ ଭାବେ ଡା. ମିର୍ଜା ବାବର ବେଗ ଏବଂ ଡା. ନିରାକାର କର ଯୋଗ ଦେଇ କୋଟପା-୨୦୦୩ର ମୁଖ୍ୟ ବ୍ୟବସ୍ଥା ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ । ସାର୍ବଜନିକ ସ୍ଥାନରେ ଧୂମ୍ରପାନ ନିଷେଧ, ଅପ୍ରାପ୍ତବୟସ୍କଙ୍କୁ ତମାଖୁ ବିକ୍ରୟ ନିଷେଧ ଏବଂ ଶିକ୍ଷାନୁଷ୍ଠାନର ୧୦୦ ମିଟର ମଧ୍ୟରେ ତମାଖୁ ବିକ୍ରୟ ନିଷେଧ । ଏହାସହ ଆଇନ ଅନୁପାଳନ ପ୍ରକ୍ରିୟା, ଜରିମାନା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଶିକ୍ଷାନୁଷ୍ଠାନ ଚାରିପାଖରେ ନିୟମିତ ଯା, ସଂଯୁକ୍ତ ଅଭିଯାନ ଏବଂ ତମାଖୁ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉପରେ ବିଶେଷ ଫୋକସ କରାଯାଇଥିଲା । ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଆଇନର କଡ଼ାକଡ଼ି ଅନୁପାଳନ ଓ ନିୟମିତ ମନିଟରିଂ ଦ୍ୱାରା ତମାଖୁ ମୁକ୍ତ ପରିବେଶ ସୃଷ୍ଟି ପାଇଁ ଆହ୍ୱାନ କରିଥିଲେ । ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାମ କରିବାକୁ ଉତ୍ସାହିତ କରାଯାଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଡିପିଏଚଓ ଗୌରାଙ୍ଗ ଚରଣ ଗିରି, ଆସିଷ୍ଟା ମ୍ୟାନେଜର ଏନସିଡି ଶ୍ୟାମସୁନ୍ଦର ବିଶ୍ୱାଳ, ଡେପୁଟି ମ୍ୟା ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ) ଡା.. ସୁକାନ୍ତ କୁମାର ପ୍ରଧାନ,ଏଡିପିଏଚଓ ଡା.. ଶୁଭନାରାୟଣ ନାୟକ, ପୋଲିସ ପ୍ରଶାସନ, ସମାଜ ସେବୀ, ଅବକାରୀ ବିଭାଗ ସମେତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗଞ୍ଜେଇ ଓ ଚୋରାମଦ ଜବତ, ୭ ଗିରଫ



**କେନ୍ଦ୍ରାପଡ଼ା,୨୬।୩(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ନିକିରାଇ, ରାଜନଗର ଓ ଆଳି ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପଳାଶପୁର ଗ୍ରାମର ଗୁଣନିଧି ମଲିକ (୩୧)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଦର୍ଶପୁର ଗ୍ରାମର ଜୀବନ ପ୍ରଧାନ(୨୯)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ତନାର ଗ୍ରାମର ଅରକ୍ଷିତ ଗାହଣ(୩୮)ଙ୍କ ଠାରୁ ୩.୩୦ କିଗ୍ରାର ଗଞ୍ଜେଇ, ପିଣ୍ଡୁଡି ଗ୍ରାମର ପା।ଳି ଭୂୟାଁ(୪୦)ଙ୍କ ଠାରୁ ୬୨ ଲିଟର ବିଦେଶୀ ମଦ, ଭୂୟପୁର ଗ୍ରାମର ରମେଶ ଚନ୍ଦ୍ର ସିଂ(୫୩)ଙ୍କ ଠାରୁ ୪୫ ଲିଟରବିଦେଶୀ ମଦ, କଣ୍ଡିଆ ଗ୍ରାମର ମଞ୍ଜୁଳତା ମଲିକ(୩୨)ଙ୍କ ଠାରୁ ୪୧ ଲିଟର ଦେଶୀ ମଦ ଓ ଗଞ୍ଜା ଗ୍ରାମର ରାମୁ ପାତ୍ର(୩୯)ଙ୍କ ଠାରୁ ୩୧ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାକ୍ଷରୁ ସମୁଦାୟ ୩.୩୦ କିଗ୍ରାର ଚୋରା ଗଞ୍ଜେଇ ସମେତ ୨୪୦ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କେନାଲରୁ କଙ୍କାଳ ଉଦ୍ଧାର, ହତ୍ୟା ସନ୍ଦେହ



**ପଟ୍ଟାମୁଣ୍ଡାଇ, ୨୬।୩ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗଙ୍ଗାରମପୁର ପଂଚାୟତ ଗୁଣ୍ଡୁପୁର ନିକଟସ୍ଥ କେନାଲରୁ ଏକ ଅଖାରେ ବନ୍ଦ ଥିବା କଙ୍କାଳ ଉଦ୍ଧାର। ସ୍ଥାନୀୟ ଲୋକେ ଅଖା ଭିତରେ କଙ୍କାଳ ଥିବାର ଦେଖି ପୋଲିସ ଖବର ଦେଇଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଏସ ଡି ପି ଓ ସୁକାନ୍ତ ପାତ୍ର, ଅତିରିକ୍ତ ତହସିଲଦାର ପ୍ରଣବ ପଣ୍ଡା, ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଶ୍ରୀକାନ୍ତ ବାରିକ ଘଟଣାସ୍ଥଳରେ ପହଂଚି ଥିଲେ । ଏସ ଡି ପି ଓ,ଅତିରିକ୍ତ ତହସିଲଦାର ଓ ଆଇ ଆଇ ସି ଙ୍କ ଉପସ୍ଥିତରେ ଅଖା ମଧ୍ୟରୁ କଙ୍କାଳ ଉଦ୍ଧାର କରାଯାଇଥିଲା । ତେବେ ପୋଲିସର ପ୍ରାଥମିକ ତଦନ୍ତ ଓ ପାରିପାଶ୍ୱିକ ସ୍ଥିତିରୁ ଏହା ହତ୍ୟା କାଣ୍ଡ ବୋଲି ଅନୁମାନ କରାଯାଉଛି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଥାନା କେଶ ନଂ ୧୭୪/୨୬ରେ ଏକ ମୋକଦମା ରୁଜୁ କରି ତନାଘନା ତଦନ୍ତ ଆରମ୍ଭ କରିଛି । ଫରେନସିକ ରିପୋର୍ଟ ପରେ ଏହି ମାମଲାରୁ ରହସ୍ୟ ଫିଟିବ ବୋଲି ଆଶା କରାଯାଉଛି।

## ବ୍ୟବସାୟୀ ସଂଘ ପକ୍ଷରୁ ସିସି କ୍ୟାମେରା ଉଦ୍‌ଘାଟିତ




**ନିଶ୍ଚିନ୍ତକୋଇଲି,୨୬।୩(ସଂଚାର ବ୍ୟୁରୋ)**: ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ୧୬ଟି ସିସି କ୍ୟାମେରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଶ୍ରୀମତୀ ଅନିତା ସାହୁ ଯୋଗଦାନ କରି ସିସି କ୍ୟାମେରାକୁ ଉଦ୍‌ଘାଟନ କରିବା ସହିତ କିଭଳି ଭାବେ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ବହୁ ଦିନ ଧରି ଏହି ବଜାର ଏବଂ ହାଟ ଅଞ୍ଚଳରେ ସିସି କ୍ୟାମେରା ଲଗାଇବା ପାଇଁ ବ୍ୟବସାୟୀ, ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଯାହା ଆଜି ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ସମ୍ଭବ ହୋଇପାରିଛି। ସବୁବେଳେ ସବୁ ସମୟରେ ସମସ୍ତଙ୍କୁ ସମ୍ମାନ ଦେବା, ବଜାର ସୁରକ୍ଷା, ଜନସାଧାରଣଙ୍କ ସୁରକ୍ଷା, ରାହାଜାନି ରୁ ସୁରକ୍ଷା ଦେବା ପାଇଁ ଏହି ୧୬ଟି କ୍ୟାମେରା ଲାଗିଅଛି। ଆଗାମୀ ଦିନରେ ଆହୁ ବହୁ କ୍ୟାମେରା ଲାଗିବ ବୋଲି ବ୍ୟବସାୟୀ ସଂଘର ସଭାପତି ଶ୍ରୀଯୁକ୍ତ ପ୍ରମୋଦ କୁମାର ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ। ବ୍ୟବସାୟୀ ସଂଘର ସମ୍ପାଦକ ଜୀବନାନନ୍ଦ ଦାଶ, ବଜାର ବ୍ୟବସାୟୀ ସଂଘର ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ନିଶ୍ଚିନ୍ତକୋଇଲି ସରପଞ୍ଚ ମଧୁସ୍ମିତା ରାଉତ, ଉପସଭାପତି ବଳରାମ ସାହୁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ବଲ୍ଲଭଚରଣ ପଲେଇ, ପ୍ରଫୁଲ୍ଲ କୁମାର ଦାଶ, ସତ୍ୟଜିତ୍ ମହାପାତ୍ର, ପ୍ରସନ୍ନ ମହାପାତ୍ରଙ୍କ ସମେତ ବହୁ ବଜାର କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଶେଷରେ ଗୁରୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ



**ପଟ୍ଟାମୁଣ୍ଡାଇ,୨୬।୩(ସଂଚାର ବ୍ୟୁରୋ)**: ନୂଆଦିଲ୍ଲୀ ସର୍ବଭାରତୀୟ ପେନସନର୍ସ ଆସୋସିଏସନ ଆହ୍ୱାନରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତି ବିରୋଧରେ ରାଜ୍ୟ ବ୍ୟାପି ଆନ୍ଦୋଳନ ଚାଲିଛି। ଏହି କ୍ରମରେ ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ବିରୋଧୀ ଆଇନ ଭାଲିଡେସନ ଆକ୍ଟ ୨୦୨୫ କଳା ଆଇନ ପ୍ରତ୍ୟାହାର ଓ ପେନସନ ରୁଲ ଅପରିବର୍ତ୍ତିତ ରଖିବା ଦାବୀ ନେଇ ଅବସରପ୍ରାପ୍ତ କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ବ୍ଲକ ଠାରେ ପହଂଚି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବ୍ଲକ ମୁଖ୍ୟ କିରାଣୀଙ୍କୁ ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପସଭାପତି ପ୍ରଫେସର କୈଳାଶ ପାତ୍ର, ସମ୍ପାଦକ ଚତୃଭୁଜ ରାଉଳ ପ୍ରଫେସର ଭରତ ପାତ୍ର, ଇଂ ତ୍ରିଲୋଚନ ସୂତାର,ପାବନୀ ରାଉତ,ପ୍ରମୋଦ ନାୟକ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ତପନ ପାତ୍ର, ପ୍ରଦୀପ ନାୟକ, ବିଜୟ ସାହୁ,ପ୍ରଦୀପ୍ତ ରଥ ସଚ୍ଚି ନନ୍ଦନ ଦାସ,ରାଜେନ୍ଦ୍ର ପ୍ରସାଦ ସିଂ ପ୍ରଫୁଲ୍ଲ ଶତପଥୀ, ବସନ୍ତ ପରିଡା, ଅଭୟ ପରିଡା, ବଂଶୀଧର ନାୟକ ପ୍ରମୁଖ ବହୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସାମିଲ ହୋଇଥିଲେ ।

## ଅସହାୟ ପରିବାରକୁ ସହାୟତା ଦେଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା, ୨୬।୩ (ସଂଚାର ବ୍ୟୁରୋ)**: ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ତରଣା ଗ୍ରାମର ଅସହାୟ ବିଧବା ମହିଳା ମନୋରମା ନାୟକଙ୍କ ସହିତ ରହି ଆସୁଛନ୍ତି ତାଙ୍କ ସାନ ପୁଅ ଟୁଟୁ ନାୟକ। ମନୋରମାଙ୍କ ସ୍ୱାମୀ ସୁଦର୍ଶନ ନାୟକ ମଧ୍ୟ ଗତ ବର୍ଷ ରୋଗ ରେ ପଡି ମୃତ୍ୟୁ ବରଣ କରିଛନ୍ତି। ତାଙ୍କର ଦୁଇ ପୁତ୍ର ମଧ୍ୟରୁ ବଡ଼ ପୁଅ ଦଶ ବର୍ଷ ପୂର୍ବେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିସାରିଛନ୍ତି। ବୋଝ ଉପରେ ନଳିତା ବିଡା ସଦୃଶ ଟୁଟୁ ନାୟକ ଙ୍କ ଦୁଇଟି କିଡ଼ନୀ ନଷ୍ଟ ହୋଇ ଯାଇଛି। ସେ ଏବେ ଶଯ୍ୟାଶାୟୀ। ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାର ର ଔଷଧ ଖର୍ଚ୍ଚ ଓ ପରିବାର ଚଳିବା ପାଇଁ କିଛି ଅର୍ଥ ରାଶି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର, ତପନ କୁମାର ନାଥ, ଶଶିକାନ୍ତ ନାଥ, ଦିପ୍ତି ରଞ୍ଜନ ସେଠୀ ଓ ସାମାଜିକ କର୍ମୀ ସୁଶୀଲ ସାହୁ ସାମିଲ ଥିଲେ ।

## ଶିରିଡି ସାଇବାବାଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ



**କେନ୍ଦ୍ରାପଡ଼ା,୨୬।୩(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆ ଚଣ୍ଡିବଜାରସ୍ଥିତ ଶ୍ରୀ ଶ୍ରୀ ଶିରିଡ଼ି ସାଇବାବା ଜନକଲ୍ୟାଣ ଟ୍ରଷ୍ଟ ଆନୁକୂଲ୍ୟରେ ତଥା ସାଇପ୍ରେମୀ ଭକ୍ତଙ୍କ ସହଯୋଗରେ ମନ୍ଦିର ପରିସରରେ "ଦଧିନଉତି ରତ୍ନମୁଦ ଉତ୍ସବ' ବହୁ ଆଡ଼ମ୍ବରରେ ସମ୍ପନ୍ନ ହୋଇଯାଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରାତଃ ଆଳତି, ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିସହିତ ଦଧିନଉତି ସ୍ଥାପନ ଓ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ମେଳକ ସାହି, ଜହ୍ନିମୂଳ, କର୍ପୋଦା, ପାଟଣା, ଠେଙ୍ଗସାହି, ବଣହରା, ପଟକୁରା, ଭାଗବତପୁର, ପୋଇଲୋ, କାଦୁଆ, ପରବାରି ଏବଂ ବାଘିଲୋ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଆସନ୍ତା ଶୁକ୍ରବାର ପୂର୍ବାହ୍ନରେ ସାଇବାବାଙ୍କ ଭବ୍ୟ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଟ୍ରଷ୍ଟର ସଭାପତି ଧରଣୀଧର ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଦସ୍ୟ ନିରଞ୍ଜନ ବାରିକ, ଶରତ ଚନ୍ଦ୍ର ପଣ୍ଡା, ହୃଦାନନ୍ଦ ଲେଙ୍କା, ମହେନ୍ଦ୍ର ସ୍ୱାଇଁ, ମଞ୍ଜୁଷା ମହାନ୍ତି, ପ୍ରେମାନନ୍ଦ ଆଚାର୍ଯ୍ୟ, ନିରଞ୍ଜନ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ଓଝାଙ୍କ ସମେତ ଚଣ୍ଡିବଜାରର ସମସ୍ତ ବ୍ୟବସାୟୀ ବୃନ୍ଦ ଉପସ୍ଥିତ ରହି ଉତ୍ସବକୁ ସଫଳତାର ସହ ପରିଚାଳନା କରିଥିଲେ ।

## ଗୋଗୁଆରେ ମାର୍ବଲ ଓ ଟାଇଲ୍‌ସ ସୋ' ରୁମ୍ ଏଥେଲ ହାଉସ ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା,୨୬।୩(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ବ୍ଲକ ଗୋଗୁଆ ଛକ ଠାରେ ଜନ୍ସନ୍ ହାଉସ୍ ପ୍ରାଧିକୃତ ଡିଲର ଏଥେଲ ହାଉସ ଏସ ଆଣ୍ଡ ବି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ଼ ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜନ୍ସନ୍ ବ୍ରାଣ୍ଡର ଜନ୍ସନ୍, ମାର୍ବୋନାଇଟ, ପରସେଲାନୋ ଓ ଏଣ୍ଡୁରାର ଟାଇଲ, ମାର୍ବଲ ଓ ସାନିଟାରୀ ଜିନିଷ ଉପଲବ୍ଧ ହେବ। କେନ୍ଦ୍ରାପଡ଼ାରୁ ଯେଉଁ ମାନେ କଟକ କିମ୍ବା ଭୁବନେଶ୍ୱର ଯାଉଥିଲେ ଇମ୍ପୋଟେଡ଼ ଟାଇଲ, ମାର୍ବଲ ଓ ସାନିଟାରୀ ଜିନିଷ ପାଁଇ ସେମାନଙ୍କୁ ଆଉ ଯିବାକୁ ପଡ଼ିବନି । ଏବେ ନିଜ ସହର କେନ୍ଦ୍ରାପଡ଼ାରେ ଏପରି ନାମୀ ଦାମୀ ବ୍ରାଣ୍ଡର ଜିନିଷ ଏହି ନୂତନ ଏଥେଲ ହାଉସରେ ଉପଲବ୍ଧ ହେବ ।

ତେବେ ଏହି ନୂତନ ସୋରୁମ ଉଦ୍ଘାଟନୀ ଉତ୍ସବ ରେ ଓଡ଼ିଆ ଫିଲ୍ମ ହାସ୍ୟ ଅଭିନେତା ହରିହର ମହାପାତ୍ର, ଓଡ଼ିଆ ଫିଲ୍ମ ନାୟିକା ଏଲିନା ମହାପାତ୍ର , ହାଉସ୍ ଅଫ ଜନ୍ସନ୍ର ପ୍ରାଧିକୃତ ଡିଲର ଓ ଏଥେଲ ହାଉସ ର ଓ୍ୱନର ଗୋବିନ୍ଦ ଚନ୍ଦ୍ର ସାମଲ ବ୍ୟବସାୟ ସହାଭାଗୀ ଆଦେଶ ବେହେରା,ଜନ୍ସନ୍ ଜୋନାଲ ପୂର୍ବ ମୁଖ୍ୟ କୃଷ୍ଣ ପ୍ରସାଦ ସାହୁ,ଜୋନାଲ ମ୍ୟାନେଜର ଓଡିଶା କାଳୀପ୍ରସାଦ ଜେନା,ଜୋନାଲ ମ୍ୟାନେଜର ରୋସନ ଦେ,ଓଡିଶା ରାଜ୍ୟ ମୁଖ୍ୟ ଅଜୟ କୁମାର ବିଶ୍ୱାଳ,ଓଡିଶା ରାଜ୍ୟ ମୁଖ୍ୟ ନିଗମାନନ୍ଦ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସୋରୁମର କର୍ମଚାରୀ ଉପସ୍ଥିତ ରହି ଏହି ଉଦ୍‌ଘାଟନ ଉତ୍ସବକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ ।

## ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବାକୁ ଦାବି

**ଡେରାବିଶ, ୨୬।୩ (ସଂଚାର ବ୍ୟୁରୋ)**: ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଓ ନୂଆହାଟ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାମାନେ ଗ୍ରାମର ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫରମରକୁ ବଦଳାଇ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫରମର ବସାଇବା ପାଇଁ ଦାବି ଛତା ବିଦ୍ୟୁତ୍ ସେକ୍ସନର କନିଷ୍ଠ ପରିଚାଳକଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ପୂର୍ବରୁ ବସିଥିବା ଟ୍ରାନ୍ସଫରମରଟି ଆବଶ୍ୟକ ପରିମାଣର ଭୋଲଟେଜ୍ ଯୋଗେଇ ପାରୁନଥିବାରୁ ବହୁ ସମୟରେ ବିଦ୍ୟୁତ୍ ସରବରାହରେ ତ୍ରୁଟି ପରିଲକ୍ଷିତ ହେଉଛି। ଏଥିସହ ଉପଭୋକ୍ତା ମାନେ ବ୍ୟବହାର କରୁଥିବା ବଲ୍‌ବ୍ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ରାଂଶ ଗୁଡ଼ିକ ଲୋ-ଭୋଲଟେଜ୍ ଯୋଗୁଁ ଠିକ୍ ଭାବରେ କାର୍ଯ୍ୟକ୍ଷମ ହେଉନି। ଯାହା ଫଳରେ ଲୋକମାନେ ନାନାଦି ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏବେ ଖରାଦିନ ଆରମ୍ଭ ହୋଇଯାଇଥିବାରୁ ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ଏହି ସମସ୍ୟା ଆହୁରି ଦ୍ୱିଗୁଣିତ ହେବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଗ୍ରାମରେ ଉଚ୍ଚକ୍ଷମତା ସମ୍ପନ୍ନ ବସାଇବା ପାଇଁ ଗ୍ରାମର ଉମାକାନ୍ତ ଚାନ୍ଦ, ସୁକଦେବ ସିଂ, ଉପେନ୍ଦ୍ରନାଥ ବେହେରା, ଗଣେଶ ସିଂ ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ




**ମାର୍ଶାଘାଇ, ୨୬।୩ (ସଂଚାର ବ୍ୟୁରୋ)**: ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ମିଳିତ ସହଭାଗିତାରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ -୨୦୨୬ ମାର୍ଶାଘାଇ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ମୁଖ୍ୟଅତିଥି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ, ନିଶା ନିବାରଣ କେନ୍ଦ୍ରର ସାମାଜିକ କର୍ମୀ ସୌମ୍ୟରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଶା ସେବନର ଭୟାବହତାରୁ ସୁସ୍ଥ ସାମାଜିକ ଜୀବନର ବିକଳାଙ୍ଗ ଚିତ୍ର, ସାମାଜିକ -ପାରିବାରିକ ବିଶୃଙ୍ଖଳାର ନଗ୍ନରୂପ ସହ ନିଶାମୁକ୍ତ ଭାରତ ଗଠନରେ ଯୁବ ସମାଜର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ମାର୍ଶାଘାଇ ଓ କେନ୍ଦ୍ରାପଡ଼ା ଅଞ୍ଚଳର ନିଶା ନିବାରଣ ସାମାଜିକ କର୍ମୀମାନେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ପଦଯାତ୍ରାରେ ସାମିଲ ହୋଇ ବଜାର ପରିକ୍ରମା କରିଥିଲେ।

## ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ ମହିଳା

**କେନ୍ଦ୍ରାପଡ଼ା,୨୬।୩ (ସଂଚାର ବ୍ୟୁରୋ)**: ପାନୀୟଜଳ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ବ୍ଲକରେ ଗୁରୁବାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା । କେନ୍ଦ୍ରାପଡା ବ୍ଲକରେ ସାମାଜିକ ସମୀକ୍ଷା ବୈଠକ ଚାଲିଥିବା ବେଳେ ବିଡ଼ିଓ ଅଭିଷେକ ସ୍ୱାଇଁ ଓ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ମହିଳାମାନେ ପାନୀୟ ଜଳ ସମସ୍ୟା ନେଇ ଘେରାଉ କରି ପ୍ରତିବାଦ କରିଥିଲେ। ବ୍ଲକ୍‌ର ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ଗ୍ରାମାଳର ମୁଖ୍ୟ ସମସ୍ୟା ପ୍ରତି ପ୍ରଶାସନର ଆଗ୍ରହ ନଥିବା ସେମାନେ ଅଭିଯୋଗ କରିଥିଲେ । ବୈଠକରେ ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ମଧ୍ୟ ଏନେଇ ଉଦବେଗ ପ୍ରକାଶ କରିଥିଲେ।



## ଘଡିଆମାଳ ପଞ୍ଚାୟତ ଲିଗଃ ପଣ୍ଡା ବ୍ରଦର୍ସ ଚମ୍ପିୟାନ



**ରାଜନଗର,୨୬।୩ (ସଂଚାର ବ୍ୟୁରୋ)**: ରାଜନଗର ବ୍ଲକ ଘଡିଆମାଳ ପଡିଆରେ ଚାଲିଥିବା ଘଡିଆମାଳ ଲିଗରେ ବଜରଙ୍ଗୀ ଫାଇଟର୍ସକୁ ୫ ଉଇକେଟରେ ହରାଇ ପଣ୍ଡା ବ୍ରଦର୍ଶ ଚମ୍ପିୟାନ ହୋଇଛି | ପ୍ରଥମେ ବ୍ୟାଟିଂ କରି ବଜରଙ୍ଗୀ ଫାଇଟର୍ସ ୧୩ ଓଭରରେ ୧୧୮ ରନ କରି ଅଲଆଉଟ ହୋଇଯାଇଥିଲେ। ୧୧୯ ରନର ବିଜୟ ଲକ୍ଷ ନେଇ ପଡିଆକୁ ଓହଲ୍ଲାଇଥିବା ପଣ୍ଡା ବ୍ରଦର୍ଶ ୧୨ ଓଭରରେ ୫ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ନେଇଥିଲା |

ଆୟୋଜକ ଘଡିଆମାଳ ପଞ୍ଚାୟତ ଲିଗର ସଭାପତି ସମାଜସେବୀ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ ମାନସ କୁମାର ଦାସ, ସଂମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର , ଯୁବନେତା ରାକେଶ ନାୟକ ମୁଖ୍ୟ ବକ୍ତା ଭାବେ ଘଡିଆମାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧର ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷକ ଦର୍ପ ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ |

## ହରି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଡେରାବିଶ, ୨୬।୩ (ସଂଚାର ବ୍ୟୁରୋ)**: ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ମା ଜୟଚଣ୍ଡୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହରି ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ୨୪ ଗୋଟି ଟିମ୍‌କୁ ନେଇ ଦୋହଲୀସ୍ଥିତ ବିବି ମଡ଼େଲ ହାଇସ୍କୁଲର ଖେଳ ପଡ଼ିଆରେ ହୋଇ ଆସୁଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ କଟକ ଜିଲ୍ଲା ବଡ଼କ୍ଷୀର ଗ୍ରାମର ବିଂଶଭୂଜା କ୍ରିକେଟ ଟିମ୍ ଓ କଟିକଟାର ଉତ୍କଳ ଯୁବ ପରିଷଦ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଂଶଭୂଜା କ୍ରିକେଟ୍ କ୍ଲବ, ଉତ୍କଳ ଯୁବ ପରିଷଦକୁ ହରାଇ ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା।

ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାକୁ ବୈଷ୍ଣବ ଚରଣ ସ୍ୱାଇଁ ସଂଯୋଜନା କରିଥିବା ବେଳେ ଅତିଥିଭାବରେ ପ୍ରକୃତିବନ୍ଧୁ ଜେନାମଣି ବଳ, ମାନସ କୁମାର ଘଡ଼େଇ, ଯଶୋବନ୍ତ ନାରାୟଣ ପଣ୍ଡା, ବୈରାଗୀ ଚରଣ ପଣ୍ଡା, ଶିକ୍ଷକ ଉତମ ସ୍ୱାଇଁ, ଆଇନଜୀବୀ ପ୍ରତାପ ଶତପଥି ପ୍ରମୁଖ ଯୋଗଦେଇ ବିଂଶଭୂଜା ଟିମ୍‌କୁ ଚମ୍ପିଆନ୍ ଟ୍ରଫି ଓ ଉତ୍କଳ ଯୁବ ପରିଷଦ ଟିମ୍‌କୁ ରନର୍ସକପ୍ ପ୍ରଦାନ କରିଥିଲେ। ଏଥିସହିତ ଟୁର୍ଣ୍ଣାମେଣ୍ଟରେ ଶୃଙ୍ଖଳିତ ଓ ସୁନ୍ଦର ଖେଳ ପ୍ରଦର୍ଶନ ପାଇଁ ସାଲେପୁରର ବିବିଏଲ୍ କ୍ରିକେଟ୍ ଟିମ୍‌କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦୟନାଥ ସ୍ୱାଇଁ ଏବଂ ଦିଲ୍ଲିପ ଦାସ ଖେଳ ପରିଚାଳନା କରିଥିଲେ।

**ଯାଜପୁରରେ ଏଲପିଜି ସଙ୍କଟ**

## ଗ୍ୟାସ ପାଇଁ ବିତରଣ କେନ୍ଦ୍ର ଆଗରେ ଗ୍ରାହକଙ୍କ ଭିଡ଼

**ଯାଜପୁର ଟାଉନ,୨୬।୩ (ସଂଚାର ବ୍ୟୁରୋ)**: ଆଜି ସକାଳୁ ଯାଜପୁର ସହରର ଗରିଆପୁର ସ୍କୁଲ ସାମ୍ନାରେ ଥିବା ଏମ୍.ଏସ୍. ବିରଜା ଇଣ୍ଡେନ ଏଲ.ପି.ଜି ବିତରଣ କେନ୍ଦ୍ରରେ ଅସାମାନ୍ୟ ଭିଡ଼ ଦେଖାଯାଇଛି। ସକାଳୁ ଆରମ୍ଭ ହୋଇଥିବା ଏହି ଭିଡ଼ ପରେ ପରେ ବଢ଼ି ଗୁରୁତର ଆକାର ନେଇଥିଲା ଓ ପ୍ରାୟ ୨୦୦ରୁ ଅଧିକ ଉପଭୋକ୍ତା ଦୀର୍ଘ ଲାଇନ୍‌ରେ ଠିଆ ହୋଇଥିବା ଦେଖାଯାଇଥିଲା। ଗ୍ୟାସ ସିଲିଣ୍ଡର ପାଇଁ ଏହି ଲାଇନ୍ ଗରିଆପୁର ଠାରୁ ମେଡିକାଲ୍ ଛକକୁ ଯାଇଥିବା ମୁଖ୍ୟ ରାସ୍ତା ମଝାମଝିକୁ ପହଞ୍ଚିଯାଇଥିଲା। ଏହାର ପରିଣାମରେ




ଟ୍ରାଫିକ୍ ଚଳାଚଳ ବ୍ୟାପକ ଭାବେ ବାଧାପ୍ରାପ୍ତ ହୋଇଥିଲା।

ଉପଭୋକ୍ତାମାନଙ୍କ ମଧ୍ୟରୁ କିଛି ଲୋକ ଅଭିଯୋଗ କରିଛନ୍ତି ଯେ— କିଛି ଖୁଚୁରା ବିତରକଙ୍କ ଦ୍ୱାରା ଏଲ.ପି.ଜି ସିଲିଣ୍ଡରର ଅନିୟମିତ ବିତରଣ ହେଉଛି। ବଜାରରେ କେତେକ ସ୍ଥାନରେ ସିଲିଣ୍ଡର ଅଧିକ ଦରରେ (କଳାବଜାରୀ) ବିକ୍ରି ହେଉଥିବା ଦାବି ଉଠିଛି। ସ୍ଥାନୀୟ ସୂଚନା ଅନୁସାରେ— ପୂର୍ବରୁ ବର୍ଷକୁ ୧୨ଟି ସିଲିଣ୍ଡର ନେଉଥିବା କିଛି ଲୋକ ବର୍ତ୍ତମାନ ପ୍ରତ୍ୟେକ ୨୫- ୩୦ ଦିନରେ ସିଲିଣ୍ଡର ନେବାକୁ ଆସୁଛନ୍ତି। ଏହି ପରିସ୍ଥିତି ଫଳରେ ସାଧାରଣ ଉପଭୋକ୍ତାଙ୍କ ପାଇଁ ଏଲ.ପି.ଜି ଉପଲବ୍ଧତାରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି।

ସ୍ଥାନୀୟ ଲୋକ ଓ ଉପଭୋକ୍ତାମାନେ ତତ୍କାଳ ଦାବି ଉଠାଇଛନ୍ତି— ବିତରଣ ପ୍ରଣାଳୀର ସଂପୂର୍ଣ୍ଣ ତଦନ୍ତ, ଗୋଦାମ ଓ ସପ୍ଲାଇ ଚେନ୍‌ର ଯାଞ୍ଚ, କଳାବଜାରୀ ହେଉଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ। ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ କିମ୍ବା ଯୋଗାଣ ବିଭାଗର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ତଥାପି ଘଟଣାର ଗୁରୁତ୍ୱ ଦୃଷ୍ଟିରେ ଶୀଘ୍ର ତଦନ୍ତ ଆରମ୍ଭ ହେବାର ସମ୍ଭାବନା ରହିଛି।



# ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୋଫିଆ ଓ ପ୍ରତିନିଧିମଣ୍ଡଳୀ**

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ରାଜ୍ୟର ଅନ୍ୟତମ ପ୍ରାଚୀନ ଶିକ୍ଷାନୁଷ୍ଠାନ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦାବି ଏବେ ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ଆଜି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ କଲେଜର ପୁରାତନ ଛାତ୍ରୀ ସଂସଦର ସଦସ୍ୟା, ମଧୁ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରୀମାନେ ସାମିଲ ହୋଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ସୋଫିଆ ଏହି ମହାବିଦ୍ୟାଳୟର ଐତିହାସିକ ଗୁରୁତ୍ୱ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ମହିଳାମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶୈଳବାଳା ମହିଳା କଲେଜ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ରାଜ୍ୟର ମହିଳା ସଶକ୍ତିକରଣର ଏକ ପ୍ରତୀକ ହୋଇଥିବାରୁ ଏହାକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ସେ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା ପୁରାତନ ଛାତ୍ରୀ ପୁଷ୍ପା ସାମଲ, ଗିରିବାଳା ବେହେରା ଥିଲେ।

# ଏକାମ୍ର କ୍ଷେତ୍ର ଜନସମୁଦ୍ର

## ଅଣଲେଉଟା ରଥରେ ଦର୍ଶନ ଦେଉଛନ୍ତି ଲିଙ୍ଗରାଜ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ପବିତ୍ର ଅଶୋକାଷ୍ଟମୀ ଓ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଜନସମୁଦ୍ର ପାଲଟିଲା ଏକାମ୍ର କ୍ଷେତ୍ର। ବୁଧବାର ବିଳମ୍ବିତ ରାତିରେ ରୁକୁଣା ରଥ ପ୍ରତିଷ୍ଠା ପୂଜା ଶେଷ ହୋଇଥିଲା। ରଥରେ ସ୍ୱୟଂ ବ୍ରହ୍ମା ସାରଥୀ ହୋଇଛନ୍ତି ଓ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଳଗୋବିନ୍ଦ ଓ ମା' ଦୁର୍ଗା ବିରାଜମାନ ହୋଇ ରାମେଶ୍ୱରକୁ ଯାତ୍ରା କରୁଛନ୍ତି। ପ୍ରଶାସନ ତରଫରୁ ଏ ବର୍ଷ ସଅଳ ନୀତି ନିର୍ଘଣ୍ଟ ନିର୍ଦ୍ଧାରଣ ହୋଇଥିଲା। ପହିଲି ନୀତି ମଙ୍ଗଳ ଆଳତି ଓ ଅବକାଶ ଭୋର ୪ଟାରୁ ସାଢ଼େ ୪ଟା ଭିତରେ ସରିଥିଲା। ମା' ଭୁବନେଶ୍ୱରୀଙ୍କ ବଲ୍ଲଭ ଓ ସକାଳଧୂପ ପରେ ବାସଯୁକ୍ତ ମୁଗ ଡାଲି ଲାଗି ହୋଇଥିଲା। ଏଥିସହ ଅନ୍ୟ ଭୋଗ ଖାଇବା ପରେ ପହଣ୍ଡି ହୋଇଥିଲେ ଠାକୁର। ପହଣ୍ଡି ପରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଟଣା ଆରମ୍ଭ ହୋଇଥିଲା।

ତେବେ ରଥଟଣା ସମୟରେ ବାଧା ଦେଇଥିଲା କାଳବୈଶାଖୀ। ଭକ୍ତ ଓ ଭଗବାନ ବର୍ଷାରେ ଭିଜିଥିଲେ। ତେବେ



ଆଜି ଅଧା ବାଟରେ ଅଟକିଲା ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ। ପୁରୁଣା ଭୁବନେଶ୍ୱର ବଡ଼େଇବାଙ୍କ ଛକରେ ରଥ ଅଟକିଛି। ଆଜି ପାଇଁ ବନ୍ଦ ହୋଇଛି ରଥଟଣା। କାଲି ପୁଣି ଟଣାଯିବ ରଥ। ଆଜି ପ୍ରବଳ ବର୍ଷା ଓ ପବନ ସତ୍ତ୍ୱେ ରଥଟଣା ହୋଇଥିଲା। ବର୍ଷା ପାଇଁ ଘଣ୍ଟାଏ କାଳ ରଥ ଅଟକିବା ପରେ ପୁଣି ଟଣାଯାଇଥିଲା। ଏହି ସମୟରେ ରାସ୍ତାକଡ଼ ଡ୍ରେନ୍ ଉପରେ ଚଢ଼ିଯାଇଥିଲା ରୁକୁଣା ରଥ। ଏପରିକି ଲୋକଙ୍କ ଘର ଉପରକୁ ସାମାନ୍ୟ ମାଡ଼ି ମଧ୍ୟ ଯାଇଥିଲା। ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଳଗୋବିନ୍ଦ ଓ ମା' ଦୁର୍ଗା ରୁକୁଣା ରଥରେ ବିରାଜମାନ କରି ରାମେଶ୍ୱର ଅଭିମୁଖେ ବାହାରିଛନ୍ତି। ଆସନ୍ତା ୩୦ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ।

# ୪.୦୬ ଟନ୍ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୨୬।୩(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲାରେ ଅବାଧ ଗଞ୍ଜେଇ ଚାଷ ଓ ଚାଲାଣକୁ ରୋକିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅଡ଼ବା ପୁଲିସ ଆଜି ବଡ଼ ସଫଳତା ପାଇଛି। କେଶରୀଗୁଡ଼ା ଗ୍ରାମାଞ୍ଚଳରୁ ପ୍ରାୟ ୪ ଟନ୍ (୪୦୬୦ କେଜି) ଗଞ୍ଜେଇ ଜବତ କରାଯାଇଛି। ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ନେତୃତ୍ୱ ଓ ଅଡବା ଥାନାଧିକାରୀ ଶୁଭ୍ରକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅପରେସନ ହୋଇଥିଲା। ଆଜି ପ୍ରତ୍ୟୁଷରେ କେଶରୀଗୁଡ଼ାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ନେଇ ପୁଲିସ ସୂଚନା ପାଇଥିଲା। ସେଠାରେ ଟିମ ଚଢ଼ାଉ କରି ୨୦୨ଟି ପ୍ଲାଷ୍ଟିକ ଜରି ବ୍ୟାଗରେ ଭର୍ତ୍ତି ହୋଇଥିବା ଗଞ୍ଜେଇ ଉଦ୍ଧାର କରିଥିଲା। ମୋହନା ତହସିଲଦାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ସମୁଦାୟ ୪.୦୬ ଟନ୍ ଗଞ୍ଜେଇ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪ କୋଟି ହେବ ବୋଲି କୁହାଯାଇଛି। ତେବେ ଏହି ଘଟଣାରେ କାହାରିକୁ ବି ଗିରଫ କରାଯାଇପାରିନାହିଁ। ଘଟଣାରେ ଅଡ଼ବା ଥାନାରେ ୬୮/୨୬ରେ ଏକ ମାମଲା ରୁଜୁ ହୋଇଛି। ଏନେଇ ପୁଲିସ୍ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଏସପି ଶ୍ରୀ ପଣ୍ଡା କହିଛନ୍ତି। ତେବେ ଗଜପତି ପୋଲିସର ଏହି ବଡ଼ ଧରଣର ଜବତ ଘଟଣା ଚୋରା ଗଞ୍ଜେଇ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି।

# ସୁକିନ୍ଦା-ଅନୁଗୁଳ ମଧ୍ୟରେ ଚାଲୁ ଯାତ୍ରୀବାହୀ ଟ୍ରେନ୍

- ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରଫୁଲ୍ଲ ଘଡ଼ାଇ
- ଯାଜପୁର ରୋଡ-ଧାମରା ରେଳ ଲାଇନ କାମ ତ୍ୱରାନ୍ୱିତ କରିବାକୁ ଦାବି



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଯାଜପୁର ରୋଡ ଧାମରା ରେଳପଥ ସଂଗ୍ରାମ ସମିତିର ମୁଖ୍ୟ ପରାମର୍ଶଦାତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଦାବି ଅନୁଯାୟୀ ଯାଜପୁର ରୋଡ-ଧାମରା ରେଲୱେ ଲାଇନକୁ କେନ୍ଦ୍ର ରେଲୱେ ବୋର୍ଡ ଗତ ୨୦୨୫ ନଭେମ୍ବର ୧୯ ତାରିଖରେ ସରକାରୀ-ଘରୋଇ ଭାଗିଦାରୀରେ ନିର୍ମାଣ କରିବା ପାଇଁ ଅନୁମୋଦନ କରିଛି। ତେବେ ସୁକିନ୍ଦା-ଅନୁଗୁଳ ରେଳ ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ବୋର୍ଡ ମଞ୍ଜୁରୀ ଦେଇନାହିଁ। ତେଣୁ ଏଥିରେ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଘଡ଼ାଇ ଦାବି କରିଛନ୍ତି।

ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଶ୍ରୀ ଘଡାଇ କହିଛନ୍ତି ଯେ ଯାଜପୁର ରୋଡ ଧାମରା ରେଳପଥ ନିର୍ମାଣ ପାଇଁ ସଂଗ୍ରାମ ସମିତି ନେତୃତ୍ୱରେ ଦୀର୍ଘ ଦିନ ହେବ ହେବ ଆନ୍ଦୋଳନ ଚାଲିଛି। ରାଜ୍ୟପାଳ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଓ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି। ଏଥିସହ ସୁକିନ୍ଦା-ଅନୁଗୁଳ ଯାତ୍ରୀବାହୀ ଟ୍ରେନ ଚାଲିବା ପାଇଁ ମଧ୍ୟ ଦାବି କରାଯାଉଛି। ଗତବର୍ଷ ଡିସେମ୍ବରରେ ସଂଗ୍ରାମ ସମିତି ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିର ଉତ୍ତର ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ। ବିଭାଗ ପକ୍ଷରୁ କୁହାଯାଇଛି ଯେ ଯାଜପୁର ରୋଡ ଧାମରା ରେଲୱେ ଲାଇନକୁ କେନ୍ଦ୍ର ରେଲୱେ ବୋର୍ଡ ଗତବର୍ଷ ନଭେମ୍ବରରେ ପିପିପି ମୋଡ୍‌ରେ ନିର୍ମାଣ କରିବା ପାଇଁ ଅନୁମୋଦନ କରିଛି। ରାଜ୍ୟ ସରକାର ମଧ୍ୟ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅଂଶୀଦାରଙ୍କ ସହ ଆଲୋଚନା କରିଛନ୍ତି। ଆର୍ଥିକ ମଞ୍ଜୁରୀ ପାଇଁ ରେଲୱେ ବୋର୍ଡ କେନ୍ଦ୍ର ଅର୍ଥ ବିଭାଗକୁ ପ୍ରସ୍ତାବ ଦେଇଛି।

ଏହାଛଡ଼ା ଅନୁଗୁଳ-ସୁକିନ୍ଦା ରେଲୱେ ଲାଇନରେ ଏବେ କେବଳ ମାଲ ପରିବହନ କରୁଛି। ଏହା ଏସପିଭି ମାଧ୍ୟମରେ ନିର୍ମାଣ କରାଯାଉଥିବାରୁ ଏଥିରେ ୯ଟି ଷ୍ଟେସନର ବିକାଶ କରାଯାଇ ପାସେଞ୍ଜର ଟ୍ରେନ ଚଳାଚଳ କରିବା ପାଇଁ କେନ୍ଦ୍ରୀୟ ରେଲୱେ ବୋର୍ଡର ଅନୁମୋଦନ ଆବଶ୍ୟକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ ଜଣାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଯଥାଶୀଘ୍ର କେନ୍ଦ୍ର ରେଳ ବୋର୍ଡ ପକ୍ଷରୁ ଏହାକୁ ଅନୁମୋଦନ କରି ସୁକିନ୍ଦା-ଅନୁଗୁଳ ରେଳ ଲାଇନରେ ପାସେଞ୍ଜର ଟ୍ରେନ ଚଳାଇବା ଓ ଯାଜପୁର ରୋଡ- ଧାମରା ରେଳ ଲାଇନ କାମ ଆରମ୍ଭ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଶ୍ରୀ ଘଡ଼ାଇ କେନ୍ଦ୍ର ରେଳ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ରାଜଧାନୀରେ ନୂତନ 'ସ୍କୋଡା କୁଶାକ୍'ର ସ୍ୱତନ୍ତ୍ର ପ୍ରଦର୍ଶନ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଓଡ଼ିଶାର ଅଗ୍ରଣୀ ଅଟୋମୋବାଇଲ୍ ଡିଲରସିପ୍ 'ଏମ୍ପ୍ରିଓ ସ୍କୋଡା' ପକ୍ଷରୁ ଆଜି ଏଠାକାର ଏକ ହୋଟେଲଠାରେ ନୂତନ 'ସ୍କୋଡା କୁଶାକ୍'ର ଏକ ସ୍ୱତନ୍ତ୍ର ପ୍ରିଭ୍ୟୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସହରର ଉତ୍ସାହୀ ଗ୍ରାହକ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ବିଶିଷ୍ଟ ଅତିଥି ଯୋଗଦେଇଥିବା ବେଳେ ଏହି ନୂତନ ଏସୟୁଭିର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସମସ୍ତଙ୍କୁ ଆକର୍ଷିତ କରିଥଇଲା। କାର୍ଯ୍ୟକ୍ରମକୁ ଏମ୍ପ୍ରିଓ ସ୍କୋଡାର ଅଧ୍ୟକ୍ଷ ଗଙ୍ଗାଧର ସାମଲ, ପରିଚାଳନା ନିର୍ଦ୍ଦେଶକ ଡଃ ଅବିନାଶ ସାମଲ, ଏମ୍ପ୍ରିଓ ଗ୍ରୁପ୍‌ର ସିଇଓ ପାର୍ଥସାରଥୀ ଗୁରୁ ଓ ସ୍କୋଡା ଅଟୋ ଇଣ୍ଡିଆର ଆଞ୍ଚଳିକ ବିକ୍ରୟ ପରିଚାଳକ ପ୍ରଦୀପ କେମ୍ପାନା ଆରମ୍ଭ କରିଥିଲେ। ପରେ



ଏମ୍ପ୍ରିଓ ସ୍କୋଡାର ବିଜନେସ୍ ହେଡ୍ ପ୍ୟାରୀମୋହନ ଜେନା ଓ ସେଲ୍ସ ମ୍ୟାନେଜର ରଞ୍ଜନ ଘଡ଼େଇଙ୍କ ଦ୍ୱାରା ଗାଡ଼ିର ଆନୁଷ୍ଠାନିକ ଅନାବରଣ ହୋଇଥିଲା। ନୂତନ ସ୍କୋଡା କୁଶାକ୍‌ର ପ୍ରମୁଖ ଆକର୍ଷଣ ଏହାର ପ୍ରିମିୟମ୍ ଡିଜାଇନ୍ ଯେଉଁଥିରେ ରହିଛି ଆଧୁନିକ ଫ୍ରଣ୍ଟ ଓ ରିୟର ଡିଜାଇନ୍ ସହ ଏଲଇଡି ହେଡ୍‌ଲ୍ୟାମ୍ପ, ସିକ୍ୱେନ୍ସିଆଲ୍ ଟର୍ଣ୍ଣ ଇଣ୍ଡିକେଟର ଓ ଇଲେକ୍ଟ୍ରିକ୍ ସନରୁଫ୍ ଭଳି ସୁବିଧା। ପ୍ରଥମ ଥର ଏହି ସେଗମେଣ୍ଟରେ 'ରିୟର ସିଟ୍ ମସାଜର୍'ର ସୁବିଧା ମଧ୍ୟ ଦିଆଯାଇଛି। ଗ୍ଲୋବାଲ୍ ଏନସିଏପରେ ୫-ଷ୍ଟାର୍ ରେଟିଂ ପାଇଥିବା ଏହି ଗାଡ଼ିରେ ୪୦ରୁ ଅଧିକ ସୁରକ୍ଷା ଫିଚର୍ ରହିଛି। ଏଥିରେ ରେନ୍-ସେନ୍ସିଂ ୱାଇପର, ଅଟୋ ଆଇଆରଭିଏମ ଓ ରିୟର ଡିଫଗରକୁ ସମସ୍ତ ଭାରିଆଣ୍ଟରେ ରଖାଯାଇଛି।

ଗାଡ଼ିରେ ପ୍ରଥମ ଥର ବେସ୍ ଭାରିଆଣ୍ଟରୁ ୮-ସ୍ପିଡ୍ ଅଟୋମେଟିକ୍ ଗିୟରବକ୍ସର ବିକଳ୍ପ ରଖାଯାଇଛି। ପରଫର୍ମାନ୍ସପ୍ରେମୀଙ୍କ ପାଇଁ ୧.୫ ଟିଏସଆଇ ଇଞ୍ଜିନ୍ ସହ ୭-ସ୍ପିଡ୍ ଡିଏସଜି ଗିୟରବକ୍ସ ଉପଲବ୍ଧ। ଏଥିସହ ଉଚ୍ଚ ମଡେଲଗୁଡ଼ିକରେ ଅଲ୍-ହୁଇଲ୍ ଡିସ୍କ ବ୍ରେକ୍, ପାନୋରାମିକ ସନରୁଫ୍ ଓ ୨୬.୦୩ ସେମିର ଭର୍ଚୁଆଲ୍ କକପିଟ୍ ଦିଆଯାଇଛି। ନୂତନ ସ୍କୋଡା କୁଶାକ୍ ୧.୦ ଟିଏସଆଇ ରେଞ୍ଜ୍‌ର ଦାମ ୧୦ ଲକ୍ଷ ୬୯ ହଜାରରୁ ଆରମ୍ଭ ହେଉଥିବା ବେଳେ ଶକ୍ତିଶାଳୀ ୧.୫ ଟିଏସଆଇ ଭାରିଆଣ୍ଟର ମୂଲ୍ୟ ୧୮ ଲକ୍ଷ ୭୯ ହଜାର ଟଙ୍କାରୁ ଆରମ୍ଭ ହେଉଛି।



# ବିଧାନସଭା ଖବର

## ଖଣି ଜୋରିମାନା, ସବୁ ଆଦାୟ ହୋଇନି

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଶାହା କମିଶନଙ୍କ ସୁପାରିସ୍ ଅନୁଯାୟୀ ଖଣି ପଟାଦାରଙ୍କ ଉପରେ ଯେତିକି ଜୋରିମାନା ଧାର୍ଯ୍ୟ ହୋଇଥିଲା ତାହା ସମ୍ପୂର୍ଣ୍ଣ ଆଦାୟ ହୋଇପାରି ନାହିଁ। ବାକିଆ ଜୋରିମାନା ଆଦାୟ ପାଇଁ ରାଜ୍ୟ ସରକାର ସାର୍ଟିଫିକେଟ କେଶ୍ କରିଥିବାବେଳେ ସେହି ମାମଲା ଏବେ ବି ଚାଲିଛି। ଖଣି ଜୋରିମାନା ଆଦାୟ ସଂକ୍ରାନ୍ତରେ ବିଜେଡି ବିଧାୟକ ସାରଦା ପ୍ରସାଦ ନାୟକ ପଚାରିଥିବା ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏମ ବି ଶାହା କମିଶନଙ୍କ ଦ୍ୱାରା ଓଡିଶାରେ ଲୁହା, ମାଙ୍ଗାନିଜ ଖଣି ଅଞ୍ଚଳରେ ଘଟିଥିବା ଅବୈଧ ଖନନ ଅଭିଯୋଗ କ୍ରମେ ଦେଇଥିବ ମତ ମନ୍ତବ୍ୟ ଓ ଟିପ୍ପଣିକୁ ବିଚାର କରି ସୁପ୍ରିମକୋର୍ଟ ୨୦୧୭ ମସିହାରେ ଚୂଡ଼ାନ୍ତ ରାୟ ପ୍ରଦାନ କରିଥିଲେ। ତଦନୁଯାୟୀ ଅନିୟମିତତା ଯୋଗୁଁ ୧୩୨ ଜଣ ଖଣି ଖଟାଦାରଙ୍କ ଉପରେ ୧୮ ହଜାର ୧୬୯ କୋଟି ଟଙ୍କାର ଜୋରିମାନା ଆଦାୟ ପାଇଁ ଦାବି ହୋଇଥିଲା। ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୫ ହଜାର ୫୨୮ କୋଟି ଟଙ୍କା ମୂଳ ବାବଦକୁ ଓ ୬୫୪ କୋଟି ଟଙ୍କା ସୁଧ ବାବଦକୁ ଆଦାୟ ହୋଇଛି। ଖଣି ଅଞ୍ଚଳରେ ଗଚ୍ଛିତ ଥିବା ଖଣିଜ ପଦାର୍ଥକୁ ଧାର୍ଯ୍ୟ ସମୟରେ ହସ୍ତାନ୍ତର ନକରିବାରୁ ୩୦ ଜଣ ଖଣି ପଟାଧାରୀଙ୍କୁ ୩୬୨ କୋଟି ଟଙ୍କାର ଜୋରିମାନା ଆଦାୟପାଇଁ ଦାବି ହୋଇଥିଲା। ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ମୂଳ ବାବଦକୁ ୩୦୦ କୋଟି ଏବଂ ସୁଧ ବାବଦକୁ ୪୬ କୋଟି ଟଙ୍କା ଆଦାୟ ହୋଇଛି। ଜୋରିମାନା ଦେଇ ନ ଥିବା ଖଣି ପଟ୍ଟାଧାରୀଙ୍କ ବିରୁଦ୍ଧରେ ସାର୍ଟିଫିକେଟ କେଶ୍ ହୋଇଛି ଓ ଏହା ବିଚାରାଧୀନ ଥିବା ମନ୍ତ୍ରୀ କହିଛନ୍ତି।

## କମୁଛି ଭୂତଳ ଜଳସ୍ତର, ବଢ଼ିଲା ସରକାରଙ୍କ ଚିନ୍ତା

ଭୂତଳ ଜଳସ୍ତର ନେଇ ବିଧାନସଭାରୁ ଆସିଲା ଚିନ୍ତା ଜନକ ତଥ୍ୟ। ରାଜ୍ୟରେ ଲଗାତାର କମି ଚାଲିଛି ଭୂତଳ ଜଳସ୍ତର। ବିଗତ ୫ ବର୍ଷରେ ରାଜ୍ୟରେ ୦.୫୩ ପ୍ରତିଶତ ଏମବିଜିଏଲ (ମିଟର୍ସ ବିଲୋ ଗ୍ରାଉଣ୍ଡ ଲେଭୁଲ) ଭୂତଳ ଜଳସ୍ତର ହ୍ରାସ ପାଇଥିବା ରେକର୍ଡ ହୋଇଛି। କମୁଥିବା ଭୂତଳ ଜଳସ୍ତରକୁ ରୋକିବା ପାଇଁ ରାଜ୍ୟରେ ଆଡିବନ୍ଧ ଏବଂ ଗ୍ରାଉଣ୍ଡ ଓ୍ୱାଟର ରିଚାର୍ଜ ଓ୍ୱେଲ ନିର୍ମାଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାକୁ ପଦକ୍ଷେପ ନିଆଯାଉଛି। ଏତଦବ୍ୟତୀତ, ଭୂଗର୍ଭ ଜଳ ସ୍ତରର ଅବନତି ରୋକିବା ପାଇଁ ସମଗ୍ର ରାଜ୍ୟରେ ୩୩ଟି ବନ୍ଧ, ୨୭ଟି ବ୍ୟାରେଜ ଏବଂ ୮୯ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ କରିବା ପାଇଁ ଯୋଜନା କରାଯାଇଛି ବୋଲି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ସଡ଼କରେ ଗଡୁଛି ମୁଣ୍ଡ, ପ୍ରତି ବର୍ଷ ବଢୁଛି ସଂଖ୍ୟା

୨୦୨୪ରେ ଦୈନିକ ୧୭ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବେଳେ ୩୦ ଜଣ ଆହତ ହେଉଥିଲେ। ହେଲେ ୨୦୨୫ରେ ଦୈନିକ ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ତେବେ ଦୈନିକ ଆହତ ସଂଖ୍ୟା ୩୦ରେ ସ୍ଥିର ରହିଛି। ଆଇଆଇଟି ମାଡ୍ରାସର ରିସର୍ଚ୍ଚରୁ ଏହି ତଥ୍ୟ ହସ୍ତଗତ କରିଛି କ୍ରାଇମ ବ୍ରାଞ୍ଚ। ଏହି ତଥ୍ୟ ଅନୁସାରେ, ୨୦୨୪ ରେ ୬୧୪୨ ମୁଣ୍ଡ ନେଇଥିଲା ଓଡ଼ିଶାର ସଡ଼କ, ଯାହା ୨୦୨୫ରେ ବଢ଼ି ୬୪୮୩ରେ ପହଁଚିଛି। ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା।

## ଅମାନିଆ ଗାଡି ଚାଳକ ସାବଧାନ, କଟିବ ଲାଇସେନ୍ସ

ରାଜ୍ୟରେ ଗତ ଦୁଇ ବର୍ଷରେ ୬୫ ହଜାର ୬୪୯ ଅମାନିଆ ଗାଡି ଚାଳକ ହରାଇଛନ୍ତି ଡ୍ରାଇଭିଙ୍ଗ ଲାଇସେନ୍ସ। ଜରିମାନା ବି ମୋଟା ଆକାରରେ ଆଦାୟ ହୋଇଛି। ହଜାର କି ଲକ୍ଷ ନୁହେଁ, କୋଟି କୋଟି ଟଙ୍କାର ଜରିମାନା ଆଦାୟ କରିଛନ୍ତି ସରକାର। ଗତ ଦୁଇ ବର୍ଷ ମଧ୍ୟରେ ୨୧୬ କୋଟି ୭୧ ହଜାର ୭୫୬ ଟଙ୍କା ଫାଇନ ଆଦାୟ କରାଯାଇଛି। ଗୃହରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।

## ଡରୁନାହାନ୍ତି ଜମି ମାଫିଆ

ରାଜ୍ୟରେ ବହୁ ଜବରଦଖଲକାରୀ ଦଖଲ କରିଛନ୍ତି ଏକର ଏକର ଜମି। ସରକାରୀ ଜମିକୁ ମଧ୍ୟ ବେଆଇନ ଭାବେ କବଜା କରିବାକୁ ବି ପଛାଉନାହାନ୍ତି ମାଫିଆ। ରାଜ୍ୟର ୨୬ ଜିଲ୍ଲାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏବେ ବି ୭୪୨୩୮ ଏକର ୫୪୨ ଡ଼ିସିମିଲ ସରକାରୀ ଜମି ଜବରଦଖଲରେ ରହିଛି। ସେପଟେ ୧୩୭୧୧୯ ଏକର ୬୫୩ ଡିସିମିଲ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଛି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

● ଶ୍ୱେତପତ୍ର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଘେରିଲା ବିଜେଡି

# ପୂର୍ବ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ ହାସ୍ୟାସ୍ପଦ



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ରାଜ୍ୟରେ ଘଟୁଥିବା ଅପରାଧ ଉପରେ ଗତକାଲି ବିଧାନସଭାରେ ଶ୍ୱେତପତ୍ର ପ୍ରକାଶ କରିବା ପରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କ ଅପରାଧ ପ୍ରେମ ଶେଷ ବୋଲି ସାମାଜିକ ଗଣମାଧ୍ୟମରେ ଦେଇଥିବା ଟିପ୍ପଣୀ ଉପରେ ଆଜି ବିଜେଡି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଅପରାଧ ଶ୍ୱେତପତ୍ର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୂର୍ବ ସରକାରଙ୍କ ଅପରାଧ ପ୍ରେମ ଶେଷ ବୋଲି ଦେଇଥିବା ଟିପ୍ପଣୀ କେବଳ ଭ୍ରମ ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀରୁ ପୂର୍ବ ସରକାରଙ୍କ ସମୟରେ ଘଟିଥିବା ଅପରାଧ ତୁଳନାରେ ବିଜେପି ସରକାର ସମୟରେ ଅପରାଧ କମିଛି ବୋଲି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଗଣମାଧ୍ୟମରେ ପ୍ରକାଶିତ ସମ୍ପୂର୍ଣ୍ଣ ରିପୋର୍ଟ୍‌ରୁ ଅପରାଧ କମିବା ପରିବର୍ତ୍ତେ ବଢ଼ିଛି ବୋଲି ସ୍ପଷ୍ଟ ହୋଇଛି। ସରକାର ପ୍ରକାଶ କରିଥିବା ଶ୍ୱେତପତ୍ର ଅନୁଯାୟୀ, ରାଜ୍ୟରେ ପୂର୍ବ ବର୍ଷ ତୁଳନାରେ ଅପରାଧ ୭.୩ ପ୍ରତିଶତ ବଢ଼ିଛି। ୨୦୨୪ରେ ସମୁଦାୟ ୨,୧୪,୧୧୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ରେ ଅପରାଧ ମାମଲା ସଂଖ୍ୟା ୨,୨୯,୮୮୧ରେ ପହଞ୍ଚିଛି। ରାଜ୍ୟରେ ପ୍ରତିଦିନ ୮ଟି ଦୁଷ୍କର୍ମ ଓ ୪ଟି ହତ୍ୟାକାଣ୍ଡ ଘଟୁଛି। ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି।

# ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଓ ଲିଙ୍ଗ ସମାନତା) ପ୍ରଫେସର କହ୍ନେୟା ତ୍ରିପାଠୀ ଗତକାଲି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀସେବାରେ ସମାନତା ଓ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହ ମଧ୍ୟ ଶ୍ରୀ ତ୍ରିପାଠୀ ବିସ୍ତୃତ ଆଲୋଚନା କରିଥିଲେ।



ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ଶ୍ରୀ ତ୍ରିପାଠୀ ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ, ସୂଚିତ ସମ୍ମତି, ରୋଗୀ ସମ୍ମାନ ଓ ଅଣପାକ୍ଷିକତା ଭଳି ପ୍ରମୁଖ ଦିଗଗୁଡ଼ିକୁ ଏକ ଅଧିକାରଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ଭାବେ ଶ୍ରୀ ତ୍ରିପାଠୀ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଥିଲା, ଯାହାକି ରୋଗୀଙ୍କ ଅଭିଯୋଗକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବା ସହ ସଚେତନତା ଓ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ପରିଚାଳନା କରିବା, ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ପାଇଁ ତାଲିମ ଅଧିବେଶନ ଆୟୋଜନ, ଏନ୍‌ଏଚ୍‌ଆରସି ନିର୍ଦ୍ଦେଶାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବ। ସେହିପରି ରୋଗୀ ସେବା ପ୍ରଦାନରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ଏପରି ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ପ୍ରସ୍ତାବକୁ ଡ. ବିଶ୍ୱାସ ସମର୍ଥନ କରିଥିଲେ।

# ପାରଳାଖେମୁଣ୍ଡିରେ ବିଜେଡିର ଶକ୍ତି ବୃଦ୍ଧି

## ଦଳରେ ମିଶିଲେ ବହୁ ବିଜେପି କର୍ମୀ



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ଆଜି ବିଜେଡିରେ ଯୋଗ ଦେଇଛନ୍ତି। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୋଷାଣୀ ବ୍ଲକ ରମ୍ଭା ପଞ୍ଚାୟତର ସରପଞ୍ଚ ଝୁନି ସବର, ନିରଞ୍ଜନ ଶବରଙ୍କ ସମେତ ଶତାଧିକ ବିଜେପି କର୍ମୀ ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି।

ଯୋଗଦାନ ପରେ ବିଜେପି କର୍ମୀମାନେ କହିଥିଲେ ଯେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କରିଥିବା ଉନ୍ନତିମୂଳକ କାର୍ଯ୍ୟ ଓ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ୍ ହୋଇଛନ୍ତି। ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ସେମାନେ ସୁଚାରୁ ରୂପେ ସମ୍ପାଦନ କରିବେ। ଆଗାମୀ ଦିନରେ ଦଳକୁ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ମଜଭୁତ କରିବା ପାଇଁ ମଧ୍ୟ ସେମାନେ କାମ କରିବେ ବୋଲି କହିଛନ୍ତି। ଗତକାଲି ବାଲେଶ୍ୱର ଜିଲ୍ଲାର ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ନେତୃତ୍ୱରେ ସହସ୍ରାଧିକ ବିଜେପି କର୍ମୀ ଭାବେ ବିଜେଡିରେ ଯୋଗଦେଇଥିବା ବେଳେ ଆଜି ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ଯୋଗଦାନ କରିଛନ୍ତି। ତେଣୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ବିଜେଡି ପ୍ରତି ଗ୍ରହଣୀୟତା ଧିରେ ଧିରେ ବଢ଼ିବାରେ ଲାଗିଛି।

ଏହି ମିଶ୍ରଣ ପର୍ବରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସୁର ମହାପାତ୍ର, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଭୀର ରାଜୁ, ଜିଲ୍ଲା ପରିଷଦ ସଭ୍ୟ ବାଲ୍ ରାଜୁ ଉପସ୍ଥିତ ଥିଲେ।

# ସୂର୍ଯ୍ୟମଣି ଦେବୀଙ୍କ ଏକାଦଶାହରେ ବୃଷଭ ଉତ୍ସର୍ଗ

ପୁରୀ/କୋଣାର୍କ(ସଂଚାର ବ୍ୟୁରୋ): କୁରୁଜଙ୍ଗ ଗ୍ରାମର ବର୍ଷିଆନ ମହିୟସୀ ମହିଳା ତଥା ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ଦେବୀଙ୍କ ଦଶାହ ଓ ଏକାଦଶାହ କାର୍ଯ୍ୟକ୍ରମ ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ଗହଣରେ ସମାପ୍ତ ହୋଇଛି। ଏହି ଅବସରରେ ପିତୃଲୋକଙ୍କ ସଦଗତି ଉଦ୍ଦେଶ୍ୟରେ ଏକ ବୃଷଭ ଉତ୍ସର୍ଗ କାର୍ଯ୍ୟକ୍ରମ ଗ୍ରାମର ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ନିକଟରେ ଅନୁଷ୍ଠିତ ହୋଇଛି। ସ୍ୱର୍ଗୀୟ ସୂର୍ଯ୍ୟମଣି ଦେବୀଙ୍କ ବଡ଼ପୁଅ ପ୍ରଫୁଲ୍ଲ କୁମାର ମହାପାତ୍ର କାର୍ଯ୍ୟକ୍ରମରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୁଳପୁରୋହିତ ପ୍ରଫୁଲ୍ଲ ଶତପଥୀଙ୍କ ପୌରୋହିତ୍ୟରେ ଓ ଆଚାର୍ଯ୍ୟ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ର, ରବି ନାରାୟଣ କର, ଚନ୍ଦନ କୁମାର ମିଶ୍ର, ବିଜୟ କୁମାର ଷଡ଼ଙ୍ଗୀ, ଦେବବ୍ରତ ଦାସ, ଭବାନୀ ଶଙ୍କର



ମିଶ୍ର, ଦେବୀପ୍ରସାଦ ତ୍ରିପାଠୀ, ମନୋରଞ୍ଜନ କର, ଦୀନବନ୍ଧୁ ମିଶ୍ର, ନୀଳକଣ୍ଠ ଓ ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ପୂଜାବିଧି ସମ୍ପନ୍ନ ହୋଇଥିଲା। ଧାର୍ମିକ ରୀତିନୀତି ଅନୁଯାୟୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗୀୟ ସୂର୍ଯ୍ୟମଣି ଦେବୀଙ୍କ ଏକମାତ୍ର କନ୍ୟା ପ୍ରମିଳା, ପୁତ୍ର ପ୍ରଫୁଲ୍ଲ, ତ୍ରିଭୁବନ, ପ୍ରମୋଦ, ପ୍ରସନ୍ନଙ୍କ ସମେତ ସମସ୍ତ ପୁତ୍ରବଧୂ, ନାତି-ନାତୁଣୀ, ନାତୁଣୀ ଜ୍ୱାଇଁ ଓ ଅଣନାତି-ନାତୁଣୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ସୂର୍ଯ୍ୟମଣି ଦେବୀ କୁରୁଜଙ୍ଗ ପଞ୍ଚାୟତର ପ୍ରଥମ ସରପଞ୍ଚ ଭାବେ ଅଞ୍ଚଳର ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ପୂଜସ୍ଥଳୀରେ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ଶାନ୍ତି ଓ ସ୍ୱର୍ଗପ୍ରାପ୍ତିର କାମନା କରିଥିଲେ।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବ୍ୟୟ ନୈରାଶ୍ୟଜନକ

ଭୁବନେଶ୍ୱର,୨୬।୩: ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ ପ୍ରତିବର୍ଷ ବଜେଟ୍‌ରେ ଅର୍ଥ ପରିମାଣ ବୃଦ୍ଧି ପାଉଥିବାବେଳେ ସେହି ଅନୁଯାୟୀ ଖର୍ଚ୍ଚ ହେଉନାହିଁ। ଚଳିତ ଆର୍ଥିକ ବର୍ଷରେ ବିଭାଗର ବଜେଟ୍ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।

ବିଭାଗ ପକ୍ଷରୁ ବିଧାନସଭାରେ ଦିଆଯାଇଥିବା ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀରୁ ଏହା ପରିଲକ୍ଷିତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ବିଭାଗ ପାଇଁ ବଜେଟ୍‌ରେ ୯୯୭୨ କୋଟି ୫୬ଲକ୍ଷ ବରାଦ ହୋଇଥିଲେ ଆର୍ଥିକବର୍ଷ ସରିବାକୁ ଯାଉଥିବାବେଳେ ଖର୍ଚ୍ଚ ହୋଇଛି ୪୨୬୭ କୋଟି ଟଙ୍କା। ବିଗତ ଦୁଇ ବର୍ଷର ବ୍ୟୟକୁ ଦେଖିଲେ ଏହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।

ବିବରଣୀରେ ଦର୍ଶାଯାଇଛି ଯେ ୨୦୨୩-୨୪ ବର୍ଷରେ ବିଭାଗ ପାଇଁ ବଜେଟ୍‌ରେ ୯୦୭୧ କୋଟି ୮୯ ଲକ୍ଷ ଟଙ୍କାର ବ୍ୟୟବରାଦ ଥିବା ବେଳେ ସେହିବର୍ଷ ବିଭାଗ ଖର୍ଚ୍ଚ କରିଥିଲା ୭୭୭୪. ୬୪ କୋଟି ଟଙ୍କା। ସେହିଭଳି ୨୦୨୪-୨୫ ବର୍ଷରେ ବଜେଟ୍‌ରେ ବ୍ୟୟବରାଦ ବୃଦ୍ଧି ପାଇଁ ୯୬୦୩ କୋଟି ୩୩ଲକ୍ଷ ଟଙ୍କା ହୋଇଥିବା ବେଳେ ବିଭାଗ ଖର୍ଚ୍ଚ କରିଥିଲା ୭୭୮୯ କୋଟି ୮୦ ଲକ୍ଷ ଟଙ୍କା। ତେବେ ଚଳିତ ଆର୍ଥିକ ବର୍ଷରେ ବଜେଟ ପରିମାଣ ବୃଦ୍ଧି ପାଇଥିବାବେଳେ ଖର୍ଚ୍ଚ କିନ୍ତୁ ଆଶାନୁରୂପ ହୋଇପାରି ନାହିଁ।ବଜେଟ୍ ବ୍ୟୟବରାଦ ବୃଦ୍ଧି ଜାରି ରହି ୨୦୨୬-୨୭ ବର୍ଷ ପାଇଁ ଏହା ୧୦ହଜାର କୋଟି ଟଙ୍କାକୁ ଟପିଯାଇଛି। ମୋଟ୍ ୧୦,୭୨୬ କୋଟି ୮୬ଲକ୍ଷ ଟଙ୍କା ମଧ୍ୟରୁ ଯୋଜନା ବ୍ୟୟ ୬୬୫୦ କୋଟି ଟଙ୍କା ରହିଥିବାବେଳେ ରାଜ୍ୟରୁ ହସ୍ତାନ୍ତରିତ ଅନୁଦାନ ବାବଦରେ ୩୩୩୪ କୋଟି ଟଙ୍କା ରହିଛି। ପ୍ରତିଷ୍ଠାନ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ୭୪୨ କୋଟି ୭୮ ଲକ୍ଷ ଟଙ୍କା ରହିଥିବା ଜଣାଯାଇଛି।

ତେବେ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ୨୩୦୦ କୋଟି ଟଙ୍କା ଥିବାବେଳେ ଖର୍ଚ୍ଚ ହୋଇଛି ପାଖାପାଖି ୬୭୫ କୋଟି ଟଙ୍କା। ସେହିଭଳି ରାଜ୍ୟ ଯୋଜନାରେ ୪୩୨୦ କୋଟି ଟଙ୍କା ଥିବାବେଳେ ଏଥିରୁ ୨୧୩୩ କୋଟି ଟଙ୍କା ଖର୍ଚ୍ଚ ହୋଇପାରିବ। ମୋଟ୍ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୬୬୨୦ କୋଟି ଟଙ୍କା ଥିବାବେଳେ ଏଥିରୁ ୫୦ ପ୍ରତିଶତ ଅର୍ଥ ବ୍ୟୟ ହୋଇନଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ପ୍ରତିଷ୍ଠାନ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ବଜେଟ୍‌ରେ ପ୍ରାୟ ୬୮୯ କୋଟି ଟଙ୍କା ଥିବା ବେଳେ ଏଥିରୁ ୩୦୨ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି।

ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରେ ବିଭାଗର ନୈରାଶ୍ୟଜନକ ବଜେଟ୍ ବ୍ୟୟ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। କାରଣ ବର୍ଷକୁ ବର୍ଷ ବିଭାଗ ପାଇଁ ବଜେଟ୍ ପରିମାଣ ବଢୁଥିବାବେଳେ କ୍ଷେତ୍ର ସ୍ତରରେ ଅର୍ଥ ବ୍ୟୟ ହେଇପାରୁନାହିଁ। (ତଥ୍ୟ)

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୨୭ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Friday 27 March 2026, Bhubaneswar


### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଫେରିବ କି ଲକଡାଉନ୍?

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ବିଶ୍ୱ ଅର୍ଥନୀତିକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ଇରାନ-ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲ ସଂଘର୍ଷ ଫଳରେ ହର୍ମୁଜ ପ୍ରଣାଳୀ ବନ୍ଦ ହୋଇଯାଇଛି। ଏହା ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ପାଇ ୧୨୦ ଡଲାର ଛୁଇଁଲାଣି। ଭାରତ ଯାହା ବିଶ୍ୱର ତୃତୀୟ



ବୃହତ୍ତମ ତୈଳ ଆମଦାନୀକାରୀ, ତାହାର ପ୍ରାୟ ୫୫ ପ୍ରତିଶତ ତୈଳ ଏହି ଅଞ୍ଚଳରୁ ଆସେ ଓ ୮୫ ପ୍ରତିଶତ ଆମଦାନୀ ହର୍ମୁଜ ମାଧ୍ୟମରେ ହୁଏ। ଏଲପିଜି, ଗ୍ୟାସ ଓ ତୈଳର ଅଭାବ ଯୋଗୁଁ ଉତ୍ପାଦନ କ୍ଷେତ୍ରରେ ମନ୍ଥରତା ଦେଖାଦେଇଛି। ପିଏମଆଇ ସୂଚକ ୫୬.୫ କୁ ଖସିଛି। କେତେକ କାରଖାନା ଓ ହୋଟେଲ କାର୍ଯ୍ୟ ବନ୍ଦ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପରିସ୍ଥିତିକୁ କୋଭିଡ ସଙ୍କଟ ସହ ତୁଳନା କରି ପ୍ରସ୍ତୁତିର ଆହ୍ୱାନ ଦେଇଛନ୍ତି। ଫଳରେ ସୋସିଆଲ ମିଡିଆରେ 'ଲକଡାଉନ ଏଗେନ ଇଣ୍ଡିଆ' ଟ୍ରେଣ୍ଡ ହେଉଛି। କିନ୍ତୁ ପ୍ରଶ୍ନ ହେଉଛି, ଏହି ଯୁଦ୍ଧ ପରିସ୍ଥିତି ଯୋଗୁଁ ଭାରତ ପୁନଃ କୋଭିଡ ଭଳି ଲକଡାଉନ ଘୋଷଣା କରିବ କି?

ଉତ୍ତର ସ୍ପଷ୍ଟ—ନା। ଲକଡାଉନ ଏକ ସ୍ୱାସ୍ଥ୍ୟ ଜରୁରୀକାଳୀନ ବ୍ୟବସ୍ଥା ଥିଲା, ଯାହା ଭାଇରସ ସଂକ୍ରମଣ ରୋକିବା ପାଇଁ ଆବଶ୍ୟକ ଥିଲା। ୨୦୨୦ ମାର୍ଚ୍ଚରେ ଘୋଷିତ ଲକଡାଉନ ଅର୍ଥନୀତିକୁ କ୍ଷତି କରିଥିଲା ସତ, କିନ୍ତୁ ଜୀବନ ରକ୍ଷା କରିଥିଲା। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଏହା କୌଣସି ମହାମାରୀ ନୁହେଁ, ବରଂ ଏକ ଭୂ-ରାଜନୈତିକ ଓ ଶକ୍ତି ସଙ୍କଟ। ସରକାର ପୁନଃ ପୁନଃ ସ୍ପଷ୍ଟ କରିଛନ୍ତି ଯେ କୌଣସି ଲକଡାଉନ ପରିକଳ୍ପନା ନାହିଁ। ଜନସାଧାରଣର ଚଳନପ୍ରବାହ ବନ୍ଦ କରିବାର ଆବଶ୍ୟକତା ନାହିଁ। ଏହା ଅର୍ଥନୀତିକୁ ଆହୁରି କ୍ଷତିଗ୍ରସ୍ତ କରିବ। ସ୍ଥିତିର ମୁକାବିଲା କରିବାକୁ ସରକାର ବିକଳ୍ପ ବ୍ୟବସ୍ଥା ନେଉଛନ୍ତି। ରୁଷିଆ, ଆମେରିକା ଓ ପଶ୍ଚିମ ଆଫ୍ରିକାରୁ ତୈଳ ଆମଦାନୀ ବୃଦ୍ଧି, ଘରୋଇ ବ୍ୟବହାର ପାଇଁ ଗ୍ୟାସ ରାସନିଙ୍ଗ ଓ କୌଶଳିକ ତୈଳ ଭଣ୍ଡାରର ବ୍ୟବହାର ଭଳି ପଦକ୍ଷେପ ନିଆଯାଉଛି।

ତଥାପି ସଙ୍କଟ ଗମ୍ଭୀର। ଭାରତର କୌଶଳିକ ତୈଳ ଭଣ୍ଡାର ମାତ୍ର ୯-୧୦ ଦିନର। ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ରୁପି ଦୁର୍ବଳ ହେବ ଓ ସାଧାରଣ ଜନତାର ଜୀବନଯାତ୍ରା ପ୍ରଭାବିତ ହେବ। ଏଲପିଜି ଅଭାବ ଯୋଗୁଁ ଗ୍ରାମାଞ୍ଚଳରେ ରନ୍ଧନ ସମସ୍ୟା ଓ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ହ୍ରାସ ହେଉଛି। କିନ୍ତୁ ଏହାର ସମାଧାନ ଲକଡାଉନ ନୁହେଁ, ବରଂ ଆତ୍ମନିର୍ଭର ଭାରତ ଦିଗରେ ଅଗ୍ରସର ହେବା। ନବୀନ ଓ ପୁନଃବ୍ୟବହାରଯୋଗ୍ୟ ଶକ୍ତି ଉତ୍ସ ବୃଦ୍ଧି, ତୈଳ ଦକ୍ଷତା ଓ କୌଶଳିକ ଭଣ୍ଡାର ବୃଦ୍ଧି ଆବଶ୍ୟକ। ସରକାର ସବସିଡି ଜରିଆରେ ମୂଲ୍ୟ ନିୟନ୍ତ୍ରଣ କରୁଛି ଓ କୂଟନୈତିକ ପ୍ରୟାସ ଜାରି ରଖିଛି।

ଲକଡାଉନର ଆଶଙ୍କା ଜନମାନଙ୍କ ମନରେ କୋଭିଡ ସ୍ମୃତି ଉଜାଗର କରୁଛି। କିନ୍ତୁ ୨୦୨୬ ଭାରତ ୨୦୨୦ ଭାରତ ନୁହେଁ। ଅର୍ଥନୀତି ଅଧିକ ସ୍ଥିର, ଡିଜିଟାଲ ଇଣ୍ଡିଆ ମଜବୁତ ଓ ସରକାର ଅନୁଭବୀ। ଯଦି ଯୁଦ୍ଧ ଦୀର୍ଘସ୍ଥାୟୀ ହୁଏ ତେବେ ମୂଲ୍ୟବୃଦ୍ଧି ଓ ବେରୋଜଗାରି ବୃଦ୍ଧି ପାଇପାରେ, କିନ୍ତୁ ରାସ୍ତାରେ ପୋଲିସ ବ୍ୟାରିକେଡ ଲଗାଇ ଲୋକଙ୍କୁ ଘରେ ବନ୍ଦ କରିବା ସମାଧାନ ନୁହେଁ। ଏହା ଅର୍ଥନୀତିକୁ ଆହୁରି ଧ୍ୱଂସ କରିବ।

ଶେଷରେ, ମଧ୍ୟପ୍ରାଚ୍ୟ ଶାନ୍ତି ଭାରତର ସ୍ୱାର୍ଥରେ ଜରୁରୀ। କୌଶଳିକ ତୈଳ ନିର୍ଭରତା ହ୍ରାସ ପାଇଁ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ। ଜନତା ଶକ୍ତି ସଞ୍ଚୟ କରନ୍ତୁ, ସରକାର ବିକଳ୍ପ ରାସ୍ତା ଖୋଜନ୍ତୁ। ଲକଡାଉନ ନୁହେଁ, ପ୍ରସ୍ତୁତି ଓ ଆତ୍ମନିର୍ଭରତା ହିଁ ଏହି ସଙ୍କଟର ସମାଧାନ। ଭାରତ ଏହି ସଙ୍କଟକୁ ମଧ୍ୟ ସୁଯୋଗରେ ପରିଣତ କରି ଅଧିକ ସ୍ୱାବଲମ୍ବୀ ହେବାର ସମୟ ଆସିଛି।

# ଟ୍ରମ୍ପଙ୍କ ପଛଘୁଞ୍ଚା!




ସୌଭାଗ୍ୟ ରଞ୍ଜନ ମହାନ୍ତି


ହର୍ମୁଜ ପ୍ରଣାଳୀ ପୁନର୍ବାର ଖୋଲିବାକୁ ତେହେରାନକୁ ୪୮ ଘଣ୍ଟିଆ ଚରମ ଚେତାବନୀ ଦେବାରେ ୩୬ଘଣ୍ଟା ପରେ ଇରାନର ଶକ୍ତିକେନ୍ଦ୍ରଗୁଡିକ ଉପରେ ଆକ୍ରମଣ ସ୍ଥଗିତ ରଖିବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ନିଷ୍ପତି, ଯୁଦ୍ଧ ଯେ ତାଙ୍କର ଯୋଜନା ଅନୁଯାୟୀ ଚାଲୁନାହିଁ, ସ୍ପଷ୍ଟ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ଗଲା ମାସ ୨୮ତାରିଖରେ ଇରାନ ବିରୁଦ୍ଧରେ ଅଚାନକ ଆକ୍ରମଣ କରି ଯୁଦ୍ଧ ଆରମ୍ଭ କରିବାର ଗୋଟିଏ ସପ୍ତାହ ପରେ ଟ୍ରମ୍ପ ବିଜୟ ଘୋଷଣା କରି ଦାବି କରିଥିଲେ ଯେ, ଆମେରିକା-ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ ଜାରି ରଖିଥିବାବେଳେ ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣକୁ ନେବାରେ ସମର୍ଥ ହୋଇଛି। ଯାହାର ପରିଣତି ସ୍ୱରୁପ ବିଶ୍ୱବ୍ୟାପୀ ଆର୍ଥୀକ ବ୍ୟୟ ବୃଦ୍ଧି ପାଇବାରୁ ଟ୍ରମ୍ପଙ୍କୁ ଏବେ ଯୁଦ୍ଧରୁ ନିଜକୁ ଦୂରେଇ ରଖିବାକୁ ବାଧ କରିଛି ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ। କହିବା ବାହୁଲ୍ୟ ଯେ, ଗଲା ମାସ ୨୮ତାରିଖରୁ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଟ୍ରମ୍ପଙ୍କ ଧମକକୁ ଇରାନ ଉପେକ୍ଷା କରିବା ସହ ପ୍ରତି ଅକ୍ରମଣ ଯୋରଦାର କରିଆସିଛି। ଯେତେବେଳେ ଆମେରିକା ଖାର୍ଗ ଉପଦ୍ୱୀପରେ ବୋମାମାଡ କଲା, ସେତେବେଳେ ମଧ୍ୟପ୍ରାଚ୍ୟର ଦେଶଗୁଡିକରେ ଥିବା ଆମେରୀକୀୟ ସାମରିକ ଘାଟିଗୁଡିକ ଉପରେ ଆକ୍ରମଣ କରିଥିଲା। ଆହୁରି ମଧ୍ୟ ଇସ୍ରାଏଲ ଯେତେବେଳେ ଦକ୍ଷିଣ ପାରସକୁ ନିଷାଣ କରିଥିଲା, ଇରାନ ଏହାର ଯବାବରେ କତାର, ୟୁଏଇ, ସାଉଦି ଆରବ, କୁଏତ, ଏବଂ ଇସ୍ରାଏଲ ଶକ୍ତି ଭଣ୍ଡାରଗୁଡିକରେ କ୍ଷେପଣାସ୍ତ୍ର ମାଡ କରି ଥିଲା। ପୁନଶ୍ଚ ଇରାନର ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଆକ୍ରମଣର ଯବାବରେ ତେହେରାନ ଇସ୍ରାଏଲର ଡିମୋନା ସହରରେ ଥିବା ଆଣବିକ କେନ୍ଦ୍ରକୁ ଟାର୍ଗେଟ କରିଥିଲା। ସେହିପରି ଯେତେବେଳେ ଟ୍ରମ୍ପ ଇରାନର ଶକ୍ତି କେନ୍ଦ୍ରଗୁଡିକ ଉପରେ ଆକ୍ରମଣ ପାଇଁ ଧମକ ଦେଲେ, ସେତବେଳେ ତେହେରାନ ଉପସାଗରୀୟ ଏବଂ ଇସ୍ରାଏଲର ଶକ୍ତି କେନ୍ଦ୍ର ଏବଂ ଆମେରିକାର ଆର୍ଥୀକ କେନ୍ଦ୍ରଗୁଡିକ ଉପରେ ଆକ୍ରମଣ ପାଇଁ ଚେତାବନୀ ଦେଇଥିଲା। ଯାହାକି ଆମେରିକାକୁ ପଛଘୁଞ୍ଚା ଦେବା ପାଇଁ ବାଧ କରିଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଆମେରିକା-ଇସ୍ରାଏଲ ମିଳିତ ଭାବେ ଇରାନର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା, ଉଚ୍ଚମାନର ୟୁରାନିୟମକୁ ପରିତ୍ୟାଗ କରିବା, ପଶ୍ଚିମ ଏସିଆ ଅଞ୍ଚଳରେ ଆତଙ୍କବାଦୀ ସଂଗଠନଗୁଡିକ ସହ ସମ୍ପର୍କ ଛିନ୍ନ କରିବା ଏବଂ କ୍ଷେପଣାସ୍ତ୍ରଗୁଡିକୁ ନଷ୍ଟ କରିବାପାଇଁ ଚାପ ପକାଇଥିଲେ। ତେବେ ଯୁଦ୍ଧର ୨୫ଦିନ ପରେ ଇରାନ ବନ୍ଦ କରିଦେଇଥିବା ହର୍ମୁଜ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଟ୍ରମ୍ପ ୪୮ଘଣ୍ଟିଆ ଅନ୍ତିମ ଚେତାବନୀ ଦେଇଥିଲେ। କହିବା ବାହୁଲ୍ୟ ଯେ, ହର୍ମୁଜା ପ୍ରଣାଳୀ ବନ୍ଦ ଯୋଗୁଁ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସର ଉତ୍କଟ ଅଭାବ ଦେଖାଦେବା ସହ ମୂଲ୍ୟ ବୃଦ୍ଧି ଘଟିଥିଲା। ଆମେରିକାରେ ତୈଳ ଓ ଗ୍ୟାସର ମୂଲ୍ୟ ୩୦ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଯୁଦ୍ଧ ବ୍ୟୟ ଭାର ମଧ୍ୟ ଆକାଶଛୁଆଁ ହୋଇଛି। ଇରାନର ୧୮ଲକ୍ଷ ଟଙ୍କାର କ୍ଷେପଣାସ୍ତ୍ରକୁ ନଷ୍ଟ କରିବା ପାଇଁ ଆମେରିକା ୩୭କୋଟି ଟଙ୍କା ବ୍ୟୟ କରୁଛି। ଯୁଦ୍ଧ ବ୍ୟୟ ବହନ ପାଇଁ ଆମେରିକାର ପ୍ରତିରକ୍ଷା ବିଭାଗ ୨୦୦ ବିଲିଅନ ଡଲାର ଅନୁମୋଦନ ପାଇଁ କଂଗ୍ରେସକୁ ଅନୁରୋଧ କରିଛି। କେବଳ ଏତିକି ନୁହେଁ ୪୦୦୦ କିମି ଦୂରରେ ଭାରତ ମହାସାଗର ମଧ୍ୟରେ ଥିବା ଆମେରିକା ସାମରିକ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ ଟ୍ରମ୍ପଙ୍କୁ ବିଚଳିତ କରିଦେଇଛି। ଇରାନ ଶକ୍ତି ନେଇ ଆମେରିକା ଟ୍ରମ୍ପ ଆକଳନର ବାହାରେ ଥିବା ମନେହୁଏ। କହିବା ବାହୁଲ୍ୟ ଯେ, ପାଞ୍ଚ ଦିନିଆ ଅସ୍ତ୍ରବିରତି ମଧ୍ୟରେ ଏବେ ବି ଯୁଦ୍ଧ ଚାଲିଛି। ତେବେ ଯୁଦ୍ଧ ବନ୍ଦ ଲାଗି ଟ୍ରମ୍ପ ୧୫ଟି ସର୍ତ୍ତ ଦେଇଥିବାବେଳେ ଇରାନ ତାକୁ ପ୍ରତ୍ୟାଖ୍ୟାନ କରିବା ସହ ୫ଟି ସର୍ତ୍ତ ଦେଇଛି। ଗୋଟିଏ ପଟେ ଆମେରିକା ସର୍ତ୍ତ ପୂରଣ ନହେଲେ ଯୁଦ୍ଧ ବନ୍ଦ ହେବ ନାହିଁ ଘୋଷଣା କରିଥିବା ବେଳେ ଅନ୍ୟପଟେ ୫ଟି ଯାକ ସର୍ତ୍ତ ପୂରଣ ନହେଲେ ଇରାନ ଯୁଦ୍ଧରୁ ଓହରିବ ନାହିଁ ବୋଲି କଡା ବାର୍ତ୍ତା ଦେଇଛି। ଟ୍ରମ୍ପ ନିଜର ଅହଙ୍କାରକୁ ବଜାୟ ରଖିବା ପାଇଁ ୧୫ଟି ସର୍ତ୍ତର ଦ୍ୱାହି ଦେଇଥିବାବେଳେ ଇରାନ ନିଜର ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ୫ଟି ସର୍ତ୍ତ ଉଦ୍ଦିଷ୍ଟ ଥିବା କୁହାଯାଇପାରେ। ତେବେ ସର୍ତାରୋପ ଯୋଗୁଁ ଉଭୟ ପକ୍ଷ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ମେନେହୁଏ। ଏହା ନିଶ୍ଚିତ ଯେ, ଯୁଦ୍ଧ ହେଉଛି ଧ୍ୱଂସ ବା ବିନାଶକାରୀ। ଯୁଦ୍ଧ ଯୋଗୁଁ ଇରାନ ଦେଶର ଏବଂ ସେନାର ତୁଙ୍ଗନେତାମାନଙ୍କ ସହ ୨୦୦୦ ଲୋକ ହରାଇଛି। ସେହିପରି କ୍ଷେପଣାସ୍ତ୍ର ମାଡରେ ବ୍ୟାପ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି। କ୍ଷତି ମରାମତି ପାଇଁ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିପାରେ। ସେହିପରି ଆମେରିକା କେବଳ କ୍ଷତିର ସମ୍ମୁଖୀନ ହୋଇନାହିଁ ଦେଶରେ ଜନ ଆକ୍ରୋଶର ତୀବ୍ର ଆକାର ଧାରଣ କରିଛି। ଯାହା ଏବେ ଟ୍ରମ୍ପଙ୍କୁ ଶାନ୍ତି ଆଲୋଚନା ପାଇଁ ବାଧ କରିଛି। କିନ୍ତୁ ଏହା ନିଶ୍ଚିତ ଯେ, ପ୍ରଥମେ ଇରାନ ସହ ଯୁଦ୍ଧ ବନ୍ଦ ପାଇଁ ଏକ ଚୁକ୍ତି କରିବା ସହ ଏହି ଯୁଦ୍ଧରୁ ବାହାରିଯିବା ଉଚିତ। ଯାହା ସମଗ୍ର ବିଶ୍ୱ ପାଇଁ ମଙ୍ଗଳକର ହେବ।


(ରାଜା), ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯


# ରାମ ନାମ ହିଁ ମୋର ବଳ: ଗାନ୍ଧିଜୀ




ଡଃ.ଅରୁନ୍ଧତୀ ଦେବୀ


ଗାନ୍ଧିଜୀ ଥିଲେ ପରମ ଭାଗବତ। ଚୈତନ୍ୟ ପ୍ରାପ୍ତି ହେବା ପରଠାରୁ ଜୀବନରେ ସେ କେବେ ଭଗବାନଙ୍କୁ ବି ସ୍ମରଣ ହେବାକୁ ଦେଇନାହାନ୍ତି। ଅନ୍ଧାର ରାତିରେ, ପାଣି ଭିତରେ, ଯାତ୍ରା ସମୟରେ, ଅତ୍ୟନ୍ତ ବ୍ୟସ୍ତତା ଭିତରେ ବି ସେ ଭଗବାନଙ୍କୁ ଭୁଲି ନାହାନ୍ତି। ସେ ସର୍ବଦା ନିଜକୁ ନିମିତ୍ତ ମନେ କରୁଥିଲେ ଏବଂ କହୁଥିଲେ ଯେ ସେ ଯାହା କିଛି କରୁଛନ୍ତି, ସେ ସବୁ ପ୍ରଭୁ ରାମଙ୍କର କୃପା। ରାମ ଯାହା ଚାହୁଁଛନ୍ତି ତାଙ୍କ ଦ୍ୱାରା ତାହା କରାଇ ନେଉଛନ୍ତି। ତେଣୁ ତାଙ୍କ ନିଜର କର୍ତ୍ତୃତ୍ୱ କିଛି ନାହିଁ।



ନିଜର ବ୍ୟକ୍ତିଗତ ଅନୁଭବରୁ ଗାନ୍ଧିଜୀ ଲେଖିଛନ୍ତି ଯେ ବିଷୟ ବାସନା ଉପରେ ବିଜୟଲାଭ କରିବାର ସ୍ୱର୍ଣ୍ଣିମ ଧାରା ରାମନାମ ଛଡ଼ା ଅନ୍ୟ କିଛି ନାହିଁ। ମୁଁ ଯଦି ସଂସାରରେ ବ୍ୟଭିଚାରୀ ହେବାରୁ ରକ୍ଷା ପାଇଯାଇଛି ତାହେଲେ ଏହା କେବଳ ରାମନାମର ପ୍ରଭବ। ଯୋଗୁଁ। ଯେବେ ଯେବେ ମୋ ଉପରକୁ କଠିନ ପରିସ୍ଥିତି ଆସିଛି, ମୁଁ ରାମ ନାମ ନେଇଛି ଏବଂ ଉପକୃତ ହୋଇଛି। ବିକାର ବିଚାରରୁ ରକ୍ଷା ପାଇବାର ଅମୋଘ ଅସ୍ତ୍ର ହେଉଛି ରାମ ନାମ। ଏ ପ୍ରସଙ୍ଗରେ ଜଣେ ସନ୍ଥଙ୍କର ମନ୍ତବ୍ୟ ହେଉଛି ବିଷୟଜ୍ୱାଳାରୁ ମୁକ୍ତିର ଅମୋଘ ମନ୍ତ୍ର ରାମ ନାମ। କିନ୍ତୁ ହୃଦୟର ଯୋଗ ଆବଶ୍ୟକ। ଅସହାୟ ବାଳକ ଯେପରି ମାଆଁକୁ ଡାକେ, ସେହିପରି ହୃଦୟ କନ୍ଦରରୁ ପ୍ରଭୁଙ୍କୁ ଡାକିବା ଉଚିତ। ଗାନ୍ଧିଜୀ କହନ୍ତି ରାମ ନାମର ପ୍ରତାପରେ ସମୁଦ୍ରରେ ପଥର ଭାସିଲା, ରାବଣର ବିଶାଳପୁରୀକୁ ବାନରସେନା ଧ୍ୱଂସ କରିଦେଲେ ପୁଣି ରାମ ନାମର ପ୍ରଭାବରେ ହନୁମାନ ବିରାଟ ପର୍ବତ ଉଠାଇ ଧରି ଆଣିଲେ ଏବଂ ଦୁଷ୍ଟ ରାବଣର ଦୁର୍ଗରେ ବର୍ଷାଧିକ କାଳ ରହି ମଧ ସୀତା ତାଙ୍କର ସତୀତ୍ୱ ରକ୍ଷା କରିପାରିଲେ। ଭରତ ଚଉଦବର୍ଷ କାଳ ପ୍ରାଣରକ୍ଷା କରି ରହିପାରିଲେ କାରଣ ତାଙ୍କର କଣ୍ଠରୁ ରାମନାମ ବ୍ୟତୀତ ଅନ୍ୟ କୌଣସି ଶବ୍ଦ ନିର୍ଗତ ହେଉନଥିଲା। ଏଣୁ କଳିଯୁଗର ଦୂଷଣକୁ ସଫା କରିବା ପାଇଁ ନିୟମିତ ରାମନାମ ଜପିବାକୁ ତୁଳସୀ ଦାସ ପରାମର୍ଶ ଦେଇଛନ୍ତି।

ଭଗବାନ ରାମଙ୍କ ଉପରେ ଗାନ୍ଧିଜୀଙ୍କର ନିଷ୍ଠ ତାଙ୍କର ଜୀବନରେ ନିରନ୍ତର ଭାବରେ ଦୃଢ଼ ହୋଇ ଚାଲିଲା। କ୍ରମେ ତାହା ବିକଶିତ ଏପଂ ପ୍ରସାରିତ ହେଲା। ଏପରିକି ତାହା ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କଲା। ଏପରିକି ତାଙ୍କ ଭଳି ଜଣେ ବ୍ୟକ୍ତି ଶରୀରର ସମସ୍ତ ବ୍ୟାଧିର ଏକମାତ୍ର ଉପଚାର ରାମନାମ ବୋଲି ସ୍ୱୀକାର କଲେ ଏବଂ କହି ଚାଲିଲେ। ତାଙ୍କର ଜଣେ ଶିଷ୍ୟାଙ୍କ ନିକଟକୁ ସେ ଗୋଟିଏ ପତ୍ରରେ ଲେଖିଥିଲେ ଯେ ବ୍ୟାଧି ଅନେକ ପ୍ରକାର, ବୈଦ୍ୟ ଅନେକ, ଉପଚାର ମଧ୍ୟ ଅନେକ ଅଛି। କିନ୍ତୁ ଯଦି ବ୍ୟାଧିକୁ ଏକ ରୂପେ ଦେଖିବା ଏବଂ ତାକୁ ଦୂର କରୁଥିବା ବୈଦ୍ୟ ଜଣେ ହିଁ ରାମ ବୋଲି ମନେ କରିବା ତାହେଲେ ଆମେ ଅନେକ ଜଞ୍ଜାଳରୁ ମୁକ୍ତି ପାଇଯିବା। କିଛି ଦିନ ପରେ ପୁଣି ଲେଖିଥିଲେ ଆଶ୍ଚର୍ଯ୍ୟର କଥା ଯେ ବୈଦ୍ୟ ମରୁଛନ୍ତି, ଡାକ୍ତର ମରୁଛନ୍ତି, ତଥାପି ଆମେ ତାଙ୍କ ପଛରେ ଧାଉଁଛେ। କିନ୍ତୁ ଯେଉଁ ରାମ ମରନ୍ତି ନାହିଁ, ସର୍ବଦା ଜୀବିତ ଏବଂ ଅବ୍ୟର୍ଥ ବୈଦ୍ୟ ତାଙ୍କୁ ଭୁଲି ଯାଉଛୁ

୧୯୪୬ ମସିହାରେ ସେ ଥରେ କହିଥିଲେ ଯେ କୌଣସି ରୋଗ ହେଉ, ହୃଦୟ ସହକାରେ ଜଣେ ଯଦି ରାମ ନାମ ନିଏ ତାର ରୋଗ ଅବଶ୍ୟ ଦୂର ହୋଇଯିବ। ହରିଜନ ସେବକ ତା ୩/୩୩୧୯୪୬। ଶାରୀରିକ ରୋଗକୁ ଦୂର କରିବାରେ ରାମ ନାମ ଅଳ୍ପ କିଛି ବିଶିଷ୍ଟ ଲୋକଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ। ଯିଏ ତାଙ୍କର ନାମ ନିଏ, ସେ ତାଙ୍କ ପାଇଁ ବିପୁଳ ଭଣ୍ଡାର ଜମା କରିଚାଲେ। ଏହା ଏଭଳି ଏକ ଭଣ୍ଡାର ଯାହା କେବେ ସରେ ନାହିଁ, ସେଥିରୁ ଯେତେ କାଢ଼ିଲେ ତାହା ଆହୁରି ବଢୁଥାଏ। ଉପନିଷଦରେ କୁହାଯାଇଛି ପୂର୍ଣ୍ଣତାରୁ ପୂର୍ଣ୍ଣକୁ କାଢ଼ିଲେ ମଧ ପୂର୍ଣ୍ଣ ହିଁ ଅବଶେଷ ରହିଥାଏ। ରାମ ନାମ ସମ୍ପୂର୍ଣ୍ଣ ରୋଗର ଏକ ନିରାପଦ ଔଷଧ। ତାହା ଶାରୀରିକ ହେଉ ମାନସିକ କିମ୍ବା ଆତ୍ମିକ।

ରାମ ନାମ ହିଁ ମୋର ବଳ ସେ କହୁଥିଲେ ଯେ ତାଙ୍କ ଦ୍ୱାରା ଯାହା କିଛି ସେବା ସମ୍ଭବ ହେଉଛି ସେ ସବୁ ରାମ ନାମର ପ୍ରଭାବ ଏବଂ କୃପା। ତାଙ୍କର ଉକ୍ତି ସ୍ପଷ୍ଟ ଥିଲା ମୋ ପାଖରେ ରାମ ନାମ ବ୍ୟତୀତ ଅନ୍ୟ କୌଣସି ଶକ୍ତି ନାହିଁ ଏହା ମୋର ଏକମାତ୍ର ଆଶ୍ରା। ମହର୍ଷି ଚରକ କହିଛନ୍ତି -'ବିଷ୍ଣୁ ସହସ୍ରାମୂର୍ଦ୍ଧନାଂ ଚରାଚରପତିଂ ବିଭୁମ୍। ସ୍ତୁବନାମସହସ୍ରେଣ ଜ୍ୱରାନ୍ ବ୍ୟପୋହତି। ଭାରତର ଆସ୍ତିକ ସାଧାରଣ ଜନତା ନ ଜାଣେ କେଉଁ କାଳରୁ କହି ଆସିଛି - ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋ ନାରାୟଣୋ ହରିଃ। ଏଥିପାଇଁ ଗାନ୍ଧିଜୀ କହିଛନ୍ତି - 'ପ୍ରକୃତ ଡାକ୍ତର ତ ରାମ ଅଟନ୍ତି। ଭଗବାନଙ୍କର ନାମର ମହିମା ପ୍ରାୟ ସମସ୍ତ ଧର୍ମରେ ସମାନରୂପରେ ଦେଖିବାକୁ ମିଳିଥାଏ। ଗାନ୍ଧିଜୀଙ୍କ ଭାଷାରେ ରାମ ନାମର ମହିମା କେବଳ ଯେ ତୁଳସୀ ଦାସ ଗାନ କରିଛନ୍ତି ତାହା ନୁହେଁ।

ରାମାୟଣରେ ଗୋଟିଏ କଥା ଅଛି ଯେ ହନୁମାନଜୀଙ୍କୁ ସୀତାଦେବୀ ଯେତେବେଳେ ମୋତିର ମାଳାଟିଏ ଦେଲେ, ସେ ତାକୁ ଛିଣ୍ଡାଇ ଭାଙ୍ଗିଦେଲେ, କାରଣ ତାଙ୍କୁ ସେଥିରେ ଦେଖିବାର ଥିଲା ଯେ ସେଥିରେ ରାମ ନାମ ଅଛି କି ନାହିଁ। ଏହି କଥା ସତ କି ନୁହେଁ ଏହି ଚିନ୍ତା ଆମେ କାହିଁକି କରିବା? ଆମର ତ ଏତିକି ଶିଖିବାର ଅଛି ଯେ ହନୁମାନଜୀଙ୍କ ଭଳି ଶକ୍ତି ଶୈବାଳପ୍ରଦ ଶରୀର ଆମର ନହେଉ କିନ୍ତୁ ତାଙ୍କ ଭଳି ଆତ୍ମା ତ ବିକଶିତ କରିପାରିବା। ଚାହିଁଲେ ଏହି ଉଦାହରଣକୁ ଗ୍ରହଣ କରି ଜଣେ ସିଦ୍ଧ କରିପାରିବା ସିଦ୍ଧ ନ ହୋଇପାରିଲେ ନ ହେଉ ତାକୁ ଚେଷ୍ଟା କରିବା ତ ଢ଼େର। ଗୀତାରେ କୁହାଯାଇଛି ମନୁଷ୍ୟକୁ ପ୍ରଯତ୍ନ କରିବା ଉଚିତ ଏବଂ ଫଳ ଈଶ୍ୱରଙ୍କ ହାତରେ ଛାଡ଼ିଦେବା ଉଚିତ। ଏଣୁ ତୁମକୁ, ମୋତେ ଏବଂ ସମସ୍ତଙ୍କୁ ପ୍ରୟାସ କରାକୁ ପଡ଼ିବ। ସେହିଦିନ ରୋଗରେ ପୀଡ଼ିତ ଜଣେ ଭଉଣୀଙ୍କ ନିକଟକୁ ପତ୍ର ଲେଖି ମଧ ବାପୁ ଏକଥା ଲେଖିଥିଲେ ଯେ ସଂସାରରେ ଯଦି କୌଣସି ଅବ୍ୟର୍ଥ ଔଷଧ ଅଛି ତାହେଲେ ତାହା ହେଉଛି ରାମନାମ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଆଧ୍ୟାତ୍ମିକ ଚେତନା, ରାମାୟଣ ଓ ରାମମୟ ଭାରତ




ସୌର ଚନ୍ଦ୍ର ମହାପାତ୍ର


ଆଜି ହେଉଛି ପବିତ୍ର ରାମ ନବମୀ। ନୈତିକ ମୂଲ୍ୟବୋଧ ଏବଂ ଚିରନ୍ତନ ସତ୍ୟର ଭିତ୍ତିଭୂମି ଉପରେ ରାମାୟଣର ରଚନା କରାଯାଇଛି। ରାମାୟଣ ରଚନା ହେବା ଦିନ ଠାରୁ ଏହାର ମୁଖ୍ୟ ଚରିତ୍ର ଶ୍ରୀରାମ ଏବଂ ମା ସୀତା ମାନବ ସମାଜର ସଂସ୍କୃତି ଏବଂ ପରମ୍ପରାକୁ ପ୍ରଭାବିତ କରି ଆସୁଛନ୍ତି। ତେଣୁ ଏହି ଦୁଇ ଚରିତ୍ରଙ୍କୁ ଆମେ ପରଂ ବ୍ରହ୍ମ ଭାବେ ସମ୍ମାନ ଏବଂ ଭକ୍ତି ଅର୍ପଣ କରିଆସୁଛୁ। ରାମାୟଣ ଆମକୁ ଏହି ଶିକ୍ଷା ଦେଇ ଆସିଛି ଯେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାହାର ବିନାଶ ନିଶ୍ଚିତ ହେବ ଏବଂ ଯେତେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ଧର୍ମର ବିଜୟ ହେବ। ରାବଣଙ୍କ ଚରିତ୍ରରୁ ଆମେ ଏହି ଶିକ୍ଷା ଲାଭ କରିଛେ। ଶ୍ରୀରାମଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ନୈତିକ ମୂଲ୍ୟବୋଧର ଏକ ଉତ୍ତମ ସମନ୍ୱୟ ହୋଇଥିବା ଦେଖିବାକୁ ମିଳେ। ଉତ୍ତମ ଚରିତ୍ର ବିନା ଆଧ୍ୟାତ୍ମିକ ଭିତ୍ତିଭୂମି ପ୍ରତିଷ୍ଠା ସମ୍ଭବ ନୁହେଁ ଏବଂ ନୈତିକ ଶୃଙ୍ଖଳା ନଥିଲେ ଉତ୍ତମ ଚରିତ୍ର ଗଠନ ସମ୍ଭବ ନୁହେଁ। ଧର୍ମରେ ଥିବା ନିୟମଗୁଡ଼ିକୁ ଶ୍ରୀରାମ ପାଳନ କରି ନିଜକୁ, ନିଜର ଲୋକମାନଙ୍କୁ ଏବଂ ପ୍ରତ୍ୟେକଙ୍କୁ ବିଭିନ୍ନ କ୍ଷେତ୍ରରେ ରକ୍ଷା କରିଛନ୍ତି।

ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଆଲୋଚନା କରିବାବେଳେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ରାମକଥା ରସ ବାହିନୀର ଆଲୋଚନା ମନେପଡୁଛି। ରାମ ପ୍ରତ୍ୟେକ ପ୍ରାଣୀର ଅନ୍ତରବାସୀ ଆତ୍ମାରାମ। ଅନ୍ତର ଭିତରୁ ଜାଗ୍ରତ ହେଉଥିବା ତାଙ୍କର ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି ଓ ଆନନ୍ଦ ଦେବାକୁ ସମର୍ଥ। ସେ ଧର୍ମସ୍ୱରୂପ, ଯେଉଁ ଧର୍ମ ସାରା ମଣିଷ ଜାତିକୁ ପ୍ରେମ ଓ ଐକ୍ୟଭାବରେ ବାନ୍ଧି ରଖିପାରେ। ରାମାୟଣ ଆମକୁ ମୁଖ୍ୟତଃ ଦୁଇଟି ଶିକ୍ଷା ପ୍ରଦାନ କରେ, ବୈରାଗ୍ୟର ମହତ୍ତ୍ୱ ଏବଂ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ପ୍ରତିଷ୍ଠିତ ଦୈବତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା। ମନୁଷ୍ୟର ମୁକ୍ତି ସମ୍ଭବ ଗଭୀର ଈଶ୍ୱର ବିଶ୍ୱାସ ଏବଂ ସଂସାର ପ୍ରତି ନିରାସକ୍ତି ଦ୍ୱାରା। ଇନ୍ଦ୍ରିୟସର୍ବସ୍ୱ ବସ୍ତୁ ପରିତ୍ୟାଗ କଲେ, ଆମେ ରାମଙ୍କୁ ପାଇପାରିବା।

ରାମ କଥା ରସ ଯୁଗ ଯୁଗ ଧରି କୋଟି କୋଟି ଆବାଳ ବୃଦ୍ଧ ବନିତାଙ୍କର ଆଶ୍ରୟ ହୋଇ ଆସିଛି। ଦୁଃଖ ସମୟରେ ସାନ୍ତ୍ୱନା, ନିରାଶା ସମୟରେ ଆଶା, ସଂଶୟରେ ଦୋଳାୟମାନ ବ୍ୟକ୍ତି ପାଇଁ ଦୃଢ଼ତା ଏବଂ ପରାଜୟର ଗ୍ଲାନି ଆଗରେ ବିଜୟର ଭରସା ଘେନି ଅନନ୍ତ କାଳରୁ ମଣିଷ ପାଖରେ ଠିଆ ହୋଇ ଆସିଛି ଏହି ରାମକଥାର ରସମୟ କାହାଣୀ। ଏହି କାହାଣୀ ଈଶ୍ୱରଙ୍କର ମନୁଷ୍ୟ ଭାବରେ ମନୁଷ୍ୟ ମାନଙ୍କ ସହିତ ଚାଲବୁଲ କରିବା, ମନୁଷ୍ୟ ମାନଙ୍କ ସହିତ ହସିବା ଓ କାନ୍ଦିବାର କାହାଣୀ, ଉତ୍ତମ ଓ ଅଧମ, ମୁନି ଓ ରାକ୍ଷସ, ପଶୁ ଓ ପକ୍ଷୀ, ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କୁ ପରମ ଜ୍ଞାନର ଆଲୋକ ଦେଖାଉଥିବା ଈଶ୍ୱରଙ୍କ କାହାଣୀ। ମନୁଷ୍ୟ ହୃଦୟର ସୂକ୍ଷ୍ମ ତନ୍ତ୍ରୀରେ କରୁଣା, ଭକ୍ତି, ଉଲ୍ଲାସ, ପ୍ରେମ ଏବଂ ସମର୍ପଣର ଦିବ୍ୟ ଧ୍ୱନି ସଞ୍ଚାର କରି ମନୁଷ୍ୟକୁ ପଶୁ ଅବସ୍ଥାରୁ ପଶୁପତି ଅବସ୍ଥାକୁ ଘେନି ଯିବାର ଅନବଦ୍ୟ କାହାଣୀ ଏହି ରାମାୟଣ।

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ମନୁଷ୍ୟ ଇତିହାସରେ ଏପରି ଅନ୍ୟ କୌଣସି କଥା ନାହିଁ ଯାହା ଆମର ମନ ଓ ଚିତ୍ତ ଉପରେ ଏପରି ଗଭୀର ପ୍ରଭାବ ବିସ୍ତାର କରିପାରିଛି। ଇତିହାସ ଓ ଭୂଗୋଳର ସମସ୍ତ ସୀମା ଉଲ୍ଲଙ୍ଘନ କରି ଯୁଗ ଯୁଗ ଧରି ମନୁଷ୍ୟର ଆଚାର-ବିଚାରକୁ ଗଢ଼ି ଆସିଛି ରାମକଥା। ଦେଶ-କାଳ ଅତିକ୍ରମ କରି ରୁଗ୍ଣ ଓ ବିଭ୍ରାନ୍ତ ମନୁଷ୍ୟଜାତିକୁ ଆରୋଗ୍ୟର ରସାୟନ ପ୍ରଦାନ କରି ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାଟରେ ବାଟ କଢ଼ାଇ ଆସିଛି ରାମାୟଣ। ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି।

ଯେଉଁ ସାଇଙ୍କର ସଂକଳ୍ପରୁ ହିଁ ରୂପ ପରିଗ୍ରହ କରିଛି ଏ ବିଶ୍ୱର ସ୍ଥିତି ଓ ଇତିହାସ, ଯିଏ ଏହାର କାହାଣୀର ରଚୟିତା ଓ ଅଭିନେତା ସାକ୍ଷୀ ଓ ସାକ୍ଷ୍ୟ, ସେ ହିଁ କାଳର ଅନନ୍ତ ବକ୍ଷରେ ଆପଣାକୁ ପ୍ରକଟ କରି ଆସୁଛନ୍ତି, ଆଉ ସେ ରାମ ଅବତାରରେ ଯେଉଁ ଅଭିନୟ କରିଥିଲେ ଆମର ସୌଭାଗ୍ୟକୁ ଆଜି ତାକୁ ପୁନଶ୍ଚ ବର୍ଣ୍ଣନା କରିବାକୁ ଇଚ୍ଛା କରିଛନ୍ତି। ସେ ତ୍ରେତା ଯୁଗରେ ରାମ ରୂପରେ, ଲୋକଙ୍କୁ ଯେପରି ଉପଦେଶ ଦେଉଥିଲେ, ପଥଭ୍ରଷ୍ଟ ଲୋକଙ୍କୁ ପୁଣି ବାଟକୁ ଆଣୁଥିଲେ, ଦୁଃଖକଷ୍ଟରେ ପୀଡ଼ିତ ମାନଙ୍କୁ ସାନ୍ତ୍ୱନା ଓ ସନ୍ତୋଷ ପ୍ରଦାନ କରୁଥିଲେ, ଆଜି ବି ସାଇରାମ ରୂପରେ ତାହା ହିଁ କରୁଛନ୍ତି। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଅଗଣିତ ଆଶ୍ରିତଙ୍କ ପାଇଁ ଆଧ୍ୟାତ୍ମିକ ପତ୍ରିକା ସନାତନ ସାରଥୀର ଯେଉଁ ଶୁଭାରମ୍ଭ କରିଛନ୍ତି ସେଥିରେ ରାମକଥା ରସବାହିନୀ ସାତ ବର୍ଷରୁ ଊର୍ଦ୍ଧ୍ୱ କାଳ ନିୟମିତ ପ୍ରକାଶିତ ହୋଇ ଆସିଛି। ପାଠକମାନେ ଅନୁଭବ କରୁଥିଲେ ରାମକଥା ସତେ ଯେମିତି ବର୍ତ୍ତମାନ ସେଇମାନଙ୍କର ଆଖି ଆଗରେ ଘଟି ଚାଲିଛି। ସେମାନେ ଅନୁଭବ କରୁଥିଲେ ରାମ ଓ ସାଇରାମଙ୍କ ଜୀବନର ଅପୂର୍ବ ସାମ୍ୟ। ରାମାୟଣରେ ତ୍ୟାଗ, ଭକ୍ତି, ନୈତିକ ମୂଲ୍ୟବୋଧ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଂଗମ ହୋଇଥିବା ଆମେ ଦେଖିବାକୁ ପାଇଥାଉ। ଏହି କାରଣ ଯୋଗୁଁ ଶିରିଡ଼ିର ସାଇବାବା ସବୁବେଳେ ରାମ ବିଜୟ ପାଠ କରିବା ନିମନ୍ତେ ଭକ୍ତମାନଙ୍କୁ ପରାମର୍ଶ ଦେଉଥିଲେ। ରାମାୟଣ ହେଉଛି ଏକ ଜୀବନ କାବ୍ୟ ବୋଲି କୁହାଯାଏ। ଆଜିର ଦିନରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କଥା ମନେପଡ଼େ। ଯେ କି ସବୁବେଳେ ରାମରାଜ୍ୟର ପରିକଳ୍ପନା କରୁଥିଲେ। ସେ ତାଙ୍କର ପ୍ରାର୍ଥନା ସଭାରେ ରାମଧୂନ ଗାନ କରୁଥିଲେ ଓ ସମସ୍ତଙ୍କୁ ଏଥିପାଇଁ ଉତ୍ସାହିତ କରୁଥିଲେ ସେ ଆତତାୟୀଙ୍କ ଗୁଳିରେ ଶିକାର ହେବା ସମୟରେ ତାଙ୍କର ଶେଷ ଶବ୍ଦଟି ଥିଲା 'ହେ ରାମ' ଏଥିରୁ ଭାରତର ସାଂସ୍କୃତିକ, ପୌରାଣିକ, ସାମାଜିକ ଜୀବନର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଯେ ରାମ ହିଁ ସବୁ କିଛି ତାହା ଆମେ ଶିକ୍ଷା ପାଇଛେ। ଆସନ୍ତୁ ସମ ସ୍ୱରରେ ସମସ୍ତେ କହିବା ଜୟ ଶ୍ରୀରାମ।




ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : SOURA999MOHAPATRA@GMAIL.COM



ଇରାନକୁ ଆଉ ଏକ ଝଟ୍‌କା



# ନୌସେନା କମାଣ୍ଡରଙ୍କୁ ମାରିଦେଲା ଇସ୍ରାଏଲ

## ହର୍ମୁଜ ଜଳପଥର ନେତୃତ୍ୱ ନେଉଥିଲେ କମାଣ୍ଡର ତାଙ୍ଗସିରି

ନୂଆଦିଲ୍ଲୀ,୨୬।୩: ହର୍ମୁଜ ଜଳପଥର ସବୁଠୁ ବଡ଼ କଣ୍ଟାକୁ ହଟାଇଲା ଇସ୍ରାଏଲ। ଇରାନର ଶକ୍ତିଶାଳୀ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି)ର ନୌସେନା କମାଣ୍ଡର ଆଲିରେଜା ତାଙ୍ଗସିରିଙ୍କୁ ହତ୍ୟା କଲା ଆଇଡିଏଫ। ହରମୁଜ୍ ପ୍ରଣାଳୀକୁ ନିୟନ୍ତ୍ରଣ କରିବାରେ ତାଙ୍କର ଥିଲା ବଡ଼ ଭୂମିକା। ଇସ୍ରାଏଲ ଏହି ଆକ୍ରମଣର ସୂଚନା ଦେଇଛି। ଯଦି ଏହା ସତ ହୁଏ, ତେବେ ଏହା ପାରସ୍ୟ ଉପସାଗରରେ ଇରାନର ନୌସେନା ରଣନୀତିକୁ ଏକ ବଡ଼ ଆଘାତ ଦେଇପାରେ।

ତାଙ୍ଗସିରି ଆଇଆରଜିସିର ନୌସେନା ଶାଖାର ନେତୃତ୍ୱ ନେଇଥିଲେ। ହରମୁଜ୍ ପ୍ରଣାଳୀର ଅବରୋଧ ତଦାରଖ କରିବା ପାଇଁ ଦାୟୀ ଥିଲେ। ଏହି ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ମଧ୍ୟରୁ ଗୋଟିଏ, ଯାହା ବିଶ୍ୱର ପ୍ରାୟ ୨୦ରୁ ୨୫ ପ୍ରତିଶତ ଅଶୋଧିତ ତୈଳ ବାଣିଜ୍ୟ ବହନ କରେ। ତାଙ୍କ ହତ୍ୟା ଇରାନର ନୌସେନା ଶକ୍ତିକୁ ଦୁର୍ବଳ କରିପାରେ ଏବଂ ପାରସ୍ୟ ଉପସାଗରରେ ଏହାର ରଣନୈତିକ ସ୍ଥିତିକୁ ପରିବର୍ତ୍ତନ କରିପାରେ।

ସୂତ୍ର ଅନୁଯାୟୀ, ଦକ୍ଷିଣ ଇରାନର ବନ୍ଦର ଆବାସ ବନ୍ଦର ସହରରେ ଏକ ଆକ୍ରମଣରେ ତାଙ୍ଗସିରିଙ୍କ ମୃତ୍ୟୁ ହୋଇଥିଲା। ଇସ୍ରାଏଲୀ ଅଧିକାରୀମାନେ କହିଛନ୍ତି ଯେ ଏହି ଆକ୍ରମଣ ସେମାନଙ୍କର ଆଇଆରଜିସି ନୌସେନା କାର୍ଯ୍ୟକୁ ପ୍ରଭାବିତ କରିପାରେ। ତଥାପି, ଇରାନ ଏପର୍ଯ୍ୟନ୍ତ ଆକ୍ରମଣକୁ ନିଶ୍ଚିତ କରିନାହିଁ ଏବଂ ଇସ୍ରାଏଲ ଏପର୍ଯ୍ୟନ୍ତ କୌଣସି ସରକାରୀ ମନ୍ତବ୍ୟ ଜାରି କରିନାହିଁ। ଏହି ହତ୍ୟାକାଣ୍ଡ ଏହି ଯୁଦ୍ଧର ଚତୁର୍ଥ ସପ୍ତାହରେ ଆଉ ଏକ ମୋଡ଼ ନେଇପାରେ। ଆଇଆରଜିସି ନେତୃତ୍ୱ ପାଇଁ ଏକ ବଡ଼ ଆଘାତ ଉତ୍ତେଜନା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ସମ୍ଭାବନାକୁ ବୃଦ୍ଧି କରିପାରେ। ଏହା ବ୍ୟତୀତ, ଭାରତ, ସାଉଦି ଆରବ ଏବଂ ଅନ୍ୟାନ୍ୟ ଶକ୍ତି ଆମଦାନୀକାରୀ ଦେଶଗୁଡ଼ିକୁ ଯୋଗାଣ ଲାଇନ୍ ମଧ୍ୟ ପ୍ରଭାବିତ ହୋଇପାରେ।

# ଲୋହିତ ସାଗରରେ ରୁଷ ତୈଳ ଜାହାଜକୁ ଆକ୍ରମଣ

## ଜାହାଜ ଉପରେ ଡ୍ରୋନ ଆକ୍ରମଣ, ୨୭ କର୍ମଚାରୀ ସୁରକ୍ଷିତ





ନୂଆଦିଲ୍ଲୀ,୨୬।୩: ଲୋହିତ ସାଗରରେ ରୁଷର ଅଶୋଧିତ ତୈଳ ନେଇ ଯାଉଥିବା ଏକ ଟ୍ୟାଙ୍କର ଉପରେ ତୁର୍କୀଏ ଉପକୂଳରେ ଡ୍ରୋନ ମାଡ଼ କରାଯାଇଛି। ଗୁରୁବାର ତୁର୍କୀଏ ମିଡିଆ ଏନେଇ ଖବର ପ୍ରକାଶ କରିଛି। ଇସ୍ତାନବୁଲର ବୋସଫୋରସ୍ ସଂକୀର୍ଣ୍ଣ ଜଳମାର୍ଗରୁ ପ୍ରାୟ ୧୫ ନଟିକାଲ ମାଇଲ୍ (୨୮ କିଲୋମିଟର) ଦୂରରେ 'ଅଲତୁରା' ନାମକ ତୈଳ ଟ୍ୟାଙ୍କରକୁ ଏହି ଡ୍ରୋନ୍ ମାଡ଼ କରାଯାଇଛି। ଏହି ଟ୍ୟାଙ୍କରରେ ଥିବା ସମସ୍ତ ୨୭ କର୍ମଚାରୀ ସୁରକ୍ଷିତ ଅଛନ୍ତି ବୋଲି ତୁର୍କୀଏ ମିଡିଆ ଖବର ପ୍ରସାରଣ କରିଛି।

ସିପ ଟ୍ରାକିଂ ଡାଟା ଅନୁସାରେ, ସିଏରା ଲିଓନି (ପଶ୍ଚିମ ଆଫ୍ରିକୀୟ ଦେଶ) ପତାକା ଥିବା ଏହି ଭାସେଲ ରୁଷର ନୋଭୋରୋସିୟାସ୍କ ବନ୍ଦରରୁ ୧ ମିଲିଅନ ବ୍ୟାରେଲ୍ ଅଶୋଧିତ ତୈଳ ନେଇ ବାହାରିଥିଲା। ଏହି ଜାହାଜଟି ୟୁରୋପିୟନ ୟୁନିୟନ ଓ ବ୍ରିଟେନ୍ ଦ୍ୱାରା ପ୍ରତିବନ୍ଧିତ ଥିଲା। ରିପୋର୍ଟ ଅନୁସାରେ ତୁର୍କୀଏ କମ୍ପାନୀ ବେସିକ୍ତାସ୍ର ଏହି ଜାହାଜର ବ୍ରିଜ୍ (ପାଇଲଟ ଯେଉଁଠି ବସି ଚଳାନ୍ତି)ରେ ବିସ୍ଫୋରଣ ହୋଇଥିଲା। ଏଥିରେ ଜାହାଜ ତେଲ ଟାଙ୍କିର ଇଞ୍ଜିନ ରୁମରେ ପାଣି ପଶି ଯାଇଥିଲା।

ରୟଟର୍ସର ରିପୋର୍ଟ ଅନୁସାରେ, ଏହି ଘଟଣା ପରେ ଉକ୍ତ ଟ୍ୟାଙ୍କରକୁ ସହାୟତା ଦେବାକୁ ତୁର୍କିଏ ତଟରକ୍ଷୀ ବାହିନୀ ଓ ଏମାର୍ଜେନ୍ସି ରେସ୍ପନ୍ସ ଟିମ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରେ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା ବୋଲି ତୁର୍କୀଏ ମିଡିଆ କହିଛନ୍ତି। ଚଳିତ ବର୍ଷ ଲୋହିତ ସାଗରରେ କୌଣସି ତୈଳ ଟ୍ୟାଙ୍କରକୁ ଆକ୍ରମଣ କରିବାର ଏହା ଦ୍ୱିତୀୟ ଘଟଣା।

ଏହା ପୂର୍ବରୁ ଜାନୁଆରୀ ୨୦୨୬ରେ ରୁଷ ଫେରୁଥିବା ଏକ ତୈଳ ଟ୍ୟାଙ୍କର ଉପରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ସେତେବେଳେ ବି ତୁର୍କୀଏ ତଟରକ୍ଷୀ ବାହିନୀ ତୁରନ୍ତ ସହାୟତା ପ୍ରଦାନ କରିଥିଲା। ନଭେମ୍ବର ୨୦୨୫ରେ ଲୋହିତ ସାଗରରେ ଦୁଇଟି ରୁଷ ଫେରନ୍ତା ତୈଳ ଟ୍ୟାଙ୍କରକୁ ୟୁକ୍ରେନ ଡ୍ରୋନ ଆଟାକ କରିବା ପରେ ଏନ୍ସୁରାନ୍ସ ମୂଲ୍ୟ ବଢ଼ି ଯାଇଥିଲା। ତେବେ ଏହି ଡ୍ରୋନ ଆଟାକରେ ଆମର କୌଣସି ଭୂମିକା ନାହିଁ ବୋଲି ୟୁକ୍ରେନ୍ କହିଛି।

**ଖାଦ୍ୟ ଓ ଔଷଧ ବାହାନାରେ ଡ୍ରୋନ!**

# ଇରାନକୁ ଗୁପ୍ତ 'ଡ୍ରୋନ୍' ପଠାଉଛି ରୁଷିଆ

ମସ୍କୋ,୨୬।୩: ପାଶ୍ଚାତ୍ୟ ଗୁଇନ୍ଦା ସୂତ୍ର ଏବଂ ବିଶେଷଜ୍ଞଙ୍କ ମତାମତ ଆଧାରରେ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ, ରୁଷିଆ ବର୍ତ୍ତମାନ ଖାଦ୍ୟ ଏବଂ ଔଷଧ ସାମଗ୍ରୀ ସହ ଗୁପ୍ତ ଭାବେ ଇରାନକୁ ମାରଣାସ୍ତ୍ର ତଥା ଡ୍ରୋନ୍ ପଠାଉଛି। ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଏହି ଗୁପ୍ତ ଚୁକ୍ତି ଆରମ୍ଭ ହୋଇଥିଲା ଏବଂ ଚଳିତ ମାସ ଶେଷ ସୁଦ୍ଧା ଏହି ଯୋଗାଣ ପ୍ରକ୍ରିୟା ଶେଷ ହେବ ବୋଲି ଆକଳନ କରାଯାଇଛି।



**ରିପୋର୍ଟକୁ ଖଣ୍ଡନ କଲା ରୁଷ**

ୟୁକ୍ରେନ ଯୁଦ୍ଧ ପାଇଁ ଇରାନ ନିଜର 'ସାହେଦ୍' ସିରିଜ୍ ଡ୍ରୋନ୍ ରୁଷିଆକୁ ଯୋଗାଉଥିଲା। କିନ୍ତୁ ଏବେ ସ୍ଥିତି ବଦଳିଛି। ଯଦି ଏହି ରିପୋର୍ଟ ସତ ପ୍ରମାଣିତ ହୁଏ, ତେବେ ରୁଷିଆ ଇରାନକୁ ମାରଣାସ୍ତ୍ର ଯୋଗାଇବାରେ ସାହାଯ୍ୟ କରୁଛି। ଏହି ରିପୋର୍ଟକୁ ରୁଷିଆର ରାଷ୍ଟ୍ରପତି ଭବନ 'କ୍ରେମଲିନ୍'ର ମୁଖପାତ୍ର ଦିମିତ୍ରି ପେସକୋଭ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ବଜାରରେ ଅନେକ ଗୁଜବ ଘୂରି ବୁଲୁଛି। କିନ୍ତୁ ଗୋଟିଏ କଥା ସତ ଯେ ଆମେ ଇରାନ ନେତୃତ୍ୱ ସହ ଆଲୋଚନା ଜାରି ରଖିଛୁ। ତେବେ ଆଜରବାଇଜାନ ଦେଇ ଇରାନକୁ ୧୩ ଟନରୁ ଅଧିକ ଔଷଧ ସମେତ ମାନବୀୟ ସହାୟତା ପଠାଯାଇଥିବା ନେଇ ରୁଷିଆ ସ୍ୱୀକାର କରିଛି।

କେବଳ ଯୁଦ୍ଧକ୍ଷେତ୍ରରେ ସାହାଯ୍ୟ କରିବା ରୁଷିଆର ଏକମାତ୍ର ଲକ୍ଷ୍ୟ ନୁହେଁ। ବରଂ ତେହେରାନ ଶାସନକୁ ବ୍ୟାପକ ରାଜନୈତିକ ଏବଂ ଅର୍ଥନୈତିକ ସ୍ଥିରତା ପ୍ରଦାନ କରିବା ମସ୍କୋର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାଶ୍ଚାତ୍ୟ ଅଧିକାରୀମାନେ ମତ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଇରାନ ୩ ହଜାରରୁ ଅଧିକ ଓ୍ୱାନ୍-ଓ୍ୱେ ଆଟାକ୍ ଡ୍ରୋନ୍ ବ୍ୟବହାର କରିସାରିଲାଣି। କାରଣ ଏହା ତିଆରି କରିବା ସହଜ ଏବଂ ଖର୍ଚ୍ଚ ମଧ୍ୟ କମ୍। ରୁଷିଆ ୨୦୨୩ ମସିହାରୁ ଇରାନୀୟ ଡ୍ରୋନ୍ ଡିଜାଇନକୁ ବ୍ୟବହାର କରି ସେଗୁଡ଼ିକୁ ଆହୁରି ଅତ୍ୟାଧୁନିକ କରିସାରିଛି। ଏହି ରୁଷୀୟ ଡ୍ରୋନଗୁଡ଼ିକ ଶତ୍ରୁର ଏୟାର ଡିଫେନ୍ସକୁ ଚକମା ଦେବା ସହ ଅଧିକ ଓଜନର ବିସ୍ଫୋରକ ବୋହିବାରେ ସକ୍ଷମ।

# ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁଲା ଇରାକ

**ବଢ଼ିଲା ଆମେରିକା ଓ ଇସ୍ରାଏଲର ଚିନ୍ତା**



ନ୍ୟୁୟର୍କ,୨୬।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଇରାକ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଜାତୀୟ ସୁରକ୍ଷା ପରିଷଦ ପପୁଲାର ମୋବିଲାଇଜେସନ୍ ଫୋର୍ସ (ପିଏମ୍ଏଫ୍) ଏବଂ ଅନ୍ୟାନ୍ୟ ସାମରିକ ତଥା ସୁରକ୍ଷା ବାହିନୀକୁ ଯେକୌଣସି ଆକ୍ରମଣର ଜବାବ ଦେବା ପାଇଁ ଅଧିକାର ଦେଇଛି। ଇରାକର ଏହି ନିଷ୍ପତ୍ତି ଆମେରିକା ଏବଂ ଇସ୍ରାଏଲ ପାଇଁ ନୂଆ ସଙ୍କଟ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏପରି କରି ଇରାକ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁବାର ସଙ୍କେତ ଦେଉଛି। ଇରାକ ଆମେରିକୀୟ ଦୂତାବାସର ଚାର୍ଜ ଡି' ଆଫେୟର୍ସଙ୍କୁ ଡକାଇ ଏକ ସରକାରୀ ପ୍ରତିବାଦପତ୍ର ଦାଖଲ କରିଥିଲା। ଏଥିରେ ଦୁଇଟି କଥା କୁହାଯାଇଥିଲା।

ପ୍ରଥମତଃ, ଇରାକ ନିଜର ସାର୍ବଭୌମତ୍ୱର କୌଣସି ଉଲ୍ଲଂଘନକୁ ସହ୍ୟ କରିବ ନାହିଁ। ଦ୍ୱିତୀୟତଃ, ଦେଶ ବର୍ତ୍ତମାନ ସିଧାସଳଖ ପ୍ରତିକ୍ରିୟା ଦେବାକୁ ପ୍ରସ୍ତୁତ। ଏହି ନିଷ୍ପତ୍ତି ଆଂଶିକ ଭାବରେ ଇରାକ ସରକାରଙ୍କ ବିରୋଧରେ ହୋଇଥିବା ପ୍ରତିବାଦ ଯୋଗୁଁ ହୋଇଛି। ବିଦେଶୀ ଆକ୍ରମଣକୁ ନେଇ ସରକାରଙ୍କ ବିରୋଧରେ ବଡ଼ ପ୍ରଦର୍ଶନ ସରକାରଙ୍କୁ ଏହି କଠୋର ମନୋଭାବ ଗ୍ରହଣ କରିବାକୁ ବାଧ୍ୟ କରିଥିବା କୁହାଯାଉଛି। ଏହି ନିଷ୍ପତ୍ତିକୁ ଦେଶ ଭିତରେ ମଧ୍ୟ ଦୃଢ଼ ସମର୍ଥନ ମିଳିଛି। ଏହି ନିଷ୍ପତ୍ତି ସହିତ, ଇରାକ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଯାଉଛି।

ଇରାକର ନିଷ୍ପତ୍ତି ଅଞ୍ଚଳରେ ପ୍ରତିରୋଧ ପଦ୍ଧତିକୁ ଯଥେଷ୍ଟ ପରିବର୍ତ୍ତନ କରିପାରେ। ପୂର୍ବରୁ, ସରକାର ପ୍ରାୟତଃ ଇରାକରେ ପ୍ରତିରୋଧ ବାହିନୀ ଉପରେ ଆକ୍ରମଣର ସିଧାସଳଖ ପ୍ରତିକ୍ରିୟା ଦେଉନଥିଲେ। ଏହି ନିଷ୍ପତ୍ତି ଯୋଗୁଁ ଇରାକ ଏବେ ବିଦେଶୀ ଆକ୍ରମଣର ସିଧାସଳଖ ଜବାବ ଦେଇପାରେ। ଏହା ବ୍ୟତୀତ, ଭିକ୍ଟୋରିଆ ବେସ୍ରୁ ଆମେରିକୀୟ ଏବଂ ନାଟୋ ସେନା ପ୍ରତ୍ୟାହାର କରାଯାଉଥିବାର ସୂଚନା ରହିଛି।

**୨୮ରେ ପଶ୍ଚିମବଙ୍ଗ ଗସ୍ତରେ ଅମିତ ଶାହ**

# ଟିଏମସି ବିରୋଧରେ ଆସିବ 'ଚାର୍ଜସିଟ'



କୋଲକାତା,୨୬।୩: ଆସନ୍ତା ଏପ୍ରିଲ ମାସରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି)ର ପ୍ରଚାର ଅଭିଯାନକୁ ଅଧିକ ତୀବ୍ର କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ୨୮ ମାର୍ଚ୍ଚରେ ରାଜ୍ୟ ଗସ୍ତ କରିବେ। ଏହି ଗସ୍ତ ସମୟରେ ଶାହ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଶାସକ ତୃଣମୂଳ କଂଗ୍ରେସ (ଟିଏମସି) ସରକାର ବିରୋଧରେ ଏକ ଆନୁଷ୍ଠାନିକ 'ଚାର୍ଜସିଟ୍' ଏବଂ ବିସ୍ତୃତ 'ଶ୍ୱେତପତ୍ର' ପ୍ରକାଶ କରିବେ, ଯେଉଁଥିରେ ବିଗତ ବର୍ଷଗୁଡ଼ିକର ଦୁର୍ନୀତି, ପ୍ରଶାସନିକ ବିଫଳତା ଓ ଶାସନଗତ ତ୍ରୁଟି ସମ୍ପର୍କରେ ବିଜେପି ପକ୍ଷରୁ ଅଭିଯୋଗର ଏକ ଲମ୍ବା ତାଲିକା ଉପସ୍ଥାପନ କରାଯିବ। ଦଳ ଏହି ଦସ୍ତାବେଜକୁ ନିଜର ନିର୍ବାଚନୀ ରଣନୀତି ଭାବେ ବ୍ୟବହାର କରିବାର ଲକ୍ଷ୍ୟ ରଖିଥିବା ବେଳେ ଏହା ଟିଏମସିର ଗଡ଼ରେ ବିଜେପିର ପ୍ରତିପତ୍ତି ବଢ଼ାଇବାକୁ ଏକ ପ୍ରୟାସ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ବିଜେପିର ଏହି ଚାର୍ଜସିଟରେ ବିଶେଷ କରି ସରକାରୀ ନିଯୁକ୍ତିରେ ଅନିୟମିତତା, ଆର୍ଥିକ ଅବ୍ୟବସ୍ଥା ଓ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଅବନତି ସମ୍ପର୍କରେ ସବିଶେଷ ତଥ୍ୟ ରହିବାର ସମ୍ଭାବନା ଅଛି। ଦଶନ୍ଧିରୁ ଅଧିକ ସମୟ ଧରି ରାଜ୍ୟରେ ଶାସନ କରୁଥିବା ଟିଏମସି ସରକାରଙ୍କୁ 'ମାଫିଆ ଶାସନ' ଏବଂ ବେଆଇନ ନେଟୱାର୍କ ସହ ଜଡ଼ିତ କରି ବିଜେପି ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ସ୍ପଷ୍ଟ କରିବ। ଯଦି ଦଳ କ୍ଷମତାକୁ ଆସେ, ତେବେ ଏହିସବୁ ବେଆଇନ କାର୍ଯ୍ୟକଳାପକୁ ସମୂଳେ ବିନାଶ କରାଯିବ ବୋଲି ଏଥିରେ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି।

ସେହିଭଳି ଶ୍ୱେତପତ୍ରରେ ବିଭିନ୍ନ କ୍ଷେତ୍ରର ଆକଳନ ଓ କେସ ଷ୍ଟଡି ଜରିଆରେ ସରକାରଙ୍କ କୁଶାସନର ପ୍ରମାଣ ଉପସ୍ଥାପନ କରାଯାଇପାରେ। ବର୍ତ୍ତମାନ ପଶ୍ଚିମବଙ୍ଗର ରାଜନୈତିକ ବାତାବରଣ ବେଶ୍ ଉଷ୍ମ ରହିଥିବା ବେଳେ ଶାସନ, ବିକାଶ ଏବଂ ସୁରକ୍ଷା ଭଳି ପ୍ରସଙ୍ଗଗୁଡ଼ିକ ନିର୍ବାଚନର ମୁଖ୍ୟ ଆଧାର ହେବାକୁ ଯାଉଛି। ଗୃହମନ୍ତ୍ରୀଙ୍କ ଏହି ଗସ୍ତ ନିର୍ବାଚନୀ ଲଢ଼େଇକୁ ଆହୁରି ରୋମାଞ୍ଚକର କରିବ।

**ବନ୍ଦେ ଭାରତ ଏକ୍ସପ୍ରେସ୍ ଦହିରେ ପୋକ**

# କ୍ୟାଟରିଂ କମ୍ପାନିକୁ ୫୦ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ,୨୬।୩: ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଯାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟରେ ପୋକ ଥିବା ଅଭିଯୋଗ ଆସିବା ପରେ ଭାରତୀୟ ରେଳ ମନ୍ତ୍ରଣାଳୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମନ୍ତ୍ରଣାଳୟ ଆଇଆର୍‌ସିଟିସି ଉପରେ ୧୦ ଲକ୍ଷ ଏବଂ କ୍ୟାଟରିଂ କମ୍ପାନି ଉପରେ ୫୦ ଲକ୍ଷ ଜରିମାନା ଲଗାଇଛି। ପାଟନାରୁ ଟାଟାନଗର ଯାଉଥିବା ଜଣେ ଯାତ୍ରୀ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଥିଲେ। ଭିଡିଓରେ ରାତ୍ରିଭୋଜନ ସହ ଖାଇବାକୁ ଦିଆଯାଉଥିବା ଦହିରେ ପୋକ ଥିବା ଦେଖିବାକୁ ମିଳିଥିଲା। ଯାତ୍ରୀ ଜଣଙ୍କ ଏହା ମଧ୍ୟ ଦାବି କରିଥିଲେ ଯେ ଅନ୍ୟ ଯାତ୍ରୀମାନଙ୍କୁ ଦିଆଯାଇଥିବା ଦହିରେ ମଧ୍ୟ ପୋକ ମିଳିଛି।



ଯାତ୍ରୀଙ୍କୁ ଦିଆଯାଇଥିବା ଅମୂଲ ଦହିରେ ପୋକ ଭାସୁଥିବାର ଦେଖିବାକୁ ମିଳିଥିଲା। ଯାତ୍ରୀ ରିତେଶ କୁମାରଙ୍କ ଅଭିଯୋଗ ଆଧାରରେ ରେଳ ମନ୍ତ୍ରଣାଳୟ କଡ଼ା ପଦକ୍ଷେପ ଗ୍ରହଣ କରିଛି। ରେଳ ମନ୍ତ୍ରଣାଳୟ କହିଛି ଯେ ଗତ ୧୫ ତାରିଖରେ ଟ୍ରେନ ନମ୍ବର ୨୧୮୯୬ ପାଟନା-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ଖାଦ୍ୟର ଗୁଣବତ୍ତା ସମ୍ବନ୍ଧୀୟ ଅଭିଯୋଗକୁ ଗମ୍ଭୀରତାର ସହ ନିଆଯାଇଛି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଭିଯୋଗ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ଚୁକ୍ତିନାମା ବାତିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

**ଭୋଟର ତାଲିକାରୁ ସଂଖ୍ୟାଲଘୁ ଭୋଟରଙ୍କ ନାଁ ଗାଏବ୍**

# ପଶ୍ଚିମବଙ୍ଗ ବସିରହାଟର ଏକ ବୁଥରେ ଉପୁଜିଲା ବିବାଦ

ବସିରହାଟ,୨୬।୩: ପଶ୍ଚିମବଙ୍ଗ ବସିରହାଟ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରକାଶିତ ସପ୍ଲିମେଣ୍ଟାରୀ ଭୋଟର ଲିଷ୍ଟ ଏବେ ବିବାଦର କାରଣ ପାଲଟିଛି। ଏହି ଭୋଟର ଲିଷ୍ଟରେ ଏକ ବିଶେଷ ସମୂଦାୟର ୩୪୦ ଭୋଟରଙ୍କ ନାମ ନଥିବା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ତେବେ ପରିସ୍ଥିତି ସେତେବେଳେ ଜଟିଳ ରୂପ ଧାରଣ କଲା ଯେତେବେଳେ ବୁଥ ଲେଵୁଲ ଅଫିସର (ବିଏଲଓ) ସଫିଉଲ ଆଲମଙ୍କ ନାମ ଏଥିରେ ନଥିବା ଜଣାପଡିଲା। ଲୋକେ ରାସ୍ତାକୁ ଓହ୍ଲାଇ ବିରୋଧ ପ୍ରଦର୍ଶନ କରିଥିବା ବେଳେ ନିର୍ବାଚନରେ ଜାଣିଶୁଣି ବିଶେଷ ସମୂଦାୟକୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ବୋରୋ ଗୋବରା ଗାଁର ବୁଥ ନମ୍ବର ୫ରେ ଘଟିଛି। ଭୋଟର ଲିଷ୍ଟରୁ ସବୁ ମୁସଲମାନ ଭୋଟରଙ୍କୁ ବାଦ ଦିଆଯାଇଛି, ଏପରିକି ବିଏଲଓ ମଧ୍ୟ ବାଦ ପଡିଛନ୍ତି। ପୂର୍ବରୁ ପ୍ରକାଶିତ ଡ୍ରାଫ୍ଟ ତାଲିକାରେ ୩୪୦ଜଣ ଭୋଟରଙ୍କ ନାମ 'ବିଚାରାଧୀନ' ଥିଲା। ପ୍ରକାଶିତ ସପ୍ଲିମେଣ୍ଟାରୀ ଲିଷ୍ଟରୁ ସମସ୍ତଙ୍କୁ ହଟାଇ ଦିଆଯାଇଛି। ଏହି ସାମୂହିକ ବାଦକୁ ନେଇ ଭୋଟରମାନେ ରାସ୍ତାରେ ଉଗ୍ର ବିରୋଧ ପ୍ରଦର୍ଶନ କରିବା ସହ ଅଧିକାରୀଙ୍କ ବାସଭବନ ଘେରାଉ କରିଛନ୍ତି। ପ୍ରଭାବିତ ଭୋଟର ଓ ସ୍ଥାନୀୟ ଅଧିକାରୀ ନିର୍ବାଚନ ଅଧିକାରୀଙ୍କ ପାରଦର୍ଶିତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

**● ବୀର ଯୋଦ୍ଧାଙ୍କ ପାଇଁ କେନ୍ଦ୍ରର ବଡ଼ ଘୋଷଣା**

# ଆଜୀବନ ମାଗଣା ରେଳ ଯାତ୍ରା କରିବେ ପଦକ ବିଜେତା

ନୂଆଦିଲ୍ଲୀ,୨୬।୩: ଦେଶର ସୁରକ୍ଷା ପାଇଁ ଅତୁଳନୀୟ ସାହସିକତା ପ୍ରଦର୍ଶନ କରିଥିବା ବୀର ସୈନିକଙ୍କ ସମ୍ମାନାର୍ଥେ କେନ୍ଦ୍ର ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଭାରତୀୟ ସ୍ଥଳସେନା, ନୌସେନା ଓ ବାୟୁସେନାର ସମସ୍ତ ଗ୍ୟାଲେଣ୍ଟ୍ରି ପଦକ ବିଜେତାଙ୍କୁ ଏଣିକି ଭାରତୀୟ ରେଳବାଇରେ ଆଜୀବନ ମାଗଣା ଯାତ୍ରା ସୁବିଧା ମିଳିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଏହି ନିୟମ ଅନୁଯାୟୀ, ପଦକ ବିଜେତାଙ୍କ ସହ ସେମାନଙ୍କ ପରିବାରର ନିର୍ଦ୍ଦିଷ୍ଟ ସଦସ୍ୟ ଓ ଜଣେ ସହଯୋଗୀ ମଧ୍ୟ ଏହି ସୁବିଧା ପାଇବେ। ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଏସି ଭଳି ପ୍ରିମିୟମ ବର୍ଗରେ ଏହି ମାଗଣା ଯାତ୍ରା ସୁବିଧା ତୁରନ୍ତ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଏଥିରୁ ହଜାର ହଜାର ସାମରିକ ପରିବାର ଉପକୃତ ହେବେ। ଯୋଜନା ଅଧୀନରେ ପଦକ ବିଜେତାଙ୍କ ବ୍ୟତୀତ ସେମାନଙ୍କ ସ୍ୱାମୀ ବା ସ୍ତ୍ରୀ ଏହି ସୁବିଧାର ଯୋଗ୍ୟ ବିବେଚିତ ହେବେ। ଯଦି ଅବିବାହିତ ସୈନିକ ମରଣୋତ୍ତର ଭାବେ ଏହି ପଦକ ପାଇଥାନ୍ତି, ତେବେ ତାଙ୍କ ପିତାମାତାଙ୍କୁ ମଧ୍ୟ ଏହି ସୁବିଧା ମିଳିବ। ବୀର ଯୋଦ୍ଧାମାନଙ୍କୁ ସମ୍ମାନଜନକ ଓ ଆରାମଦାୟକ ଯାତ୍ରା ପ୍ରଦାନ ଲକ୍ଷ୍ୟରେ ରେଳବାଇ ପକ୍ଷରୁ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଏସି ଓ ଏସି ଚେୟାର କାର୍‌ରେ ଯାତ୍ରା ପାଇଁ ଅନୁମତି ଦିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ଦେଶର ବୀର ସନ୍ତାନଙ୍କ ସର୍ବୋଚ୍ଚ ବଳିଦାନ ପ୍ରତି ଏକ ଗଭୀର କୃତଜ୍ଞତା ବୋଲି ପ୍ରତିରକ୍ଷା ଅଧିକାରୀମାନେ ପ୍ରକାଶ କରିଛନ୍ତି।

**ବାଂଲାଦେଶରେ ବଡ଼ ଦୁର୍ଘଟଣା**

# ନଦୀକୁ ଖସିଲା ବସ୍, ୨୬ ମୃତ

ବାଂଲାଦେଶ,୨୬।୩: ବାଂଲାଦେଶର ରାଜବାଡରରେ ହୋଇଥିବା ବସ୍ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୬ରେ ପହଂଚିଛି । ଏହି ଦୁର୍ଘଟଣା ସେତେବେଳେ ଘଟିଥିଲା ଯେତେବେଳେ ବସଟି ଦାଓଲତାଦିଆ ଘାଟ ନିକଟରେ ପଦ୍ମା ନଦୀକୁ ଖସିପଡ଼ିଥିଲା । ଅଗ୍ନିସମବାହିନୀର ସୂଚନା ମୁତାବକ ୨୩ ଜଣଙ୍କ ମୃତଦେହ ବସ୍ ଭିତରୁ ବାହାର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୮ ଜଣ ପୁରୁଷ, ୧୧ ଜଣ ମହିଳା ଓ ୫ ଜଣ ଶିଶୁ ରହିଛନ୍ତି । ଏହାସହ ୮ ଜଣଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ହେଲେ ସେମାନଙ୍କ ମଧ୍ୟରୁ ମେଡିକାଲରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏବେ ବି ନଦୀ ଭିତରେ କିଛି ଲୋକ ନିଖୋଜ ରହିଛନ୍ତି। ୨୨ ମୃତକଙ୍କ ଶବ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ବସରେ ପାଖାପାଖି ୪୦ଜଣ ଯାତ୍ରୀ ଥିବା କଥା କୁହାଯାଉଛି। ବୁଧବାର ରାତିରେ ଦୁର୍ଘଟଣା ହୋଇଥିଲା। ବାଂଲାଦେଶରେ ବସ୍ ଓ ଗାଡ଼ିଗୁଡ଼ିକୁ ନଦୀ ପାର କରିବା ପାଇଁ ଫେରୀର ବ୍ୟବହାର କରାଯାଇଥାଏ। ଏହି ଫେରୀ ଏକ ବିରାଟ ଡଙ୍ଗା ଭଳି। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ତାରିକ ରହମାନ ଯାଂଚ ଆଦେଶ ଦେଇଛନ୍ତି। ସେପଟେ ବସଟି ନଦୀକୁ ଖସିପଡ଼ିବା ପରେ ହମଜା ନାମକ ଏକ ଜାହାଜ ସହାୟତାରେ ପାଖାପାଖି ୬ ଘଣ୍ଟା ଧରି ଖୋଜା ଖୋଜି କରାଯିବା ପରେ ମୃତକମାନଙ୍କୁ ବସ୍ ଭିତରୁ ବାହାର କରିବାରେ ସମ୍ଭବ ହୋଇଥିଲା।





### ବିଦ୍ୟୁତ ଆୟୋଗଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ-୨୦୨୫

# ଶୀର୍ଷରେ ପଞ୍ଜାବ; ଓଇଆରସିକୁ 'ବି' ଗ୍ରେଡ୍

**ପ୍ରଥମ ଥର ମୂଲ୍ୟାୟନ କଲେ କେନ୍ଦ୍ର ସରକାର**




ନୂଆଦିଲ୍ଲୀ,୨୬।୩(ସଂଚାର ବ୍ୟୁରୋ): ବିଦ୍ୟୁତ୍ କ୍ଷେତ୍ରର ସଂସ୍କାର ଓ ନିୟାମକ ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ପରଖିବା ପାଇଁ କେନ୍ଦ୍ର ସରକାରଙ୍କ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପ୍ରଥମ ଥର ପାଇଁ ପ୍ରକାଶ କରିଛନ୍ତି 'ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ-୨୦୨୫'। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ 'ପାୱାର୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ' (ପିଏଫଆଇ) ଓ ରୁରାଲ ଇଲେକ୍ଟ୍ରିଫିକେସନ କର୍ପୋରେସନ (ଆରଇସି) ସହଯୋଗରେ ପ୍ରସ୍ତୁତ ହୋଇଥିବା ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରିପୋର୍ଟରେ ପଞ୍ଜାବ ସର୍ବାଧିକ ୯୭ ନମ୍ବର ରଖି ଗ୍ରେଡ-'ଏ'ରେ ଥିବା ୧୧ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ଗ୍ରେଡ-'ବି'ରେ ଥିବା ୧୦ ରାଜ୍ୟ ଭିତରୁ ଓଡ଼ିଶା ୭୫.୫୦ ନମ୍ବର ରଖି ତ୍ରୟୋଦଶ ସ୍ଥାନରେ ରହିଛି। ଓଡିଶା ସମେତ ଗ୍ରେଡ-'ବି'ରେ ଗୁଜରାଟକୁ ୭୧ ଓ ଉତ୍ତରାଖଣ୍ଡକୁ ୬୮ ନମ୍ବର ମିଳିଛି। ସେହିପରି ଗ୍ରେଡ-'ସି'ରେ ଥିବା ୧୦ଟି ରାଜ୍ୟ ସ୍ଥାନ ପାଇଥିବା ବେଳେ ତାମିଲନାଡୁକୁ ୫୮ ନମ୍ବର, କେରଳକୁ ୫୫.୫୦ ଓ ଛତିଶଗଡ ୫୨ ନମ୍ବର ମିଳିଛି। କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟ୍ଟର୍ କହିଛନ୍ତି ଯେ ଦେଶର ଆର୍ଥିକ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଶକ୍ତିକ୍ଷେତ୍ରର ଭୂମିକା ସାମ୍ପ୍ରତିକ ପରିସ୍ଥିତିରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ଅନୁସାରେ ପ୍ରତେକ ନାଗରିକଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ମାନର ବିଦ୍ୟୁତସେବା ସୁଲଭ ମୂଲ୍ୟରେ ଉପଲବ୍ଧ କରାଯିବ। ତେଣୁ ନିୟାମକ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ ଓ ସକ୍ରିୟ କରିବା ଅତ୍ୟାବଶ୍ୟକ ମନେ କରି ଏହି ରିପୋର୍ଟ ପ୍ରକାଶ ପାଇଛି।

ବିଦ୍ୟୁତ ନିୟାମକ ପ୍ରକ୍ରିୟାର ମୁଖ୍ୟତଃ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକୁ ନେଇ ନିୟାମକ ଆୟୋଗଗୁଡିକୁ ମୂଲ୍ୟାୟନ ନମ୍ବର ଓ ଗ୍ରେଡ ପ୍ରଦାନ କରାଯାଇଛି। ଭରସାଯୋଗ୍ୟ ବିଦ୍ୟୁତ୍ ସେବା ପାଇଁ ସମ୍ବଳର ପର୍ଯ୍ୟାପ୍ତତା କ୍ଷେତ୍ରରେ ଓଡ଼ିଶା ବିଦ୍ୟୁତ ଆୟୋଗକୁ ସମୁଦାୟ ୩୨ ନମ୍ବରରୁ ୨୯.୫ ମିଳିଛି। ବିତରଣ କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ମଜଭୁତ ପାଇଁ ଟାରିଫ ନିର୍ଣ୍ଣୟ କ୍ଷେତ୍ରରେ ଥିବା ମୋଟ ୨୫ ନମ୍ବରରୁ ଓଡ଼ିଶା ଆୟୋଗକୁ ମାତ୍ର ୧୬ ନମ୍ବର ମିଳିଥିବା ବେଳେ ସହଜ ଜୀବନ ଧାରଣ ଓ ବ୍ୟବସାୟ ପାଇଁ ଆବଶ୍ୟକ ଗୁଣାତ୍ମକ ବିଦ୍ୟୁତ ସେବା କ୍ଷେତ୍ରରେ ମୋଟ ୨୩ ନମ୍ବରରୁ ମାତ୍ର ୧୭ ନମ୍ବର ମିଳିଛି। ସେହିପରି ଅକ୍ଷୟ ଶକ୍ତି କ୍ଷେତ୍ରରେ ଥିବା ମୋଟ ୧୫ ନମ୍ବରରୁ ଓଡ଼ିଶାକୁ ମାତ୍ର ୮ ନମ୍ବର ମିଳିଥିବା ବେଳେ ନିୟାମକ ଶାସନ କ୍ଷେତ୍ରରେ ମୋଟ ୫ ନମ୍ବରରୁ ପୂର୍ଣ୍ଣ ୫ ନମ୍ବର ମିଳିଛି। ତେବେ ରିପୋର୍ଟ ଉପରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଓଇଆରସି ଦେଶରେ ସର୍ବପ୍ରଥମେ ଗଠନ ହୋଇଥିଲେ ବି କାର୍ଯ୍ୟଦକ୍ଷତାରେ ପଛରେ ପଡ଼ିବା ଦୁର୍ଭାଗ୍ୟପୂର୍ଣ୍ଣ। ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣରୁ ବିଦ୍ୟୁତ କ୍ଷେତ୍ରକୁ ପ୍ରାଥମିକତା ଦେଇ କେନ୍ଦ୍ର ଓ ବିକଶିତ ରାଜ୍ୟ ସାଶନ କାର୍ଯ୍ୟ କରୁଥିବାବେଳେ ଓଡ଼ିଶା ସରକାର ବିଦ୍ୟୁତ କ୍ଷେତ୍ରକୁ ଅଣଦେଖା କରିଥିବାରୁ ନିୟାମକ ପ୍ରକ୍ରିୟା ଦୁର୍ବଳ ହୋଇଛି।

# କଟକରେ ରହିଛି ଓଡ଼ିଶା ପୁସ୍ତକର ଇତିହାସ ପୃଷ୍ଠା

- **ମଣିଷର ନିସଙ୍ଗପଣକୁ ଦୂର କରେ ପୁସ୍ତକ: ସୁବାସ ସିଂହ**
- **ସାହିତ୍ୟର ପରିସୀମା, ବିଶାଳ ଓ ବ୍ୟାପ୍ତ: ଦାସ ବେନହୁର**




କଟକ,୨୬।୩(ସଂଚାର ବ୍ୟୁରୋ): ମହାନଦୀ କୂଳରେ ବାଲିଯାତ୍ରା ପଡିଆରେ ବସନ୍ତ ଋତୁର ଚଇତି ବାଆରେ ଚାଲିଛି 'କଟକ ସାହିତ୍ୟ ସରୋବର ୨୦୨୬। କଟକ ମହାନଗର ନିଗମ ପକ୍ଷରୁ ପ୍ରଥମକରି ଆୟୋଜିତ ହୋଇଛି ଏହି ଜିଲ୍ଲାସ୍ତରୀୟ ପୁସ୍ତକମେଳାରେ ହୋଇଛି ସାହିତ୍ୟ ଓ ସଂସ୍କୃତିର ମହାମିଳନ। ପୁସ୍ତକମେଳାର ସପ୍ତମ ସନ୍ଧ୍ୟାରେ ଆୟୋଜିତ ସଭାରେ ସିଏମସିର ମାନ୍ୟବର ମେୟର ସୁବାସ ସିଂହ, କମିଶନର କିରନଦୀପ୍ କୌର ସହୋତା, ବିଶିଷ୍ଟ ସାହିତ୍ୟିକ ତଥା କଥାକାର ଦାସ ବେନହୁର ପ୍ରମୁଖ ଯୋଗ ଦେଇଥିଲେ।

ସାହିତ୍ୟ ମନୁଷ୍ୟର ଅନେକ ଆବଶ୍ୟକତାକୁ ପୂରଣ କରେ। ଯେପରି ପୁଷ୍କରିଣୀରେ ଫୁଟିଥିବା ପଦ୍ମ ଜଳକୁ ନିର୍ମଳ କରେ, ଠିକ ସେହିପରି କଟକ ଅନେକ ବ୍ୟକ୍ତିଙ୍କୁ ସାହିତ୍ୟିକ ଭାବେ ଗଢ଼ି ତୋଳିଛି। କଟକ ସାରା ଓଡ଼ିଶାର ଇତିହାସ ପୃଷ୍ଠା। କଟକର ଇତିହାସକୁ ପଢ଼ିଦେଲେ ସାରା ଓଡ଼ିଶାକୁ ବୁଝାଯାଏ। ତେଣୁ କଟକରେ ହେଉଥିବା ଏହି ପୁସ୍ତକମେଳାର ନାମ 'କଟକ ସାହିତ୍ୟ ସରୋବର' କରାଯିବା ଏହାକୁ ଯଥାର୍ଥ କରିଛି। ଏଭଳି ପ୍ରୟାସ ପାଇଁ କଟକ ମହାନଗର ନିଗମକୁ ଧନ୍ୟବାଦ ବୋଲି କହିଥିଲେ ବିଶିଷ୍ଟ କଥାଶିଳ୍ପୀ ଦାସ ବେନହୁର।

ମେୟର ସୁବାସ ସିଂହ ସାହିତ୍ୟକୁ ନେଇ ଜୀବନ ଓ ସମାଜର ଏକ ବିଶେଷ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ପୁସ୍ତକ ମଣିଷର ନିସଙ୍ଗପଣକୁ ଦୂର କରେ। ମହାନଗର ନିଗମ ସବୁବେଳେ ଲୋକଙ୍କ ହିତରେ କାମ କରୁଛି ଓ କରିବ ମଧ୍ୟ। ତେବେ ଆମ ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ବର୍ତ୍ତମାନର ଯୁବ ସମାଜ ବହିକୁ ନିଜର ବନ୍ଧୁ ଭାବିବା ଦରକାର ବୋଲି ସେ କହିଥିଲେ।

ପ୍ରାରମ୍ଭରେ ଲିଲି ବୁକ୍ସ ଦ୍ୱାରା ପ୍ରକାଶିତ ଦୁଇଟି ପୁସ୍ତକର ଲୋକାର୍ପଣ ହୋଇଥିଲା। ଯାଜପୁରର ଗାୟତ୍ରୀ ନାୟକଙ୍କ ଦ୍ୱାରା ଲିଖିତ ' ଜ୍ୟୋତି ଓ ଭିନ୍ନ ତିନୋଟି ପାଖୁଡ଼ା ' ଏବଂ ପୁରୀର ବିଦୁଲତା ମିଶ୍ରଙ୍କ ଲିଖିତ 'ଫଳ ଓ ଗଛର ଉପକାରିତା' କୁ ମେୟର ଏବଂ ଅନ୍ୟାନ୍ୟ ଅତିଥି ଲୋକାର୍ପଣ କରିଥିଲେ। ଉଭୟ ଲେଖିକାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

● କର୍ମଶାଳାରେ ଅତିଥିଙ୍କ ମତ

## ଯୁବପିଢ଼ିକୁ ବିପଥଗାମୀ ନ କରୁ ଆଧୁନିକ ସଂସ୍କୃତି

ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ):ଭାରତୀୟ ସଂସ୍କୃତି ଓ ପରମ୍ପରା ସମଗ୍ର ବିଶ୍ୱରେ ଅନନ୍ୟ। ଭାରତ ମୁନିଋଷି ଓ ମନୀଷୀମାନଙ୍କ ଦେଶ। ଆମ ସଂସ୍କୃତି ଓ ପରମ୍ପରା ବହୁ ପ୍ରାଚୀନ ହୋଇଥିବା ବେଳେ ଏହାକୁ ପାଶ୍ଚାତ୍ୟ ଦେଶ ବି ଗ୍ରହଣ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଡିଜିଟାଲ ଯୁଗରେ ଆମ ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇ ନିଜ ସଂସ୍କୃତିକୁ ଅନାଦର କରୁଛନ୍ତି। ଆମ ସଂସ୍କୃତି ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଶୈଳୀ ଓ ବିଜ୍ଞାନର ଅପୂର୍ବ ସମ୍ମିଶ୍ରଣ ହୋଇଥିବାରୁ ଏହାକୁ ବଞ୍ଚାଇବା ଦିଗରେ ଉଦ୍ୟମ ଜରୁରୀ ବୋଲି ଆଜି ସ୍ଥାନୀୟ ରେଡକ୍ରସ ଭବନରେ ଅନୁଷ୍ଠିତ ଏକ କର୍ମଶାଳାରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ନାଗରକ ସମାଜ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କର୍ମଶାଳାରେ ସୁନାମଧନ୍ୟ ଡାକ୍ତର ତଥା ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପ୍ରଫେସର ମନୋଜ କୁମାର ରାଉତ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପ୍ରାନ୍ତ ପ୍ରଚାରକ ବିପିନ ନନ୍ଦ, ସୁସାହିତ୍ୟିକା ଅନାମିକା ଦାସ, ବିଶିଷ୍ଟ ସମାଜସେବୀ ମଧୁସୂଦନ ଦାସ, ପ୍ରେରଣାଦାୟୀ ପ୍ରବକ୍ତା ଲକ୍ଷ୍ମଣ ପଣ୍ଡା ଅତିଥି ଭାବେ ଯୋଗଦେଇ ଆଧୁନିକ ଜୀବନଶୈଳୀ ସହ ଭାରତର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ସବିଶେଷ ଆଲୋଚନା କରିଥିଲେ।କରିଥିଲେ। ରାଜ୍ୟ ନାଗରିକ ସମାଜ ଅଧ୍ୟକ୍ଷ ପ୍ରକାଶ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯୁବ ସମାଜସେବୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ନାଗରିକ ସମାଜ ସମ୍ପାଦକ ଗଣେଶ ପଣ୍ଡା, ମଳୟ ବେହେରା, ବିଜେପି ମୁଖପାତ୍ର ହିତେଶ ମହାପାତ୍ର, ଅଧିବକ୍ତା କିଶୋର ଜେନା ଉପସ୍ଥିତ ଥିବା ବେଳେ ହରପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଟିଏମସି କର୍ମୀଙ୍କ ଉପରେ ଗୁଳିମାଡ଼ ଘଟଣାରେ ଦୁଇ ଗିରଫ



କୋଲକାତା,୨୬।୩(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ଗଙ୍ଗାରାମପୁର ଅଞ୍ଚଳରେ ଜଣେ ତୃଣମୂଳ କଂଗ୍ରେସ କର୍ମୀଙ୍କୁ ଗୁଳି କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ, ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ପୁଲିସ ଅନୁଯାୟୀ, ଗଙ୍ଗାରାମପୁର ସହରରେ ତୃଣମୂଳର ପଛୁଆବର୍ଗ ସେଲର ସଭାପତି ବାବୁ ଚୌଧୁରୀ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଏବଂ ବର୍ତ୍ତମାନ ସେ ଫେରାର ଅଛନ୍ତି। ତେବେ, ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ମନୋଜ ପ୍ରସାଦ ଜୟସ୍ୱାଲ ଏବଂ ବିଶ୍ୱଜିତ କୁଣ୍ଡୁଙ୍କୁ ଗିରଫ କରାଯାଇଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଗଙ୍ଗାରାମପୁରର ଏସ୍‌ଡିପିଓ ସୁଭାତୋଷ ସରକାର କହିଛନ୍ତି ଯେ ବାବୁ ଚୌଧୁରୀ ଏବଂ ଆହତ ତୃଣମୂଳ କର୍ମୀ ଶିବ ଚୌଧୁରୀଙ୍କ ମଧ୍ୟରେ ବ୍ୟବସାୟିକ ଶତ୍ରୁତା ଥିଲା। ଏହି ଶତ୍ରୁତାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗାରାମପୁର ଥାନା ଅଞ୍ଚଳରେ ଶିବ ଚୌଧୁରୀଙ୍କୁ ଟାର୍ଗେଟ କରି ଗୁଳି କରାଯାଇଥିଲା।

## ୬ଦିନିଆ ଲିଙ୍ଗରାଜ ମହୋତ୍ସବ ଆରମ୍ଭ



ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୬ଦିନିଆ ଲିଙ୍ଗରାଜ ମହୋତ୍ସବ ଆଜି ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ପ୍ରଥମେ ଓଡ଼ିଶୀ ବନ୍ଦନା, ପରେ ପୁରୀର ନାଚଘର ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ବଲାଙ୍ଗିର କୋଶଳ ପ୍ଲେକ୍ ଡ୍ୟାନ୍ସ ଏକାଡେମୀ ଲୋକ ନୃତ୍ୟ, କଟକ ସିଙ୍ଗମ ଦ୍ୱାରା କ୍ରିଏଟିଭ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ବାସୁଦେବ ନାଥ ଏହାର ସଂଯୋଜନା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକ ଡ୍ରମରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଲକାତା,୨୬।୩(ସଂଚାର ବ୍ୟୁରୋ): ହୁଗଳିର ଭଦ୍ରେଶ୍ୱର ଅଞ୍ଚଳରେ ଏକ ବଡ଼ ପ୍ଲାଷ୍ଟିକ୍ ଡ୍ରମ୍ ଭିତରେ ଏକ ବସ୍ତାରେ ବନ୍ଧା ଯାଇଥିବା ମୃତଦେହ ଉଦ୍ଧାର ହୋଇଛି। ଭଦ୍ରେଶ୍ୱରର ଶ୍ୱେତପୁର ଅଞ୍ଚଳର ଦିଲ୍ଲୀ ରୋଡ୍ ପାର୍ଶ୍ୱରେ ଥିବା ଏକ ଜମିରେ ମୃତଦେହଟି ମିଳିଥିଲା। ସ୍ଥାନୀୟ ଲୋକମାନେ ପ୍ରଥମେ ଏକ ବସ୍ତା ବନ୍ଧା ହୋଇ ପାଣି ଡ୍ରମ ଭିତରେ ପଡିଥିବା ଦେଖିବାକୁ ପାଇଥିଲେ। ସନ୍ଦେହ କରି ସେମାନେ ପୁଲିସକୁ ଖବର ଦେଇଥିଲେ। ପରେ, ଶ୍ୱେତପୁର ଫାଣ୍ଡିର ଅଧିକାରୀମାନେ ପହଞ୍ଚି ବସ୍ତା ଖୋଲି ମୃତଦେହ ଉଦ୍ଧାର କରିଥିଲେ। ମୃତ ଯୁବକଙ୍କ ପରିଚୟ ଅସ୍ପଷ୍ଟ ରହିଛି, ଯଦିଓ ତାଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ପୀଡିତାଙ୍କ ଗଳା କାଟି ହତ୍ୟା କରାଯାଇଛି। ତାଙ୍କ ଶରୀରକୁ ପୋଡ଼ିବାକୁ ମଧ୍ୟ ଚେଷ୍ଟା କରାଯାଇଥିଲା।

## ରାମନବମୀ ଶୋଭାଯାତ୍ରାରେ ଉତ୍ତେଜନା



କୋଲକାତା,୨୬।୩(ସଂଚାର ବ୍ୟୁରୋ): ଗୁରୁବାର ଦିନ ନ୍ୟୁ ଟାଉନରେ ରାମନବମୀ ଅବସରରେ ଏକ ଶୋଭାଯାତ୍ରାକୁ ନେଇ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶୋଭାଯାତ୍ରା ସମୟରେ ଅସ୍ତ୍ର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଆସିବା ପରେ ପୁଲିସ ଶୋଭାଯାତ୍ରାକୁ ଅଟକାଇଥିଲା, ଯାହା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି କରିଥିଲା। ଖବର ଅନୁଯାୟୀ, ନ୍ୟୁ ଟାଉନରେ ଅବସ୍ଥିତ ରାମ ମନ୍ଦିରରୁ ରାମନବମୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ କିଛି ବ୍ୟକ୍ତିଙ୍କ ଦ୍ୱାରା ଖଣ୍ଡା ବହନ କରାଯାଇଥିବା ଅଭିଯୋଗ ଆସିଥିଲା। ଫଳସ୍ୱରୂପ, ନ୍ୟୁ ଟାଉନ ଏବଂ ବିଧାନନଗର ପୋଲିସ ବାହିନୀକୁ ନେଇ ଗଠିତ ଏକ ମିଳିତ ଦଳ ଶୋଭାଯାତ୍ରାକୁ ବାଧା ଦେଇଥିଲା। ପୋଲିସ ଜଣାଇଛି ଯେ ଅସ୍ତ୍ର ପ୍ରଦର୍ଶନ ସହିତ ଏପରି ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ସେହି ସମୟରେ ରାଜାରହାଟ-ନ୍ୟୁ ଟାଉନ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ପୀୟୁଷ କାନୋଡିଆ ମଧ୍ୟ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। ଶୋଭାଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ ସେ ପୋଲିସ ସହିତ ଆଲୋଚନା କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପୋଲିସ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡିସେମ୍ବର...

ଦ୍ୱିତୀୟ ମ୍ୟାଚ୍‌ଟି ବାରବାଟୀରେ ଖେଳାଯିବା ସକାଶେ ସ୍ଥିର ହୋଇଛି। ଏହା ପୂର୍ବରୁ ରାଜକୋଟରେ ପ୍ରଥମ ଓ ଏହାପରେ ପୁଣେରେ ତୃତୀୟ ଟି-୨୦ ଖେଳାଯିବ। ଅନ୍ୟପକ୍ଷରେ ଭାରତୀୟ ଦଳର ଘରୋଇ ସିଜନ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆସନ୍ତା ସେପ୍ଟେମ୍ବର ୨୭ ତାରିଖରୁ ଆରମ୍ଭ ହେବ। ଏହି ଗସ୍ତ ସମୟରେ ଦୁଇ ଦଳ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକ ଦିନିକିଆ ସିରିଜ୍ ଖେଳାଯିବ। ତା'ଛଡ଼ା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବି ଖେଳାଯିବାର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍‌ଗୁଡ଼ିକ ତିରୁବନନ୍ତପୁରମ୍, ଗୌହାଟୀ ଓ ନ୍ୟୁ ଚଣ୍ଡିଗଡ଼ଠାରେ ଖେଳାଯିବ। ପରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲକ୍ଷ୍ନୌ, ରାଞ୍ଚି, ଇନ୍ଦୋର, ହାଇଦ୍ରାବାଦ ଓ ବେଙ୍ଗାଲୁରୁଠାରେ ଆୟୋଜନ ହେବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଡିସେମ୍ବରରେ ଭାରତ ଶ୍ରୀଲଙ୍କା ବିପକ୍ଷରେ ୩ଟି ଟି-୨୦ ଖେଳିବା ସହ ଦିଲ୍ଲୀ, ବେଙ୍ଗାଲୁରୁ ଓ ଅହମ୍ମଦାବାଦରେ ଦିନିକିଆ ସିରିଜ୍ ଖେଳିବ।

## କୃତ୍ରିମ...

ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରବି ଋତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀ ସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍‌ଏନଜି ପାଇଁ ଭାରତ ବିଭିନ୍ନ ଗଲ୍‌ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲପିଜି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଏସବୁ ସାମଗ୍ରୀର ଉପଲବ୍ଧତା ଓ ବଣ୍ଟନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଏହି ବୈଠକ ଡାକିଥିଲେ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ବୈଠକରେ ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ସାର ଯୋଗାଣ ଯେପରି ଅବ୍ୟାହତ ରହିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି...

ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ମଜବୁତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବ। ଆଚରଣ ସଂହିତା ଯୋଗୁ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରେ ଯୋଗଦେବେ ନାହିଁ। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନଙ୍କ ପାଇଁ ଏକ ପୃଥକ ବୈଠକ ଅନୁଷ୍ଠିତ ହେବ, ଯାହା କ୍ୟାବିନେଟ ସଚିବାଳୟ ମାଧ୍ୟମରେ କରାଯିବ ବୋଲି ଜଣାପଡ଼ିଛି।

ସେହିଭଳି ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଦିଲ୍ଲୀରେ ଗ୍ୟାସ ସଙ୍କଟକୁ ନେଇ ୯ଟି ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଯୋଗଦେବେ। ରାଜ୍ୟରେ ବର୍ତ୍ତମାନ ଗ୍ୟାସ ଓ ପେଟ୍ରୋଲର ଅଭାବ ନାହିଁ। ହୋଟେଲକୁ ଆବଶ୍ୟକ ପଡୁଥିବା ଇନ୍ଧନ ଗ୍ୟାସର ୫୦ ପ୍ରତିଶତ ଯୋଗାଇ ଦିଆଯାଉଛି। ତେବେ ଘରୋଇ କ୍ଷେତ୍ର ପାଇଁ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଶ୍ରୀ ପାତ୍ର କହିଛନ୍ତି।

## ପୁରୀ...

ଅବକାରୀ ନୀତି ଘୋଷଣା କରିଛନ୍ତି। ଏହା ଆସନ୍ତା ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକ୍ଷମ ହେବ ଓ ୨୦୨୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ କୌଣସି ଅବକାରୀ ଦୋକାନ ଚାଲିବ ନାହିଁ।

ସମଗ୍ର ରାଜ୍ୟରେ ଘରକୁ ମଦ ପହଞ୍ଚାଇବା ବା 'ହୋମ୍ ଡେଲିଭରି' ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ନୂଆ ଅବକାରୀ ନୀତିରେ ରାଜ୍ୟରେ କୌଣସି ନୂଆ 'ଅଫ୍ ସପ୍', ଦେଶୀ ମଦ କିମ୍ବା ଆଉଟ-ଷ୍ଟିଲ୍ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଗ୍ରାମାଞ୍ଚଳରେ ମଧ୍ୟ ନୂଆ 'ଅନ୍ ସପ୍ ' ଦୋକାନ ଖୋଲିବ ନାହିଁ। କେବଳ ଶିଳ୍ପାଞ୍ଚଳରେ ଥିବା ଥ୍ରୀ-ଷ୍ଟାର ବା ତଦୁର୍ଦ୍ଧ୍ୱ ଷ୍ଟାର ହୋଟେଲ ଓ କ୍ଲବ୍‌ଗୁଡ଼ିକରେ ଏଭଳି ଅନୁମତି ମିଳିବ।

ସେହିପରି ଦେଶୀ ମଦ ପ୍ରସ୍ତୁତି କେନ୍ଦ୍ରଗୁଡ଼ିକରେ 'ଏଫଏସଏସଏଆଇ' ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଛି। ମଦର ଚୋରା କାରବାର ରୋକିବା ପାଇଁ ସରକାର 'ଟ୍ରାକ୍ ଆଣ୍ଡ ଟ୍ରେସ୍' ପ୍ରଣାଳୀ ଓ ସିସିଟିଭି ବ୍ୟବସ୍ଥା ଲାଗୁ କରିବେ। ସମସ୍ତ ମଦ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନକୁ ସିସିଟିଭି ନିରୀକ୍ଷଣରେ ରଖାଯିବ, ଯାହା ସିଧାସଳଖ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରୁ ତଦାରଖ ହୋଇପାରିବ।

ରାଜ୍ୟ ସରକାର ପ୍ରଥମ ଥର ପାଇଁ ନିଜର ଅବକାରୀ ନୀତିରେ ୦.୫ ପ୍ରତିଶତ '- ଆଡିକସନ୍ ସେସ୍' ବା 'ନିଶା ନିବାରଣ କର' ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ମାଧ୍ୟମରେ ରାଜ୍ୟ ସରକାର ମଦକୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରିଛନ୍ତି। ତେବେ ଏହି ଅତିରିକ୍ତ ସେସରୁ ଆଦାୟ ହେଉଥିବା ସମସ୍ତ ଅର୍ଥକୁ ରାଜ୍ୟରେ ମଡେଲ ନିଶାମୁକ୍ତି କେନ୍ଦ୍ର ସ୍ଥାପନ ଓ ପରିଚାଳନା ପାଇଁ ବ୍ୟୟ କରାଯିବ ବୋଲି କୁହାଯାଇଛି। ନୂଆ ନୀତି ଅନୁସାରେ, ପ୍ରତିବର୍ଷ ଲାଇସେନ୍ସ ଶୁଳ୍କରେ ୧୦ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବ। ଏଥିସହ ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କକୁ ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ବିଦେଶୀ ମଦ (ଆଇଏମଏଫଏଲ) ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବୃଦ୍ଧି ହୋଇଥିବାରୁ ବଜାରରେ ମଦ ଦର ମଧ୍ୟ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ନୂଆ ଅବକାରୀ ନୀତିରେ ମଦ ବ୍ୟବସାୟୀଙ୍କ ପାଇଁ ପ୍ରଚଳିତ 'ଏମଜିକ୍ୟୁ ବା ସର୍ବନିମ୍ନ ନିଶ୍ଚିତ ପରିମାଣ'କୁ ହଟାଇ ଦେଇ ସର୍ବନିମ୍ନ ନିଶ୍ଚିତ ଅବକାରୀ ରାଜସ୍ୱ (ଏମଜିଇଆର) ବ୍ୟବସ୍ଥା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବ୍ୟବସାୟୀଙ୍କ ଉପରେ ବିକ୍ରି ପରିମାଣ ବୃଦ୍ଧି ପାଇଁ ରହୁଥିବା ଅଯଥା ଚାପ ହ୍ରାସ ପାଇବ ଓ ଅବୈଧ 'କୁଚିଆ' ବିକ୍ରୟ ପ୍ରଥା ଉପରେ ମଧ୍ୟ କଟକଣା ଲାଗିବ। ଏଥିସହ ଓଏସ୍ ୟୁନିଟ୍‌ଗୁଡ଼ିକର ଆଧୁନିକୀକରଣ, ଉନ୍ନତ ପ୍ୟାକେଜିଂ ଓ ଏଫଏସଏସଏଆଇ ସାର୍ଟିଫିକେସନକୁ ବାଧ୍ୟତାମୂଳକ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଧୁନିକୀକରଣ କାର୍ଯ୍ୟ ସାରୁଥିବା ୟୁନିଟଗୁଡ଼ିକୁ ସରକାର ପ୍ରୋତ୍ସାହନ ମଧ୍ୟ ଦେବେ। ରାଜ୍ୟର ଅବକାରୀ ରାସାୟନିକ ପରୀକ୍ଷାଗାରଗୁଡ଼ିକୁ ମଧ୍ୟ ଅଧିକ ଶକ୍ତିଶାଳୀ ଓ ଆଧୁନିକ କରାଯିବ ବୋଲି ନୂଆ ନୀତିରେ ବ୍ୟବସ୍ଥା କରାଯାଇଛି।

## ଶିକ୍ଷା...

ଭାରତୀୟ ଜ୍ଞାନ ପରମ୍ପରା ଓ ଶ୍ରଦ୍ଧେୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ' କେବଳ ଏକ ବିଚାର ନୁହେଁ, ବରଂ ଏହା ଆମ ରାଷ୍ଟ୍ର ଜୀବନର ଏକ ସ୍ଥାୟୀ ଦର୍ଶନ। ସେହିପରି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ୨୦୨୦ର ପ୍ରଭାବଶାଳୀ ରୂପାୟନ ମାଧ୍ୟମରେ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ସହ ବିଦେଶରେ ଭାରତୀୟ କ୍ୟାମ୍ପସ ପ୍ରତିଷ୍ଠା ଉପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ (ସିଆଇଆଇଏଲ) ପରିଦର୍ଶନ କରି ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ୨୨ଟି ଅନୁସୂଚିତ ଭାଷା ବ୍ୟତୀତ ଭାରତର ସମସ୍ତ ଆଞ୍ଚଳିକ ଭାଷା ଓ ଜ୍ଞାନ କୌଶଳକୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ସେହିପରି ସିଆଇଆଇଏଲର ପ୍ରତିନିଧି ଦଳଙ୍କ ସହ ଆଲୋଚନା ସମୟରେ ସେ ଭାଷାଭିତ୍ତିକ ଢାଞ୍ଚା ଓ ଜ୍ଞାନ ପ୍ରଣାଳୀର 'ଡିକୋଲୋନାଇଜେସନ୍' ବା ଗୋଲାମୀ ମାନସିକତାରୁ ମୁକ୍ତି ଉପରେ ଜୋର ଦେଇଥିଲେ। ନ୍ୟାସନାଲ ବୁକ୍ ଟ୍ରଷ୍ଟ (ଏନବିଟି) ଭଳି ସଂସ୍ଥା ମାଧ୍ୟମରେ ସ୍ଥାନୀୟ ଭାଷାରେ ବିଷୟବସ୍ତୁ ପ୍ରସାର କରିବାକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତାଙ୍କ ଗସ୍ତ କାଳରେ ଜଗଦଗୁରୁ ଶ୍ରୀ ଶିବରାତ୍ରୀ ଦେଶିକେନ୍ଦ୍ର ମହାସ୍ୱାମୀଜୀଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଗ୍ରାମୀଣ ବିକାଶ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରସାର କ୍ଷେତ୍ରରେ ମହାସ୍ୱାମୀଜୀଙ୍କ ଅବଦାନକୁ ସେ ରାଷ୍ଟ୍ର ନିର୍ମାଣର ଏକ ପ୍ରେରଣାଦାୟୀ ଦିଗ ବୋଲି ମଧ୍ୟ ବର୍ଣ୍ଣନା କରିଛନ୍ତି।

## ଗୃହରେ...

ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଗୃହ ମୁଲତବୀ ହେବା ପରେ ବିରୋଧୀ ସଦସ୍ୟମାନେ ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରିଥିଲେ। ୧୧ ଜଣ ମୃତକଙ୍କ ପ୍ରତୀକ ସ୍ୱରୂପ ସେମାନଙ୍କ ନାମ ଲେଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୂନ୍ୟକାଳରେ ମଧ୍ୟ ସେମାନେ ଗୃହରେ ସମାନ ଢଙ୍ଗରେ ହଟ୍ଟଗୋଳ ଜାରି ରଖିଥିଲେ। ବିଜେପି ବିଧାୟକମାନେ ନିଜ ନିଜ ଆସନରେ ବସି ବିରୋଧୀଙ୍କ ଉଦ୍ଦେଶ୍ୟରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। 'ବିଜେଡି କଂଗ୍ରେସ ଭାଇ ଭାଇ, କେବଳ ଓଡ଼ିଶା ଲୁଟିବା ପାଇଁ ', 'ଦିଲ୍ଲୀରେ ବିଜୁ ନବୀନ ଟ୍ରଷ୍ଟ ଗଠନ କାହା ସ୍ୱାର୍ଥରେ', 'ଦଳୀୟ ସ୍ୱାର୍ଥରେ ବିଧାନସଭା ବନ୍ଦ, ବିଜେଡି ଛିଛି', 'ଦିଲ୍ଲୀରେ ବିଜୁ ନବୀନ ଟ୍ରଷ୍ଟ କର୍ମୀଙ୍କୁ ଧୋକା, ନବୀନ ଏବେ ଏକା' ସ୍ଲୋଗାନ ଲେଖାଥିବା ପୋଷ୍ଟର ଓ ବ୍ୟାନର ଦେଖାଇଥିଲେ।

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୂନ୍ୟକାଳରେ ବିରୋଧୀଙ୍କ ପ୍ରତିବାଦକୁ ସମାଲୋଚନା କରି କହିଥିଲେ ଯେ, ଏସସିବି ଘଟଣାରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତଥାପି ବିରୋଧୀ ଦଳମାନେ ଗୃହ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଲଗାତାର ଅଷ୍ଟମ ଦିନରେ ଗୃହରେ ଅଚଳାବସ୍ଥା ଲାଗିରହିଛି। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିଲେ ମଧ୍ୟ ବିରୋଧୀ ଦଳ ଶୁଣୁ ନାହାନ୍ତି। ଗୃହରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀଙ୍କୁ ଆଲୋଚନାକୁ ଆସିବାକୁ ଆହ୍ୱାନ କରିଛନ୍ତି। ଆମେ ସମସ୍ତେ ଗୃହକୁ ସୁରୁଖୁରୁରେ ଚଳାଇବାକୁ ଲଗାତାର ଉଦ୍ୟମ କରୁଛୁ। ଲୋକଙ୍କ ସମସ୍ୟା କଥା ଗୃହରେ ଆଲୋଚନା ହୋଇପାରୁନାହିଁ। ବିରୋଧୀ ଅଡି ବସିଛନ୍ତି। ପୂର୍ବ ବିଜେଡି ସରକାର ସମୟରେ ତାଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଗୃହ ବିଭାଗ ଦାୟିତ୍ୱରେ ଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦେଇଥିଲେ କି? ପରୀ ହତ୍ୟା ଘଟଣାରେ ନ୍ୟାୟ ଦେଇପାରିଲେ ନାହିଁ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୃହକୁ ବିଶ୍ୱାସକୁ ନେଉ ନାହାନ୍ତି। ଗୃହ ଚାଲୁ ବୋଲି ଚାହୁଁନାହାନ୍ତି। ବିରୋଧୀ ଦଳ ନେତା ଗୃହକୁ ଆସନ୍ତୁ ସମସ୍ତେ ଆଲୋଚନା କରିବା। ସରକାର ପ୍ରସ୍ତୁତ ଅଛନ୍ତି। 'ଢୋଙ୍ଗୀ ବାବାଙ୍କ ଦିଲ୍ଲୀ ଟ୍ରଷ୍ଟ କଥାର ଢୋଙ୍ଗ' ଖୋଲିଯିବା ଭୟରେ ଗୃହ ଅଚଳ କରୁଛନ୍ତି। ଏ ଗୃହରେ କୋକେଇ, ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ ସ୍ଲୋଗାନ ଦେଇ ଗଣତନ୍ତ୍ରର ହତ୍ୟା କରୁଛନ୍ତି। ବିରୋଧୀ ସେମାନଙ୍କର ଦାୟିତ୍ୱ ନିର୍ବାହ କରନ୍ତୁ, ସରକାରଙ୍କୁ ଘେରନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ।

ବିରୋଧୀ ଦଳର ବିଧାୟକମାନେ କକ୍ଷତ୍ୟାଗ କରି ଚାଲିଯିବା ପରେ ବିଜେପି ବିଧାୟକ ଇରସିଶ୍ ଆଚାର୍ଯ୍ୟ, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଅମରେନ୍ଦ୍ର ଦାସ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଆଚରଣକୁ ନିନ୍ଦା କରିଥିଲେ। ଶୂନ୍ୟକାଳ ପରେ ଆଜି ବିଧାନସଭା ୧୨ ଟା ୩୮ରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବି ହୋଇଛି। ଆଜି ଅଶୋକାଷ୍ଟମୀ ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଅବସରରେ ଗୃହକୁ ମୁଲତବୀ ରଖିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ପ୍ରସ୍ତାବକୁ ଗୃହୀତ କରିଥିଲେ। ଆଜି ଗୃହ କାର୍ଯ୍ୟସୂଚୀରେ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଖର୍ଚ୍ଚଦାବି ଆସନ୍ତା ୩୦ ତାରିଖରେ ଗିଲୋଟିନ ମାଧ୍ୟମରେ ଗୃହୀତ ହେବ ବୋଲି ବାଚସ୍ପତି ଘୋଷଣା କରିଥିଲେ।

## ୭ ଜଣଙ୍କୁ...

ଭୋଇ ସଂଘବଦ୍ଧ ଭାବେ ଲୁହା ପାଇପ୍, ଭୁଜାଲି ଓ କୁରାଢ଼ି ସାହାଯ୍ୟରେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶଙ୍କର ମୃତ୍ୟୁ ହୋଇଥିବା ବେଳେ ଧନଞ୍ଜୟ ବେହେରା ଓ ଅଜୟ ବାରିକ ଗୁରୁତର ଭାବେ ଆହତ ହୋଇଥିଲେ। କତରବଗା ଥାନା ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଏହି ମାମଲାରେ ତଦନ୍ତ ସାରି ଚାର୍ଜସିଟ୍ ଦାଖଲ କରିବା ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇ ଗୁରୁବାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୁଭାଷ ଚନ୍ଦ୍ର ମହାନ୍ତ ଅଦାଲତରେ ଏହି ମାମଲା ପରିଚାଳନା କରିଥିଲେ। ତେବେ ଦୀର୍ଘ ଦିନର ବିଚାର ପରେ ଆଜି ମିଳିଥିବା ନ୍ୟାୟ ପ୍ରକାଶଙ୍କ ପରିବାର ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି।

## ବିଜେଡିର...

ପାରିତ ହେବାର ସମ୍ଭାବନା ନାହିଁ। ବିଜେଡି ବି ଏହି ବିଲ୍ ଆଲୋଚନାରେ ଅଂଶଗ୍ରହଣ କରିବନାହିଁ।

ତେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତ ଥରର ଦରମା ବୃଦ୍ଧି ବିଲ୍‌କୁ ବିରୋଧ କରିଥିବା ବେଳେ ଏଥର ଦଳ କି ଆଭିମୁଖ୍ୟ ଗ୍ରହଣ କରିବ, ତା' ଉପରେ ସମସ୍ତଙ୍କ ନଜର ରହିଛି। ଗତଥର ତରବରିଆ ଭାବେ ଦରମା ବୃଦ୍ଧି ବିଲ୍ ପାରିତ ହେବା ପରେ ପ୍ରଥମେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏହାକୁ ବିରୋଧ କରିଥିଲେ। ଯଦିଓ ବିଜେଡି ବିଲ୍ ସପକ୍ଷରେ ମୁଣ୍ଡ ଟୁଙ୍ଗାରିଥିଲା, କିନ୍ତୁ ପରିବର୍ତ୍ତିତ ରାଜନୈତିକ ପାଣିପାଗକୁ ଦେଖି ନବୀନ ଏହାକୁ ବିରୋଧ କରିଥିଲେ।

ଏପ୍ରିଲ୍ ୪ ତାରିଖରେ ରାଜ୍ୟ ସରକାର ପୁଣିଥରେ ଦରମା ବୃଦ୍ଧି ବିଲ୍ ଆଣିବାକୁ ଯାଉଥିବାରୁ ବିଜେଡି ଓ ବିରୋଧୀ ଦଳ ନେତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ବିଜେଡି ତା'ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଶେଷ ପର୍ଯ୍ୟନ୍ତ ଅଟଳ ରହିବ ଓ ବିଧାନସଭା ମୁଲତବୀ ପରେ ରାଜ୍ୟପାଳଙ୍କ ନିକଟରେ ଏ ସଂକ୍ରାନ୍ତରେ ଫେରାଦ ହେବ। ତେବେ ରାଜ୍ୟପାଳଙ୍କ ନିକଟରେ ବିଜେଡି କେବଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରସଙ୍ଗ ଉଠାଇବ ନା ଆର୍ଥିକ ବିଲ୍ ଫେରସ୍ତ ଓ ପୁନଃ ଉପସ୍ଥାପନ ପ୍ରସଙ୍ଗ ଉଠାଇବ, ତା' ଉପରେ ସମସ୍ତଙ୍କ ନଜର ରହିଛି।

## ପ୍ରତ୍ୟାହାର...

ବିଧାୟକମାନେ ସର୍ବସମ୍ମତି କ୍ରମେ ସମର୍ଥନ କରିଥିଲେ। କେବଳ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏହି ବିଲ୍‌କୁ ବିରୋଧ କରିଥିଲେ। ଏହି ବିଲ୍‌ରେ ବିଧାୟକମାନଙ୍କ ଦରମା ୧ ଲକ୍ଷରୁ ସାଢ଼େ ୩ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପୂର୍ବତନ ବିଧାୟକମାନଙ୍କୁ ପେନସନ ଓ ଅନ୍ୟାନ୍ୟ ଭତ୍ତା ମିଶାଇ ସର୍ବନିମ୍ନ ପ୍ରାୟ ୧ ଲକ୍ଷ ଟଙ୍କା ମାସିକ ଦେବାର ପ୍ରାବଧାନ ହୋଇଥିଲା। ଏହି ବର୍ଦ୍ଧିତ ଦରମା ଓ ପେନସନ ପିଛିଲା ଭାବେ ୨୦୨୪ ଜୁନରୁ ଲାଗୁ ହେବ ବୋଲି ମଧ୍ୟ ବିଲରେ ବ୍ୟବସ୍ଥା ରହିଥିଲା। ତେବେ ବିଲ ପାରିତ ହେବା ପରେ ରାଜ୍ୟବ୍ୟାପୀ ତୀବ୍ର ଜନଆକ୍ରୋଶ ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆରେ ପ୍ରବଳ ସମାଲୋଚନା ହୋଇଥିଲା। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜେ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଗତ ବର୍ଷ ଡିସେମ୍ବର ୧୩ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇବା ପରେ ରାଜ୍ୟ ରାଜନୀତିକୁ ଉଷ୍ମ ହୋଇଥିଲା। ଏହାର ସପ୍ତାହେ ନପୂରୁଣୁ ବିଜେପି ବିଧାୟକମାନେ ମଧ୍ୟ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ତେବେ ବିଧାନସଭାରେ ବିଜେପି, ବିଜେଡି ଓ କଂଗ୍ରେସ ମିଳିତ ଭାବେ ଏହି ଦରମା ଓ ପେନସନ ବୃଦ୍ଧି ବିଲକୁ ସମର୍ଥନ ଜଣାଇଥିଲେ ମଧ୍ୟ ଜନଆକ୍ରୋଶକୁ ଦେଖି ଏଥିରୁ ଓହରିବାର ମାର୍ଗ ଖୋଜିଥିଲେ। ସମସ୍ତେ ନିଜ ନିଜର ଦୋଷ ଛଡ଼ାଇବା ପାଇଁ ରାଜନୀତିକ ଡ୍ରାମା ଆରମ୍ଭ କରିଦେଇଥିଲେ। ଶାସକ ବିଜେପି ବିଧାୟକମାନେ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ଲିଖିତ ଭାବେ ଦେବା ପରେ ସରକାର ଏହି ବିଲ୍‌କୁ ଫେରାଇନେବେ ବୋଲି ସ୍ପଷ୍ଟ ସୂଚନା ଦେଇଥିଲେ। ମୁଦ୍ରାସ୍ଫୀତି ଓ ଅନ୍ୟ ରାଜ୍ୟର ଦରମା ଢାଞ୍ଚାର ଆଳ ଦେଖାଇ ଏହି ଦରମା ଓ ପେନସନ ବୃଦ୍ଧିକୁ ଯଥାର୍ଥ ବୋଲି ଦର୍ଶାଇବାକୁ ବିଧାୟକମାନେ ପ୍ରୟାସ କରିଥିଲେ ମଧ୍ୟ ଜନସାଧାରଣଙ୍କ ଅସନ୍ତୋଷକୁ ଦେଖି ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ ହୋଇଥିଲେ। ତେବେ କିଛି ବିଧାୟକ ଏବେ ମଧ୍ୟ ଏହି ବିଲ୍ ପ୍ରତ୍ୟାହାର ସପକ୍ଷରେ ନାହାଁନ୍ତି। କିନ୍ତୁ ଜନ ଅସନ୍ତୋଷକୁ ଦୃଷ୍ଟି ରଖି ପ୍ରତିବାଦ କରୁନାହାନ୍ତି।

## ଚଡକ ପର୍ବ ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ




ବାଲିଆପାଳ,୨୬।୩ (ସଂଚାର ବ୍ୟୁରୋ): ଆସନ୍ତା ୩ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ବିଶ୍ୱ ପ୍ରସିଦ୍ଧ ଚଡକ ପର୍ବ। ଏ ନେଇ ଜିଲ୍ଲା ପ୍ରଶାସନ ଓ ସେବାୟତଙ୍କୁ ନେଇ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଇଛି। ଏଥିରେ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ସମେତେ ଭୋଗରାଇ ତହସିଲଦାର,ଜଳେଶ୍ୱର ଏଶଡିପିଓ ତାଳସାରୀ ମେରାଇନ ପୋଲିସ ଓ ସେବାୟତ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜନ ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଓଡିଶାର ପୁରୀ ରଥଯାତ୍ରା ପରେ ଏହା ହେଉଛି ଦ୍ୱତୀୟ ସର୍ବ ସର୍ବ ବୃହତ ପର୍ବ। ଯେଉଁଥି ପାଇଁ ବାବାଙ୍କ ପର୍ବରେ ଅର୍ଘ୍ୟଦେବା ପାଇଁ ଲକ୍ଷ୍ୟଧିକ ଭକ୍ତଙ୍କ ସମାଗମ ହୁଏ। ଆଉ ସେହି ସମୟରେ ଅଧିକ ମାତ୍ରାରେ ଧୋସ୍ତା ଧସ୍ତି ଠେଲାପେଲା ହୋଇଥାଏ ଯାହା ପୋଲିସ ପାଇଁ ଏକ ବଡ ଚ୍ୟାଲେଜ ହୋଇଥାଏ ।ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୨୫ ରୁ ଉର୍ଦ୍ଧ ପ୍ଲାଟୁନ ପୋଲିସ ଫର୍ସ ମୁତୟନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସହ ଭକ୍ତ ଓ ଶ୍ରଦ୍ଧାଳୁ ମିଶି ୨୦ ଲକ୍ଷ୍ୟରୁ ଅଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଥିବା ନେଇ ଆକଳନ କରାଯାଇଛି। ତେବେ ଆସନ୍ତା ଏପ୍ରିଲ ୩ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରୀ ଏହି ପର୍ବ ଚାଲି ରହିବ । ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ,ପାନୀୟ ଜଳ ବିଭାଗ ଓ ଅଗ୍ନିଶମ ବିଭାଗୀ ପାଇଁ ପୋଲିସ ଟିମକୁ ସଜାଗ ରହିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦେଶ ଦିଆଯାଇଛି। ଶାନ୍ତି ଶୃଙ୍ଖଳା ସହ ଏହି ପର୍ବକୁ ସମାପନ କରିବା ପାଇଁ ପ୍ରତିଦିନ ଅପରାହ୍ନ ୪ ଟାରୁ ରାତି ୧୧ପର୍ଯ୍ୟନ୍ତ ଭାରି ଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଯିବ ବୋଲି ନିଷ୍ପତି ନିଆଯାଇଛି।

## ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର

ସତ୍ୟବାଦୀ,୨୬।୩ (ସଂଚାର ବ୍ୟୁରୋ):ଜନଗଣନା ୨୦୨୬ ପାଇଁ ସତ୍ୟବାଦୀରେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ । ଏହି କାର୍ଯ୍ୟକ୍ରମ ଯେଭଳି ନିର୍ଭୁଲ ଭାବେ ପରିଚାଳନା ହେବ ସେଥିପାଇଁ ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ ଆରମ୍ଭ ହୋଇଛି ଗଣନା କାରୀ ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଶିବିର। ଏହି ଶିବିର ଉତ୍କଳ ମଣୀ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ୨୫ ରୁ ଆରମ୍ଭ ହୋଇ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ । ଏହି ଶିବିର ରେ ପ୍ରଥମ ଦିବସରେ ଅଂଶ ଗ୍ରହଣ କରିଥିବା ୯୦ ଜଣ କର୍ମଚାରୀଙ୍କୁ ତାଲିମପ୍ରାପ୍ତ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ର ଆୟୋଜକ ତଥା ମୂଖ୍ୟ ଅଧିକାରୀ ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଅତିରିକ୍ତ ଦାଇତ୍ୱରେ ନିଯୁକ୍ତି ହୋଇଛନ୍ତି । ତେବେ ଜନ ଗଣନା ସମୟରେ ସରକାରଙ୍କ ପକ୍ଷରୁ ଯେଉଁ ୩୪ ପ୍ରଶ୍ନ ଘରକୁ ଘର ବୁଲି ଲୋକଙ୍କୁ ପଚାରାଜୀବ ତାହାର ସଠିକି ଉତ୍ତର ଦେବସହ ଜନଗଣନା ରେ ନିଯୁକ୍ତି ଥିବା କର୍ମଚାରୀଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବା କୁ ତହସିଲଦାର ତଥା ଜନଗଣନା ଅଧିକାରୀ ଅନୁରୋଧ କରିଛନ୍ତି । ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ପରିଚାଳନା କରିଥିଲେ । ତେବେ ଉକ ପ୍ରଶିକ୍ଷଣ ଶିବିର ସଠିକି ପରିଚାଳନା ସହ ଜନଗଣନା କାର୍ଯ୍ୟକ୍ରମ ନିର୍ଭୁଲ ଭାବେ କିଭଳି ଚାଲିବ ତାହାର ତଦାରଖ କରିବା ଓ ଜନ ଗଣନା ସମୟରେ ଲୋକଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ତ ସମସ୍ୟା ସମାଧାନ ନିମନ୍ତେ ଆମର ସତନ୍ତ୍ର ପ୍ରୟାସ ରହିବ ବୋଲି ଅତିରିକ୍ତ ତହସିଲଦାର ପରିଡା ସୂଚନା ଦେଇଛନ୍ତି । ଏହି ଜନଗଣନା ଆସନ୍ତା ମାସ ଏପ୍ରିଲ ୧୬ ରୁ ଆରଂଭ ହୋଇ ମାର୍ଚ୍ଚ ମାସ ୧୫ ରେ ସରିବ ବୋଲି ସୂଚନା ଦେଇଛନ୍ତି ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ।

## ଦୁର୍ଘଟଣାରେ ମୃତ ସାମ୍ବାଦିକଙ୍କ ପରିବାରକୁ ସହାୟତା ଦେଲେ ବାପି ସାର୍କେଲ



ପାରାଦୀପ,୨୬।୩ (ସଂଚାର ବ୍ୟୁରୋ): ପାରାଦୀପ ର ଜଣାଶୁଣା ଶ୍ରମିକନେତା ତଥା ବିଜେଡି ର ବରିଷ୍ଠ ନେତା ବାପି ସାର୍କେଲଙ୍କ ମହାନତା । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ରଶ୍ମିରଞ୍ଜନ ରାଉତରାୟ ଙ୍କ ଅକାଳ ମୃତ୍ୟୁ ରେ ଭାଙ୍ଗିପଡ଼ିଥିବା ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ସହାୟତା ର ହାତ ବଢ଼ାଇଛନ୍ତି । ନିଜର ସହଯୋଗୀ ମାନଙ୍କୁ ନେଇ ରଶ୍ମିରଞ୍ଜନଙ୍କ ନିଜ ଜନ୍ମଭୂମି କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ପ୍ରଧାନଟିକିରା ଗ୍ରାମରେ ପହଞ୍ଚି ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ବାପି ସରଖେଲ । ରଶ୍ମି ଙ୍କ ପତ୍ନୀଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଝିଅ ର ପାଠପଢ଼ା ର ସମସ୍ତ ଖର୍ଚ୍ଚ ବହନ କରିବାକୁ ଦେଇଛନ୍ତି ପ୍ରତିଶୃତି । ନିଜ ଝିଅ ଭଳି ରଶ୍ମିଙ୍କ ଝିଅ କୁ ଆମେ ପାଠପଢ଼ାଇବା ସହିତ ରଶ୍ମିଙ୍କ ପତ୍ନୀଙ୍କୁ ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ଆତ୍ମନିର୍ଭର ହେବା ପାଇଁ ଏକ ସ୍ଥାୟୀ ନିଯୁକ୍ତିର ବନ୍ଦୋବସ୍ତ କରିବା ପାଇଁ ପ୍ରତିଶୃତି ଦେଉଛନ୍ତି। ପାରାଦୀପ ଭଳି ଶିଳ୍ପାୟନ ରେ ଏକ ଅତ୍ୟାଧୁନିକ ଭେଣ୍ଟିଲେଟର ଯୁକ୍ତ ଆମ୍ବୁଲାନ୍ସ ନ ଥିବା କାରଣରୁ ଆଜି ମୋର ସ୍ୱାମୀ ଚାଲିଯାଇଛନ୍ତି, ଆଉ ଅନ୍ୟ କାହାର ଜୀବନ କିଭଳି ନ ଯିବ ଏ ନେଇ ରଶ୍ମିଙ୍କ ପତ୍ନୀ କହିଥିଲେ । ଯାହାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ଯଥାଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ । ପାରାଦୀପ ରେ ଏକ ଭେଣ୍ଟିଲେଟର ଯୁକ୍ତ ଅତ୍ୟାଧୁନିକ ଆମ୍ବୁଲାନ୍ସ ପାରାଦୀପ ରେ ଗଢ଼ାଇବାକୁ କହିଛନ୍ତି ବାପି ସରଖେଲ । ଯେଉଁଭଳି ଏକ ସଡ଼କ ଦୁର୍ଘଟଣାରେ ଯୁବ ସାମ୍ବାଦିକଙ୍କ ମୃତ୍ୟୁ ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଘଟଣା, ତେଣୁ ଆଗକୁ କିଭଳି ଦୁର୍ଘଟଣାରେ ଗୁରୁତର ଙ୍କ ଜୀବନ ନ ଯିବ ଏ ନେଇ ଯଥାଶୀଘ୍ର ଏକ ଭେଣ୍ଟିଲେଟର ଯୁକ୍ତ ଆମ୍ବୁଲାନ୍ସ ପାରାଦୀପରେ ଗଡିବ ବୋଲି କହିଛନ୍ତି ବିଜେଡି ନେତା । ଆଜିର ଏହି କାର୍ଯ୍ୟକ୍ରମରେ ୧୬ ନମ୍ବର ୱାର୍ଡର ଯୁବ ପାରିଷଦ ମନୋଜ କୁମାର ନାୟକ, ପୌରଉପାଧ୍ୟକ୍ଷା ଛବିଳତା ରାଉତ, ଜିଲ୍ଲା ବିଜେଡି ସମ୍ପାଦକ ମାନସ ରଞ୍ଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ନରେନ୍ଦ୍ର ରାଉତ, ଦୀପକ ସ୍ୱାଇଁ, କୁଜଙ୍ଗ ବ୍ଲକ ବିଜେଡି ସଭାପତି ମନୀନ୍ଦ୍ର ଗୁରୁ ପ୍ରମୁଖ ରଶ୍ମିଙ୍କ ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଥିଲେ ।

### ନୀଳଗିରି ଏସିଏଫ୍‌ଙ୍କ ତାଲିବାନୀ ଶାସନ

# ରେଞ୍ଜର ଓ ବନ କର୍ମଚାରୀଙ୍କ ଆକ୍ରମଣରେ ୨ ଗୁରୁତର

ନୀଳଗିରି,୨୬।୩ (ସଂଚାର ବ୍ୟୁରୋ): ଜଣେ ଭାରପ୍ରାପ୍ତ ରେଞ୍ଜର ନିଜକୁ ଜଙ୍ଗଲ ମନ୍ତ୍ରୀଙ୍କ ସମ୍ପର୍କୀୟ କହି ନୀଳଗିରିରେ ତାଲିବାନୀ ଶାସନ ଚଳାଇଛନ୍ତି। ବିଭିନ୍ନ ସମୟରେ ନିରୀହ ଲୋକଙ୍କୁ ଶିକାରୀ ଆଖ୍ୟା ଦେଇ ଅକଥନୀୟ ଶାରିରିକ ଓ ମାନସିକ ନିର୍ଯାତନା ଦେଉଥିବାରୁ ଏନେଇ ତାଙ୍କ ବିରୋଧରେ ବାରମ୍ବାର ଆନ୍ଦୋଳନ ହେଉଛି। ହେଲେ ବନ ବିଭାଗ ଚୁପ। ପୁଣି ଗତକାଲି ବିଳମ୍ବିତ ରାତିରେ ଭାରପ୍ରାପ୍ତ ରେଞ୍ଜରଙ୍କ ଓ କିଛି ବନ କର୍ମଚାରୀ ସଂଘବଦ୍ଧ ଭାବେ ୨ ଯୁବକଙ୍କୁ ଆକ୍ରମଣ କରିବା ଯୋଗୁଁ ସେମାନେ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏନେଇ ୨ ପରିବର ପକ୍ଷରୁ ୨ଟି ଅଭିଯୋଗ ହୋଇଛି।





ସଂଘବଦ୍ଧ ଆକ୍ରମଣରେ ଉଭୟଙ୍କ ପିଠି, ହାତ, ଗୋଡ଼, ଛାତିରେ ଏକାଧିକ ଗଭୀର ଦାଗ ହୋଇ କ୍ଷତ ସୃଷ୍ଟି ହୋଇଛି। ମାତ୍ରାଧିକ ଆକ୍ରମଣରେ ଶିକାର ହୋଇ ଉଭୟ ସଂଜ୍ଞାହୀନ ହୋଇପଡ଼ିଥିଲେ । ପରେ ବନ କର୍ମଚାରୀମାନେ ମୁହଁରେ ପାଣି ଛିଞ୍ଚି ଚେତା ଫେରାଇବା ପରେ ଆହତଙ୍କୁ ବରହମପୁର ଥାନାକୁ ନେଇ ଭାରପ୍ରାପ୍ତ ରେଞ୍ଜର ସୁବ୍ରତ ବେହେରା ଅତି ଚତୁରତାର ସହିତ ପଦ୍ମଲୋଚନଙ୍କ ଠାରୁ ଏକ ସାଧା କାଗଜରେ ଆପୋଷ ସମାଧାନ ହେଲା ବୋଲି ଜୋର ଜବରଦସ୍ତି ଦସ୍ତଖତ କରାଇ ନେବା ସହ କ୍ଷୀରଦଙ୍କ ଠାରୁ ମୋବାଇଲ ଫୋନ, ସୁନା ଚେନ, ନଗଦ ୧୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପରେ ଗୁରୁତର ଆହତ ହୋଇଥିବା ୨ଯୁବକ ଙ୍କୁ ବରହମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇ ପଳେଇ ଯାଇଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା।

ଆଜି ସକାଳେ ଅନ୍ୟ ଫୋନ ଯୋଗେ ଘରକୁ ଯୋଗାଯୋଗ କରିବା ପରେ ମେଡିକାଲ ରେ ଉଭୟଙ୍କ ସପରିବାର ପହଞ୍ଚି ଘଟଣା ବିଷୟରେ ଜାଣିବା ପରେ ଉଭୟ ପରିବାରଙ୍କ ପକ୍ଷରୁ ଏନେଇ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ଉଭୟଙ୍କ ପରିବାର ନ୍ୟାୟପାଇଁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ଅବଗତ କଲା ପରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ଉଭୟଙ୍କୁ ରେମୁଣା ମେଡ଼ିକାଲ ଭେଟି ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ। ପରେ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ପିସିସିଏଫ, ଡ଼ିଓଫ, ଆଇଜି, ଏସପି, ବରମପୁର ଥାନା ଅଧିକାରୀଙ୍କୁ ଅବଗତ କରାଇବା ସହିତ ଅଭିଯୁକ୍ତ ରେଞ୍ଜରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି। ଯଦି ୨ଯୁବକଙ୍କୁ ନ୍ୟାୟନମିଳେ ତାହାଲେ ନୀଳଗିରିରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲଢ଼େଇ ଜାରୀ ରହିବ ବୋଲି ଗଣମାଧ୍ୟମ ସୂଚନା ଦେଇଛନ୍ତି ପୂର୍ବତନ ବିଧାୟକ ସୁକାନ୍ତ ନାୟକ।

## ଆମ ପୁଲିସ ସମିତି ଓ ଆଇନ ସଚେତନତା କାର୍ଯ୍ୟକ୍ରମ




କାକଟପୁର/ଅସ୍ତରଙ୍ଗ,୨୬।୩ (ସଂଚାର ବ୍ୟୁରୋ): ଗୁରୁବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ତରଫରୁ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ଓ ଡାଳଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଆମ ପୋଲିସ ସମିତି ଓ ଆଇନ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ଅଧକ୍ଷତାରେ ବୈଠକରେ ସାଧାରଣ ଲୋକ ତଥା ବୟୋଜ୍ୟେଷ୍ଠ, ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଅପରାଧ ନିୟନ୍ତ୍ରଣରେ ଟେକ୍ନିକାଲ ପ୍ରୟୋଗ ଶହ ପ୍ରଭାବଶାଳୀ ଆଇନ ଆଖିରେ ଧୂଳି ଦେଇପାରିବେନି ବୋଲି ଥାନାଅଧିକାରୀ ବକ୍ତବ୍ୟ ରଖିଥିଲେ। ଆମ ପୁଲିସ କାର୍ଯ୍ୟକ୍ରମ ଆୟୋଜନ ଆଭିମୁଖ୍ୟ ଓ ଜନସାଧାରଣଙ୍କ ସହିତ ସମ୍ପର୍କ ଯୋଡିବାରେ ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ।

ଉପସ୍ଥିତ ବରିଷ୍ଠ ଅତିଥିମାନେ ପୁଲିସ ଜନତାର ବନ୍ଧୁ, ଜନସାଧାରଣଙ୍କୁ ଶୃଙ୍ଖଳିତ ସେବା ଯୋଗାଇବା ସହିତ ସର୍ବସାଧାରଣଙ୍କୁ ସୁରକ୍ଷା ଦେବା ଓ ବିଭିନ୍ନ କ୍ଷେତ୍ରରେ ନିର୍ଯାତନା ଭୋଗୁଥିବା ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ପୁଲିସର ଯେଭଳି ଭୂମିକା ଅଛି ସେହି ଅନୁକ୍ରମରେ ସାଧାରଣ ଜନତାଙ୍କର ପୁଲିସ କୁ ସହଯୋଗ କରିବାରେ ଆବଶ୍ୟକତା ଥିବା ସମ୍ପର୍କରେ ଆଲୋକପାତ କରିଥିଲେ।

ନାରୀ ନିର୍ଯାତନା, ଗ୍ରାମାଞ୍ଚଳରେ ଅବାଧ ନିଶା କାରବାର, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦିଗରେ ପୁଲିସର ଦାୟିତ୍ୱ ଓ ଜନସାଧାରଣଙ୍କ ସହଯୋଗ ସମ୍ପର୍କରେ ପୁଲିସ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ,ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବି, ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

## ୪ବର୍ଷ ହେବ ଅନ୍ଧାରରେ ତେନ୍ତୁଳିଆପଡା ନୂଆସାହି



ଢେଙ୍କାନାଳ,୨୬।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସଦାଶିବପୁର ପଂଚାୟତ ତେନ୍ତୁଳିଆପଡା ନୂଆସାହି ବାସିନ୍ଦାମାନେ ଆଜକୁ ୪ବର୍ଷ ହେବ ଅନ୍ଧାରରେ ରହିଛନ୍ତି। ବିଦ୍ୟୁତ ସଂଯୋଗ ପାଇଁ ଅଞ୍ଚଳବାସୀ ବାରମ୍ବାର ଦୌଡି ଦୌଡି ନିରାଶ ହେବା ପରେ ଆଜି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ନିବେଦନ କରିଛନ୍ତି ।

ତେନ୍ତୁଳିଆପଡା ରେଳଧାରଣା କଡରେ ରହୁଥିବା ପ୍ରାୟ ୧୨ ପରିବାରକୁ ସରକାର ଉଠାଇ ଦେବାରୁ ସେମାନେ ଉଠିଯାଇ ଜଙ୍ଗଲ ପାଖରେ ରହୁଛନ୍ତି। ଦୀର୍ଘ ୪ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ସାହିକୁ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ଫଳରେ ସେମାନେ ଅନ୍ଧାରରେ ରହୁଛନ୍ତି। ହାତୀ, ବାରହା ପାଇଁ ସଂଧ୍ୟା ପରେ ସମସ୍ୟା ବଢିଯାଉଛି। ବାହାରକୁ ବାହାରି ପାରୁନାହାଁନ୍ତି ସାହିବାସୀ। ଲାଇନ ନଥିବାରୁ ପିଲା ପାଠପଢିପାରୁ ନାହାଁନ୍ତି ସେଥିପାଇଁ ମୋବାଇଲ ଟର୍ଚ୍ଚରେ ଭରଷା ରହିଛି।

ସେହିପରି ସେଠାରେ ଗୋଟେ ନଳକୂଅ ଥିଲେ ବି ପାଣି ଆସୁ ନାହିଁ ତେଣୁ ସାହିଠାରୁ କିଛି ଦୂରକୁ ଯାଇ ପିଇବା ପାଣି ଆଣାଯାଉଛି ବୋଲି ସାହିବାସିନ୍ଦାମାନେ ଆଜି ଜିଲ୍ଲା ପ୍ରାଶସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି ।

## କିଶୋରୀ ମାତୃତ୍ୱ ରୋକିବା ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା




ବାରିପଦା,୨୬।୩(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ କିଶୋରୀ ମାତୃତ୍ୱ ସମ୍ବନ୍ଧୀୟ ଏକ କର୍ମଶାଳା ଜିଲ୍ଲା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ ,ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଏବଂ ୟୁନିସେଫ ର ନେହା ସିଂ ପ୍ରମୁଖ ଉପସ୍ଥିତ ହୋଇ ମୟୁରଭଞ୍ଜ ଜିଲ୍ଲାରେ ବୃଦ୍ଧି ପାଉଥିବା କିଶୋରୀ ମାତୃତ୍ୱକୁ କିପରି ରୋକା ଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହାକୁ ରୋକିବା ପାଇଁ ସରକାର ଙ୍କ ଯୋଜନା କୁ ସଠିକ ଭାବରେ କାର୍ଯ୍ୟକାରୀ କରିବା ସହିତ ସମସ୍ତଙ୍କର ପ୍ରୟାସ ଦ୍ୱାରା କିଶୋରୀ ମାତୃତ୍ୱ କୁ ରୋକାଯାଇ ପାରିବ ବୋଲି ଅତିଥି ମାନେ ମନ୍ତବ୍ୟ ରଖିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ପଂଚାୟତ ସମିତି ଉନ୍ନୟନ ଅଧିକାରୀ, ଜିଲ୍ଲାର ବିଭିନ୍ନ ଚିକିତ୍ସା ଅଧିକାରୀ ସହିତ ଜିଲ୍ଲା ମହିଳା ସଶକ୍ତି କରଣ କେନ୍ଦ୍ରର କର୍ମକର୍ତା ମାନେ ଉପସ୍ଥିତ ରହିଥିଲେ ।

## ପିପିପି ମୋଡ୍‌ରେ ନିର୍ମାଣ ହେବ ଯାଜପୁର ରୋଡ- ଧାମରା ରେଳପଥ

ଯାଜପୁର,୨୬।୩ (ସଂଚାର ବ୍ୟୁରୋ): ଯାଜପୁରରୋଡ଼- ଧାମରା ରେଳପଥ ନିର୍ମାଣ ଯାହା ଅନିଶ୍ଚିତତା ଦେଖା ଯାଉଥିଲା ତାହାର ଅବସାନ ଘଟିଛି । କାରଣ କେନ୍ଦ୍ର ସରକାର ଏହାର ନିର୍ମାଣ ପାଇଁ ପିପିପି ମୋଡ଼ରେ ଅନୁମୋଦନ କରିଛନ୍ତି ।

ଯାଜପୁର ରୋଡ- ଧାମରା ରେଳପଥ ସଂଗ୍ରାମ ସମିତିର ଏହା ଦୀର୍ଘ ଦିନର ଦାବୀ ଥିଲା । ଏପରିକି ସଂଗ୍ରାମ ସମିତିର ମୁଖ୍ୟ ପରାମର୍ଶଦାତା ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ନେତୃତ୍ୱରେ ଏହାର ନିର୍ମାଣ ପାଇଁ ବହୁବାର ଆନ୍ଦୋଳନ କରାଯାଇଛି । ଏ ସମ୍ପର୍କରେ ଗତ ବହୁବାର ରାଜ୍ୟପାଳ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରେଳବାଇ ବିଭାଗର କର୍ତ୍ତୃପକ୍ଷ ଏବଂ ରାଜ୍ୟର ପଦାଧିକାରୀ ମାନଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା । ଏଥି ସହ ସୁକିନ୍ଦା-ଅନୁଗୁଳ ଯାତ୍ରୀ ବାହି ଟ୍ରେନ ଚାଲିବା ପାଇଁ ମଧ୍ୟ ଦାବୀ ରଖାଯାଇଥିଲା। ଯାହାକି ପୂର୍ବତଟ ରେଳପଥର ଯାଜପୁରରୋଡ-ଧାମରା ରେଳ ଲାଇନ ନିର୍ମାଣ ଏବଂ ଅନୁଗୁଳ-ସୁକିନ୍ଦା ରେଲୱେ ଲାଇନରେ ପାସେଞ୍ଜର ଟ୍ରେନ ଚଳାଇବା ପାଇଁ ପୂର୍ବତନ ମନ୍ତ୍ରୀ ତଥା ଯାଜପୁର ରୋଡ ଧାମରା ରେଳପଥ ସଂଗ୍ରାମ ସମିତିର ମୁଖ୍ୟ ପରାମର୍ଶଦାତା ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଗତ ଡିସେମ୍ବର ମାସରେ କେନ୍ଦ୍ର ରେଳ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପ୍ରସ୍ତାବିତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ପୁଣି ପତ୍ର ଲେଖି ଅନୁରୋଧ କରିଥିଲେ । ଯାହା ଫଳରେ ତା.୧୮/୦୩/୨୦ ୨୬ରିଖରେ ବାଣିଜ୍ୟ ଏବଂ ପରିବହନ ବିଭାଗ ତରଫରୁ ଯାଜପୁରରୋଡ ଧାମରା ରେଲୱେ ଲାଇନକୁ କେନ୍ଦ୍ର ରେଲୱେ ବୋର୍ଡ ଗତ ତା.୧୯.୧୧.୨୦୨୫ରିଖ ଦିନ ପି.ପି.ପି ମୋଡରେ ନିର୍ମାଣ କରିବା ପାଇଁ ଅନୁମୋଦନ କରିଥିବାର ଡଃ. ଘଡାଇଙ୍କୁ ଜଣା ଯାଇଛି।

ଏଥି ମଧ୍ୟରେ ରାଜ୍ୟ ସରକାର ବିଭିନ୍ନ ଶିଳ୍ପ ସଂସ୍ଥା ଏବଂ ଅଂଶୀଦାର ମାନଙ୍କ ସହିତ ଆଲୋଚନା ବି ଚଳାଇଛନ୍ତି। ଆର୍ଥିକ ମଂଜୁରୀ ପାଇଁ ରେଲୱେ ବୋର୍ଡ କେନ୍ଦ୍ର ଅର୍ଥ ବିଭାଗକୁ ପ୍ରସ୍ତାବ ପଠାଇଛନ୍ତି । ସାଂସଦ ରବୀନ୍ଦ୍ର ନାଥ ବେହେରା ଏବଂ ସୁଲତା ଦେଓ ମଧ୍ୟ ଏହି ଦାବିକୁ ସଂସଦରେ ବାରମ୍ବାର ଉପସ୍ଥାପନ କରିଛନ୍ତି। ପତ୍ରସଂଖ୍ୟା-୪୦୫୮ ତା ୧୮/୦୩/୨୦ ୨୬ରିଖରେ କେନ୍ଦ୍ର ବାଣିଜ୍ୟ ଓ ପରିବହନ ବିଭାଗ ଏଭଳି ପଦକ୍ଷେପ ନେଇଛି ।

## ଗାଁ ଦାଣ୍ଡରେ ଆତଙ୍କ ଖେଳାଇ ବନ୍ଧା ହେଲା ଯୁବକ




ବାଲିଅନ୍ତା,୨୬।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଆଜି ଗାଁରେ କଟୁରି ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବା ଲାଗି ଭୟଭୀତ କରାଇବା ମାମଲାରେ ପଟୁପଡାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ସ୍ଥାନୀୟ ବଇଁଚୁଆ ପଞ୍ଚାୟତ ଅଧୀନ ପଟୁପଡା ଗ୍ରାମର ପପୁନ ସ୍ୱାଇଁ ଓରଫ ବାବୁ ( ୨୫) ପପୁନ ନିକଟରୁ ପୁଲିସ ଏକ କଟୁରି ଜବତ କରିଛି । ଉକ୍ତ ଗ୍ରାମର ମହେନ୍ଦ୍ର ସ୍ୱାଇଁ ପପୁନ ବିରୋଧରେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ବାଲିଅନ୍ତା ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ପପୁନଙ୍କୁ ଗିରଫ କରିଥିଲା ।

ସୂଚନା ଯୋଗ୍ୟ ଯେ, ମହେନ୍ଦ୍ର ଏବଂ ପପୁନ ଉଭୟ ବାଲିଅନ୍ତା ଥାନା ଅନ୍ତର୍ଗତ ପଟୁପଡ଼ା ଗ୍ରାମର। ପପୁନ ନିୟମିତ ରାତିରେ ଉକ୍ତ ଗାଁରେ ବିଶୃଙ୍ଖଳା ସୃଷ୍ଟିକରି ଜନସାଧାରଣଙ୍କୁ ହଇରାଣ ହରକତ କରୁଥିଲେ । ଯଦି କେହି ତାଙ୍କର ବିରୋଧ କରୁଥିଲେ, ସେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନା ପ୍ରକାର ଧମକଚମକ ଦେଉଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୁକ୍ତ ପପୁନ ରାସ୍ତା ଉପରେ ଠିଆ ହୋଇ ବଡ ପାଟିରେ ଗାଳିଗୁଲଜ କରୁଥିଲେ। ଗ୍ରାମବାସୀମାନେ ସେଠାରେ ପହଞ୍ଚି ପପୁନଙ୍କୁ ବାରଣ କରିଥିଲେ। ହେଲେ ପପୁନ କିଛି ଶୁଣି ନଥିଲା । ବରଂ ଉତକ୍ଷିପ୍ତ ହୋଇ ସେମାନଙ୍କୁ ଗାଳିଗୁଲଜ କରିବା ସହ ଘରୁ ଏକ କଟୁରି ଆଣି ଆକ୍ରମଣ କରିବା ଲାଗି ଗୋଡ଼ାଇ ଥିଲେ ।

## ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ: ଉମାକାନ୍ତ ବାରିକଙ୍କ ଗୀତରେ ଝୁମିଲେ ଦର୍ଶକ



ସୁନ୍ଦରଗଡ,୨୬।୩ (ସଂଚାର ବ୍ୟୁରୋ): ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଲେଇଗଡ଼ (ତେନ୍ତୁଳିଢିପା) ହନୁମାନ ମନ୍ଦିର ପରିସରରେ ୧୭ତମ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ-୨୦୨୬ର ତୃତୀୟ ଦିବସରେ ଉମାକାନ୍ତ ବାରିକଙ୍କ ସମ୍ବଲପୁରୀ ଗୀତରେ ହଜାର ହଜାର ଦର୍ଶକ ଝୁମିଲେ। ଅତିଥି ଭାବେ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଗେଲବତୀ ପଟେଲ ବର୍ତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ପରିଷଦ ସଭ୍ୟା ଗେଲବତୀ ପଟେଲ, ସରପଞ୍ଚ ସୌଦାମିନୀ ଭୋଇ ଏବଂ ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା ଉପସ୍ଥିତ ଥିଲେ । ଶ୍ରୀ ରାମଲୀଳା ଯାତ୍ରାର ରାବଣଙ୍କ ଆଦେଶ କ୍ରମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାତ୍ରା ପେଣ୍ଡାଲର ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉପସ୍ଥିତ ଜନପ୍ରତିନିଧିମାନେ ମଧ୍ୟ ଯାତ୍ରା ପଡିଆର ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ସୁଦୂର ବଲାଙ୍ଗୀର ଜିଲ୍ଲା ପାଟଣା ଗଡ଼ ଅଂଚଳର ଦିଲ୍ଲୀପ କୁମାର ମେହେର ରାବଣ ଭୂମିକାରେ ଏବଂ ତାଙ୍କ ଟିମ ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ଉମାକାନ୍ତ ବାରିକଙ୍କ ଗୀତର ତାଳେ ତାଳେ ହଜାର ହଜାର ଦର୍ଶକ ନାଚିଥିଲେ। ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲ ଆୟୋଜନ କରିଥିବା ବେଳେ ଶ୍ରୀ ରାମଲୀଳା ଯାତ୍ରା କମିଟି ସମ୍ପୂର୍ଣ୍ଣ ସହଯୋଗ କରି ସଫଳ କରିଛନ୍ତି । ଶେଷରେ ଯାତ୍ରା କମିଟି ସଦସ୍ୟ ମାନଙ୍କ ତରଫରୁ ଉମାକାନ୍ତ ବାରିକ, ବିପିଏଲଏସ ଟିମ, ସାମ୍ବାଦିକ ଓ ୟୁଟୁଭର ଟିମଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ରାବଣ ଦରବାର ଚାଲିବ ବୋଲି ସଭାପତି ସୂଚନା ଦେଇଛନ୍ତି ।

### ଅବ୍ୟବସ୍ଥାରେ ଫିରିଙ୍ଗିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

# ପାଣି କି ବିଦ୍ୟୁତ ନାହିଁ, ମିଳୁନି ଉପଯୁକ୍ତ ସେବା



ଫୁଲବାଣୀ,୨୬।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଆମ୍ବୁଲାନ୍ସ ଠାରୁ ମେଡିକାଲ ପାଇଁ କୋଠା ଭିତ୍ତିଭୂମି ସହ ଉନ୍ନତ ମାନର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଡିଜିଟାଲ ସେବା ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଠିକାଦାରର ଅବହେଳା ହେଉ କି ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ମେଡିକାଲ କୋଠା ହେଉ କି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ହେଉ ନିର୍ମାଣ ପରେ ମଧ୍ୟ ବର୍ଷ ବର୍ଷ ବିତିଥିଲେ ମଧ୍ୟ କାମରେ ଲାଗୁନି।

ବର୍ତ୍ତମାନ ଏମିତି ଅବ୍ୟବସ୍ଥାରେ ଫିରିଙ୍ଗିଆ ବ୍ଲକର କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ସାତଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବନ୍ଧଗଡ଼, ଫିରିଙ୍ଗିଆ, କାଶିନୀ ପଦର, ମୁସେଲୀପାଙ୍ଗା ସାଡିଙ୍ଗିଆ ଗୋଚ୍ଛାପଡା ରବିଙ୍ଗିଆ ଟେଲା ପାଲୀ କିଛି ବର୍ଷ ପୂର୍ବରୁ ବିଭାଗକୁ ହସ୍ତାନ୍ତର କରାଯାଇଛି ଓ ବିଭାଗୀୟ ଅଧିକାରୀମାନେ ମଧ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଚଳାଉଛନ୍ତି। କିଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ତ୍ରୁଟି ଯୋଗୁଁ କୋଠା ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ବିଭାଗକୁ ହସ୍ତାନ୍ତର କରାଯାଇନଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ପରିସ୍ଥିତିରେ ସବୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ କୌଣସି କୋଠାରେ ବିଦ୍ୟୁତ ସଂଯୋଗ କିମ୍ବା ପାଣି ବ୍ୟବସ୍ଥା ହୋଇ ପାରିନାହିଁ। ଏହା ଦ୍ୱାରା ସମସ୍ତ ଆରୋଗ୍ୟ ମନ୍ଦିରରେ ଥିବା ଶୌଚାଳୟ ମଧ୍ୟ କାମରେ ଲାଗୁନି କି ରୋଗୀ ଆସିଲେ ପାଣି ଟୋପାଏ ପାଇ ପାରୁନାହାନ୍ତି ଯାହାଦ୍ୱାରା ରୋଗୀ କିମ୍ବା ସମ୍ପର୍କୀୟ କେହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଯାଉନଥିବା ବେଳେ କୌଣସି କାମରେ ଲାଗୁ ନାହିଁ।

ଏହି ଘଟଣାରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀନ ଦାୟିତ୍ୱରେ ଥିବା ଅଧିକାରୀ ସୁମନ୍ତ କୁମାର ମାଝୀଙ୍କୁ ପଚାରିବାରୁ କିଛି ବର୍ଷ ପୂର୍ବରୁ ଆମକୁ କୋଠା ସମ୍ପୂର୍ଣ୍ଣ ପରେ ହସ୍ତାନ୍ତର କରାଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ କୋଠା ଗୁଡିକରେ ବିଦ୍ୟୁତ ସଂଯୋଗ କିମ୍ବା ପାଣି ବ୍ୟବସ୍ଥା କରାଯାଇନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ୱୀକାର କରିଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଅବହେଳା କରିଥିବା ଠିକାଦାର ଓ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟୁତ ଶୁଳ୍କବୃଦ୍ଧି ନହେବା ନିଷ୍ପତି ଓଇଆରସିର ଛାଟ



ଯାଜପୁର ରୋଡ଼,୨୬।୩ (ସଂଚାର ବ୍ୟୁରୋ):ବ୍ୟାସନଗର ଆଜି ଚଳିତବର୍ଷ ୨୬/୨୭ ଆର୍ଥିକ ବର୍ଷରେ ରାଜ୍ୟର ୧ କୋଟିରୁ ଉର୍ଦ୍ଧ ବିଦ୍ୟୁତ ଉପଭୋକ୍ତାଙ୍କ କଥା ବିଚାରକୁ ନେଇ ବିଦ୍ୟୁତ ଦରବୃଦ୍ଧି ଏପରିବର୍ତ୍ତିତ ରହିବା ନିଷ୍ପତିକୁ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଉପଦେଷ୍ଟା ସଭ୍ୟ ଶ୍ରୀ ବିଦ୍ୟାଧର ମହାନ୍ତି ସ୍ୱାଗତ କରିବା ସହିତ ଗତ ୧୬ ତାରିଖ ବୈଠକରେ ଓ.ଇ.ର.ସି ଅଧ୍ୟକ୍ଷ ତଥା ପୁର୍ବତନ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ଏ.ଆର.ଆର ଓ ତାରିଫ ୨୬/୨୭ ଆର୍ଥିକ ବର୍ଷର ଶୁଣାଣି ଓ ସଭ୍ୟ ମାନଙ୍କର ପ୍ରଦାନ କମ୍ପାନୀ ବିରୋଧରେ ସମ୍ପୂର୍ଣ୍ଣ ତଥ୍ୟକୁ ଆଧାର କରି ୪ ଗୋଟି ଡିସକମ ( ଟାଟା ପାୱାର )ର ଦରବୃଦ୍ଧିକୁ ଗ୍ରହଣ ନକରି ବ୍ୟାପକ ଅବ୍ୟବସ୍ଥାକୁ ଦୃଢ଼ ସମାଲୋଚନା କରିଥିଲେ । ଏପରିକି ବରିଷ୍ଠ ସଭ୍ୟମାନଙ୍କ ଅଭିଯୋଗ ୨୪ ଘଂଟିଆ ବିଦ୍ୟୁତ ଯୋଗାଣ ଓ ଲୋଭୋଲଟେଜ ସମସ୍ୟା ଦୂର କରିବା ସହିତ ସ୍ମାର୍ଟମିଟରରେ ଦେଖା ଯାଉଥିବା ଅନିୟମିତତା ଉପରେ ଯାଂଚ କରାଯିବାକୁ ତାଗିଦ କରିଥିଲେ। ଏ ସମସ୍ତ ତଥ୍ୟକୁ ଆଧାରକରି ଚଳିତ ବର୍ଷ ବିଦ୍ୟୁତ ଶୁଳ୍କ ବୃଦ୍ଧି ହୋଇପାରିବ ନାହିଁ ବୋଲି କମିଶନଙ୍କ ଘୋଷଣା ସମସ୍ତ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଆସୋସ୍ତି ଦେଇଛି ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

### ଓଡ଼ିଶା ପୌର ନିୟମାବଳୀରେ ସଂଶୋଧନ

# ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି



ଭୁବନେଶ୍ୱର,୨୬ା୩(ସଂଚାର ବ୍ୟୁରୋ)ଃ ରାଜ୍ୟର ପୌରପାଳିକାଗୁଡ଼ିକର କାର୍ଯ୍ୟଧାରାକୁ ଅଧିକ ସରଳ ଓ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର 'ଓଡ଼ିଶା ପୌର ନିୟମାବଳୀ, ୧୯୫୩'ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ନୂତନ 'ଓଡ଼ିଶା ପୌର (ସଂଶୋଧନ) ନିୟମାବଳୀ, ୨୦୨୫' ଅନୁଯାୟୀ, ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷଙ୍କ ଆର୍ଥିକ ଅନୁମୋଦନ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବେ କାଉନସିଲ୍‌ରଙ୍କ ବିନାନୁମତିରେ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ପ୍ରତିଥର ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିପରି ସ୍ଥାନୀୟ କ୍ରୟ କମିଟିର ସୁପାରିସ୍ କ୍ରମେ ସେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରୟ କରିପାରିବେ। ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ଓ ଦେୟ ଆଦେଶ କେବଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇପାରିବ। ଯଦି ଏହି ମୂଲ୍ୟ ୨୫ ଲକ୍ଷରୁ ଅଧିକ ହୁଏ, ତା'ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୌର ଅଧ୍ୟକ୍ଷ ମିଳିତ ଭାବେ ଅନୁମୋଦନ କରିବେ।

ସେହିପରି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ପ୍ରଶାସନିକ ଅନୁମୋଦନ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇପାରିବେ। ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଲ୍ ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପିତ ହେବାର ୭ ଦିନ ମଧ୍ୟରେ ସ୍ୱାକ୍ଷରିତ କିମ୍ବା କାରଣ ସହ ଫେରସ୍ତ ନ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରା ସେହି ବିଲ୍ ଅନୁମୋଦନ କରାଇପାରିବେ। ଏହି ସଂଶୋଧନ ଫଳରେ ପୌର ସଂସ୍ଥାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଓ ବିକାଶମୂଳକ କାମରେ ଥିବା ପ୍ରଶାସନିକ ବାଧା ଦୂର ହେବ ବୋଲି ଆଶା କରାଯାଉଛି।

### ପ୍ରଦୂଷିତ ସହର ତାଲିକାରେ
## ତାଳଚେର, ଅନୁଗୁଳ

ଅନୁଗୁଳ,୨୬ା୩(ସଂଚାର ବ୍ୟୁରୋ)ଃ ଦିନକୁ ଦିନ ବିଷ ବଳୟ ପାଲଟୁଛି ଅନୁଗୁଳ ଓ ତାଳଚେର ସହର। ଆଇକ୍ୟୁଏୟାର ପକ୍ଷରୁ ୨୦୨୫ ପାଇଁ ପ୍ରକାଶିତ ପ୍ରଦୂଷିତ ସହର ତାଲିକାରେ ଏହି ଦୁଇ ସହର ଶୀର୍ଷରେ ରହିଛନ୍ତି। ଗତ ଡିସେମ୍ବରରେ ଏକ୍ୟୁଆଇ ୩୪୬ରେ ପହଞ୍ଚିଥିବା ବେଳେ ଜାନୁଆରୀରେ ସ୍ଥିତି ଅଧିକ ବିଗିଡ଼ିବା ସହ ମାସର ଅଧା ଦିନ ୩୦୦ ଉପରେ ଏକ୍ୟୁଆଇ ରହିଥିଲା। ତାଳଚେରରେ ଗତ ଜାନୁଆରୀ ୨ରେ ଏକ୍ୟୁଆଇ ୩୮୦ ଛୁଇଁଥିଲା। ଦେଶର ପ୍ରଦୂଷିତ ସହର ତାଲିକାରେ ତାଳଚେର ୧୫ଶ ସ୍ଥାନରେ ରହିଥିଲା ବେଳେ ଅନୁଗୁଳ ୨୭ରେ ରହିଛି। ଏମ୍ ୨.୫ ମାତ୍ରା ଆଧାରରେ ହୋଇଥିବା ଏହି ରିପୋର୍ଟ ଅନୁସାରେ, ଲୋନି ଦେଶର ସର୍ବାଧିକ ପ୍ରଦୂଷିତ ସହର ହୋଇଥିବା ବେଳେ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଛି।

# ପବନ, ବର୍ଷା ସହ କୁଆପଥର ବୃଷ୍ଟି



ଭୁବନେଶ୍ୱର, ୨୬ା୩ (ସଂଚାର ବ୍ୟୁରୋ)ଃ ଆଜି ଦିନ ବେଳା ତାପମାତ୍ରା ବେଶ୍ ସ୍ୱାଭାବିକ ଥିଲେ ହେଁ ଅପରାହ୍ନରେ ରାଜଧାନୀର ବିଭିନ୍ନ ସ୍ଥାନରେ କଳାହାଣ୍ଡିଆ ମେଘ ସହ କୁଆପଥର ବୃଷ୍ଟି ହୋଇଛି। ପ୍ରଥମେ କାଳବୈଶାଖୀ ପ୍ରଭାବରେ ଖୁବ୍ ଜୋର୍‌ରେ ପବନ ବହିଥିଲା। ପରେ ପରେ ଆକାଶ ମେଘାଚ୍ଛନ୍ନ ହେବା ସହ କିଛି ସମୟ ଭିତରେ ଭୀଷଣ ବର୍ଷା ହୋଇଥିଲା। ଏହି ସମୟରେ କୁଆପଥର ବୃଷ୍ଟି ହୋଇଥିବା ଦେଖାଯାଇଛି। ପବନ, ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବାରୁ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଭୀଷଣ ବେଗରେ ପବନ ହେବାରୁ କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଆଜି ସନ୍ଧ୍ୟାରେ ପାଖାପାଖି ଏକ ଘଣ୍ଟା ଧରି ହୋଇଥିବା ବର୍ଷା ଯୋଗୁଁ ରାଜଧାନୀବାସୀ ଗରମରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳୁଛି। ବିଶେଷକରି ଗତ ସପ୍ତାହରେ ମୟୂରଭଞ୍ଜର କରଞ୍ଜିଆ ବ୍ଲକ୍‌ରେ ଭୟାବହ ଘୂର୍ଣ୍ଣିଝଡ଼ରେ ଏକାଧିକ ଜୀବନ ଯିବା ସହ ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଥିଲା। ସେହିପରି ଗତକାଲି ମଧ୍ୟ ଯାଜପୁର ଓ କେଉଁଝର ଜିଲ୍ଲାର ଆନନ୍ଦପୁରରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। କାଳବୈଶାଖୀ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବରୁ ଆଲର୍ଟ ଜାରି କରାଯାଇଥିଲା। ଏଥିସହ ନିୟମିତ ଭାବେ ଲୋକଙ୍କୁ ସତର୍କ ଓ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଉଛି। ଗତକାଲି ମଧ୍ୟ ଦିଗପହଣ୍ଡି ଓ ଭଦ୍ରକ ଅଞ୍ଚଳରେ କାଳବୈଶାଖୀ ବ୍ୟାପକ ଧନସମ୍ପତ୍ତି ନଷ୍ଟ କରିଥିବା ଜଣାପଡ଼ିଛି।

## ପୁରୀ ସମୁଦ୍ରରେ ବୁଡ଼ିଗଲେ ୪ ପର୍ଯ୍ୟଟକ

### ଉଦ୍ଧାର କଲେ ଲାଇଫ ଗାର୍ଡ



ପୁରୀ,୨୬ା୩(ସଂଚାର ବ୍ୟୁରୋ)ଃ ପୁରୀ ସମୁଦ୍ରରେ ଗାଧୋଉଥିବା ବେଳେ ଅଚାନକ ୪ ଜଣ ପର୍ଯ୍ୟଟକ ସମୁଦ୍ର ଭିତରକୁ ଚାଲିଯାଇଥିଲେ। ତେବେ ଠିକ୍ ସମୟରେ ଏହା ଜାଣି ପାରି ସେଠାରେ ମୁତୟନ ଥିବା ଲାଇଫ୍ ଗାର୍ଡମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡ଼ିଛି। ଉକ୍ତ ପର୍ଯ୍ୟଟକମାନେ ସମୁଦ୍ର କୂଳ ସେକ୍ଟର ୭, ସେକ୍ଟର ୮ ଓ ସେକ୍ଟର ୧୩ରେ ସ୍ନାନ କରୁଥିବା ବେଳେ ଏପରି ଅଘଟଣର ସମ୍ମୁଖୀନ ହୋଇଥିଲେ। ଉଦ୍ଧାର ହୋଇଥିବା ୪ ପର୍ଯ୍ୟଟକ ହେଲେ ପଶ୍ଚିମବଙ୍ଗର ସୁକଦେବ ପାଲ୍ ଓ କେଶବ ବାଗ ଏବଂ ଖୋର୍ଦ୍ଧା ଜିଲ୍ଲାର ଶାନ୍ତନୁ କୁମାର ସାହୁ ଓ ଆୟୁଷ୍ମାନ ସୁବୁଦ୍ଧି। ସମସ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଲାଇଫ ଗାର୍ଡମାନେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ। ବାରମ୍ବାର ପୁରୀ ସମୁଦ୍ରରେ ଏଭଳି ଅଘଟଣ ଘଟୁଥିବାରୁ ଏ ଦିଗରେ ପର୍ଯ୍ୟଟକ ସଚେତନ ହେବା ସହ ସମୁଦ୍ର କୂଳରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି।

## ଏସ୍‌ସିବିରେ ରୋଗୀ ମୃତ୍ୟୁ ନେଇ ଉତ୍ତେଜନା, ଡାକ୍ତରଙ୍କୁ ମାଡ଼



କଟକ,୨୬ା୩(ସଂଚାର ବ୍ୟୁରୋ)ଃ ରୋଗୀ ମୃତ୍ୟୁ ନେଇ କଟକ ଏସସିବିରେ ଦେଖାଦେଇଛି ଉତ୍ତେଜନା। ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନେଫ୍ରୋଲୋଜି ବିଭାଗରେ ଜନୈକ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଭୁବନେଶ୍ୱରର ଜଣେ ରୋଗୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ପରିବାର ଲୋକେ ଏଥିପାଇଁ ଡାକ୍ତରଙ୍କ ଅବହେଳାକୁ ଦାୟୀ କରି ହଙ୍ଗାମା କରିଥିଲେ। ରୋଗୀଙ୍କ ଅବସ୍ଥା ଖରାପ ହେବାରୁ ଡାକ୍ତରଙ୍କୁ ବାରମ୍ବାର ଡାକିଥିଲେ ମଧ୍ୟ ସେ ଦେଖିବା ପାଇଁ ଆସିନଥିବାରୁ ଏପରି ଅଘଟଣ ଘଟିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ୪୦୦ ଟଙ୍କା ପାଇଁ ବାପା ଜୀବନନେଲା ପୁଅ



ମୋରଡ଼ା,୨୬ା୩(ସଂଚାର ବ୍ୟୁରୋ)ଃ ରକ୍ତ ସମ୍ପର୍କକୁ ପାଣି କରିଦେଇଛି ଟଙ୍କା ଲୋଭ। ସାମାନ୍ୟ କେଇଟା ଟଙ୍କା ପାଇଁ ପୁଅ ନେଇଛି ଜନ୍ମଦାତା ବାପାର ଜୀବନ। ଏପରି ଏକ ଲୋମହର୍ଷକାରୀ ଘଟଣା ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ। ମୃତକ ହଳଦୀପାଳ ପଞ୍ଚାୟତର ଲଦଡ଼ିହି ଗ୍ରାମର ଗୋବିନ୍ଦ ମାଣ୍ଡି ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଚିତ୍ରଡ଼ା ଫାଣ୍ଡି ଅଧୀନସ୍ଥ ହଳଦୀପାଳ ପଞ୍ଚାୟତ ଲଦଡ଼ିହି ଗ୍ରାମର ୮୦ ବର୍ଷୀୟ ଗୋବିନ୍ଦଙ୍କଠାରୁ ତାଙ୍କ ପୁଅ ମଧୁ ମାଣ୍ଡି ପ୍ରତିଦିନ ଟଙ୍କା ନିଅନ୍ତି। ହେଲେ ଗତକାଲି ରାତି ୯ଟା ସମୟରେ ଗୋବିନ୍ଦ ଶୋଇଥିବା ବେଳେ ମଧୁ ତାଙ୍କୁ ସଜନା ଛୁଇଁ ବିକି ପାଇଥିବା ୪୦୦ ଟଙ୍କା ମାଗିଥିଲେ। କିନ୍ତୁ ଗୋବିନ୍ଦ ଏହା ଦେବାକୁ ମନା କରିବାରୁ ନିଶାସକ୍ତ ମଧୁ ତାଙ୍କୁ ଏକ ବାଉଁଶ ବାଡ଼ିରେ ପିଟିପିଟି ଜୀବନରେ ମାରିଦେଇଥିଲା। ଆଜି ପୂର୍ବାହ୍ନ ୧୦ଟା ସମୟରେ ଖବର ପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମଧୁକୁ ଅଟକ ରଖିଛନ୍ତି। ତେବେ ପୂର୍ବରୁ ମଧ୍ୟ ବାପାଙ୍କ ଭତ୍ତା ଟଙ୍କା ଜୋରଜବରଦସ୍ତି ଛଡ଼ାଇ ନେଉଥିବା ପରିବାର ଲୋକେ କହିଛନ୍ତି।

# ଭିଜିଲାନ୍ସ ପଞ୍ଝାରେ ଏସ୍‌ଡିଓ

- ଅଫିସ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ
- ଜବତ ହେଲା ପ୍ରାୟ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା
- କୋଠା ସହ ଦାମୀ ପ୍ଲଟ୍ ଠାବ





ଭୁବନେଶ୍ୱର,୨୬ା୩(ସଂଚାର ବ୍ୟୁରୋ)ଃ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି ଜଣେ ଏସଡିଓ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଅଫିସ୍ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଗଞ୍ଜାମ ଭଞ୍ଜନଗର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଡାହା ଜଳସେଚନ ଉପଖଣ୍ଡର ସହକାରୀ ଯନ୍ତ୍ରୀ ପଞ୍ଚୁ ବେହେରାଙ୍କ ସମ୍ପତ୍ତିର ଯାଞ୍ଚ କରୁଛି ଭିଜିଲାନ୍ସ। ଏହି ଚଢ଼ାଉରେ ଭିଜିଲାନ୍ସର ୩ ଡିଏସପି, ୭ ଇନ୍ସପେକ୍ଟର ଓ ଭିଜିଲାନ୍ସର ଅନ୍ୟ କର୍ମଚାରୀମାନେ ସାମିଲ ଅଛନ୍ତି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅନୁମତି କ୍ରମେ ଏହି ଚଢ଼ାଉ ହୋଇଛି। ଶ୍ରୀ ବେହେରାଙ୍କ ବ୍ରହ୍ମପୁର ବସନ୍ତ ବିହାରସ୍ଥିତ ତିନି ମହଲା ଆବାସିକ ଘର ସହ ଭଞ୍ଜନଗରସ୍ଥିତ ସରକାରୀ କ୍ୱାର୍ଟର୍, ଅଫିସ, ପୋଲସରାସ୍ଥିତ ପୈତୃକ ଘରେ ଓ ବ୍ରହ୍ମପୁର ଭୀମନଗରସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସର ପୃଥକ୍ ପୃଥକ୍ ଟିମ୍ ଚଢ଼ାଉ କରିଥିବା ଜଣାପଡ଼ିଛି।

ସେହିପରି ଚଢ଼ାଉ ସମୟରେ ଶ୍ରୀ ବେହେରାଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି। ତାଙ୍କ ବ୍ରହ୍ମପୁରସ୍ଥିତ ବାସଭବନ ସହ ଭଞ୍ଜନଗରସ୍ଥିତ ସରକାରୀ କ୍ୱାର୍ଟର୍‌ରୁ ଯଥାକ୍ରମେ ୧୫.୩ ଲକ୍ଷ ଓ ୩.୭୨ ଲକ୍ଷ ଏହିପରି ମୋଟ ପାଖାପାଖି ୧୯ ଲକ୍ଷ ଟଙ୍କା ଜବତ କରାଯାଇଛି। ଶ୍ରୀ ବେହେରାଙ୍କ ନାମରେ ବ୍ରହ୍ମପୁରର ବସନ୍ତ ବିହାରରେ ଏକ ବହୁତଳ ପ୍ରାସାଦ, ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ୫ଟି ଦାମୀ ପ୍ଲଟ୍, ୯୦ ଲକ୍ଷ ଟଙ୍କାର ଜମା ଓ ବୀମା, ୫୬୮ ଗ୍ରାମ୍ ଓଜନର ସୁନା, ୫୭ ଲକ୍ଷ ଟଙ୍କାର ଏକ ମିକ୍ସଚର୍ ମେସିନ୍, ୩୭ ଲକ୍ଷ ଟଙ୍କାର ଏକ ହ୍ୟୁଣ୍ଡାଇ ଏକ୍ସକାଭେଟର୍ ମେସିନ୍ ରହିଥିବା ଯାଞ୍ଚ୍ ସମୟରେ ଜଣାପଡ଼ିଛି। ସେହିପରି ଶ୍ରୀ ବେହେରାଙ୍କ ଘରୁ ଗୋଟିଏ ଚାରିଚକିଆ ଓ ୩ଟି ଦୁଇଚକିଆ ଯାନ ବି ଜବତ କରାଯାଇଛି। ଏହାଛଡ଼ା ତାଙ୍କ ଘରେ ୮.୫୭ ଲକ୍ଷ ଟଙ୍କାର ଆସବାବପତ୍ର ଥିବା ଆକଳନ କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ବେହେରାଙ୍କ ନିକଟରେ ଆହୁରି ଅନେକ ସମ୍ପତ୍ତି ବାହାରିବା ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ ଗତ ୨୦୧୧ ସେପ୍ଟେମ୍ବରରେ ଶ୍ରୀ ବେହେରା ୯୩୦୦ ଟଙ୍କା ଦରମାରେ ସରକାରୀ ଚାକିରିରେ ପ୍ରବେଶ କରିଥିଲେ। ତେବେ ଚାକିରି କାଳର ୧୫ ବର୍ଷ ମଧ୍ୟରେ ସେ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ ହେବା ଭିଜିଲାନ୍ସ ବିଭାଗର ଅଧିକାରୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଜଳଖିଆ ଖାଇ ୧୯ ଛାତ୍ରଛାତ୍ରୀ ଅସୁସ୍ଥ



ସୁନ୍ଦରଗଡ଼,୨୬ା୩(ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ଼ ପଞ୍ଚାୟତ ହାଇସ୍କୁଲର ୧୯ ଜଣ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୧୧ ଜଣ ଛାତ୍ର ଓ ୮ ଜଣ ଛାତ୍ରୀ ରହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନବୋଧ ପ୍ରୁଷେଠ୍‌ଙ୍କ କହିବାନୁସାରେ, ବିଦ୍ୟାଳୟର ମୋଟ ୪୮ ଜଣ ଛାତ୍ରୀଛାତ୍ର ହଷ୍ଟେଲରେ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ଅପରାହ୍ନରେ ବିଦ ଧରୁଆଡ଼ିହି ଥାନା ପୁଲିସ ପକ୍ଷରୁ ସାଇବର ଅପରାଧ ସଂକ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଛାତ୍ରୀଛାତ୍ରମାନଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା। ତେବେ ଜଳଖିଆ ଖାଇବା ପରେ କେତେକ ଛାତ୍ରଛାତ୍ରୀ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ପରେ ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ମଝାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସାଇବର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଜଳଖିଆ ଦିଆଯାଇଛି ବୋଲି ଧରୁଆଡିହି ଥାନା ଆଇଆଇସି ସୌଦାମିନୀ ନାଗ ସ୍ପଷ୍ଟ କରିଛନ୍ତି।

### ● ମାଙ୍କଡ଼ ମାରି ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ

## ୨ ଯୁବକଙ୍କୁ ଗିରଫ କଲା ବନ ବିଭାଗ



ଫୁଲବାଣୀ,୨୬ା୩(ସଂଚାର ବ୍ୟୁରୋ)ଃ ଏକ ହନୁ ମାଙ୍କଡ଼କୁ ମାରି ତା'ର ଫଟୋ ସୋସିଆଲ୍ ମିଡିଆ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଗିରଫ ହୋଇଛନ୍ତି ଦୁଇ ଜଣ ଯୁବକ। ସେମାନଙ୍କୁ ଆଜି ବନ ବିଭାଗ ପକ୍ଷରୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବାଲିଗୁଡ଼ା ବନାଞ୍ଚଳ ଅଧୀନସ୍ଥ ସଲାଗୁଡ଼ା ପଞ୍ଚାୟତର ନରେଗାଁ ଅଞ୍ଚଳରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତର ନରେଗାଁ ଅଞ୍ଚଳର ଉକ୍ତ ଦୁଇ ଯୁବକ ଏକ ହନୁ ମାଙ୍କଡ଼କୁ ମାରିବା ସହ ତା' ଛୁଆକୁ ଧରିଥିବା ବେଳର ଭିଡିଓ ଇନଷ୍ଟାଗ୍ରାମରେ ପୋଷ୍ଟ୍ କରିଥିଲେ। ଉକ୍ତ ପୋଷ୍ଟ୍ ସୋସିଆଲ୍ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେବା ପରେ ଏହା ବନ ବିଭାଗ ନଜରକୁ ଆସିଥିଲା। ଘଟଣାକୁ ଗୁରୁତର ସହକାରେ ନେଇ ବାଲିଗୁଡ଼ା ବନାଞ୍ଚଳ ଅଧିକାରୀ ବି. ସୁବାଷ ଏହାର ତଦନ୍ତ କରିଥିଲେ। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ ଉଭୟ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତର ନରେଗାଁର ମାନବ ମଲ୍ଲିକ ଓ ଜୟଦେବ ମଲ୍ଲିକ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ୫ ସଶସ୍ତ୍ର ଶିକାରୀ ଗିରଫ

### ମୃତ ହରିଣ, ଶିକାର ସରଞ୍ଜାମ ଜବତ



ନୀଳଗିରି,୨୬ା୩(ସଂଚାର ବ୍ୟୁରୋ)ଃ କୁଲଡିହା ଜଙ୍ଗଲ ବିଭାଗ ପକ୍ଷରୁ ଆଜି ୫ ଜଣ ସଶସ୍ତ୍ର ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ଏକ ଛୋଟ ହରିଣର ମୃତଦେହ, ୩ ବନ୍ଧୁକ, ଫାସ ଓ ଅନ୍ୟାନ୍ୟ ଶିକାର ସରଞ୍ଜାମ ମଧ୍ୟ ଜବତ କରାଯାଇଛି। ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ଚେକମରା ଅଞ୍ଚଳରେ ଉକ୍ତ ୫ ଶିକାରୀ ଅବୈଧ ଶିକାର କରିଆସୁଥିଲେ। ସେମାନେ ଏକ ମାଉସ ଡିଅର ବା କ୍ଷୁଦ୍ର ହରିଣକୁ ମଧ୍ୟ ମାରିଥିଲେ। ଗିରଫ ହୋଇଥିବା ୫ ଶିକାରୀ ହେଲେ ସୁରେନ୍ଦ୍ର ସିଂ, ରୁହ୍ୟା ସିଂ, ରାଜେଶ ସିଂ, ନରେନ୍ଦ୍ର ସିଂ ଓ ଗୁରୁବା ସିଂ। ସେମାନଙ୍କ ନାମରେ ଓ଼ଆର ୧୯/୨୫-୨୬ରେ ମାମଲା ରୁଜୁ କରାଯାଇଛି। ଏଥିସହ ସଂରକ୍ଷିତ ଅଞ୍ଚଳ ଭିତରେ ସ୍ଥାପିତ ଏଆଇ କ୍ୟାମେରାଗୁଡ଼ିକୁ ଧ୍ୱଂସ କରିବାରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଥିବା କୁଲଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ ବେହେରା କହିଛନ୍ତି।

# ଇଭି ପଞ୍ଜିକରଣ, ଅଢ଼େଇ ଲକ୍ଷରୁ ଅଧିକ



ଭୁବନେଶ୍ୱର,୨୬ା୩ଃ ରାଜ୍ୟରେ ଇଭି ପଞ୍ଜିକରଣ ଅଢ଼େଇ ଲକ୍ଷକୁ ଟପିଯାଇଥିବାବେଳେ ଏଥିରେ ଦୁଇଚକିଆ ବୈଦ୍ୟୁତିକ ଯାନ ସର୍ବାଧିକ ରହିଛି। ରାଜ୍ୟ ସରକାର ଏବେ ୧୦୦ ଟି ଇଭିଚାର୍ଜିଂ ଷ୍ଟେସନ ସ୍ଥାପନ କରୁଥିବାବେଳେ ଆଉ ୫ଶହରୁ ଅଧିକ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ଲେଖିଛନ୍ତି। ରାଜ୍ୟରେ ଦୁଇ ଚକିଆ ଇଭି ଯାନ ପଞ୍ଜିକରଣ ସଂକ୍ରାନ୍ତରେ ବିଜେପି ବିଧାୟକ ମାନସ ଦତ୍ତ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଚଳିତବର୍ଷ ଫେବୃଆରୀ ୨୦ ତାରିଖ ସୁଦ୍ଧା ୨ ଲକ୍ଷ ୫୧ ହଜାର ୪୩୨ଟି ଇଭି ପଞ୍ଜିକରଣ ହୋଇଥିବାବେଳେ ଏଥିରେ ଦୁଇଚକିଆ ଯାନ ସଂଖ୍ୟା ୨ ଲକ୍ଷ ୧୬ହଜାର ରୁ ଅଧିକ ରହିଛି। ଚାରିଚକିଆ ଛୋଟ ଇଭି ଯାନ ସଂଖ୍ୟା ପାଖାପାଖି ୧୦ହଜାରହୋଇଥିବାବେଳେ ୨୨ହଜାରରୁ ଅଧିକ ତିନିଚକିଆ ଇଭି ପଞ୍ଜିକରଣ ହୋଇଥିବା ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଇଭି ଯାନର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ଓଡ଼ିଶା ବିଦ୍ୟୁତ୍ ଯାନ ନୀତି ୨୦୨୧କୁ ଜାରି କରିଥିଲେ ଯାହା ପରେ ୨୦୨୩ ମସିହାରେ ସଂଶୋଧିତ କରାଯାଇଥିଲା। ଏହି ନୀତି ଅନୁଯାୟୀ ଦୁଇ ଚକିଆ ଇଭି ଯାନ ପାଇଁ ପ୍ରତି କିଲୋୱାଟ ପିଛା ୫ହଜାର ଟଙ୍କା ହିସାବରେ ସର୍ବାଧିକ ୨୦ହଜାର ଟଙ୍କା, ତିନି ଚକିଆ ଯାନ ପାଇଁ ୩୦ହଜାର ଟଙ୍କା ଏବଂ ଚାରିଚକିଆ ଯାନ ପାଇଁ କିଲୋୱାଟ ପିଛା ୧୦ହଜାର ଟଙ୍କା ହିସାବରେ ସର୍ବାଧିକ ଦେଢ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯାଉଛି। ଏଥିସହ ବ୍ୟାଟେରୀଚାଳିତ ଯାନମାନଙ୍କ ପଇଁ ମୋଟର ଯାନ ଟିକସ ଓ ପଞ୍ଜିକରଣ ଫି ଛାଡ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୧୦୦ଟି ଇଭି ଚାର୍ଜିଂ ଷ୍ଟେସନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଥିବାବେଳେ ପିଏମ୍ ଇ-ଡ୍ରାଇଭ ସ୍କିମ୍ ମାଧ୍ୟମରେ ଆଉ ୫୧୨ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ଫୁଡକୋର୍ଟ ଆବଣ୍ଟନ ବିଜ୍ଞପ୍ତିଃ ଦ୍ୱନ୍ଦ୍ୱରେ ବ୍ୟବସାୟୀ

# କମିଶନର ଓ ମେୟରଙ୍କୁ 'ମୋ କଟକ ସୁରକ୍ଷା ମଞ୍ଚ'ର ଅଭିଯୋଗ



କଟକ,୨୬ା୩(ସଂଚାର ବ୍ୟୁରୋ)ଃ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବାରବାଟୀ ଷ୍ଟାଡିୟମ ସମ୍ମୁଖରେ ନିର୍ମିତ ବାରବାଟୀ ଫୁଡ୍‌କୋର୍ଟ ଦୋକାନ ଘର ଆବଣ୍ଟନ ପାଇଁ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଛି, ତାହାକୁ ନେଇ ଦ୍ୱନ୍ଦ୍ୱରେ ବ୍ୟବସାୟୀ। ପ୍ରକୃତରେ ବାରବାଟୀ ଫୁଡକୋର୍ଟରେ କେତୋଟି ଦୋକାନଘର ନିର୍ମାଣ ହୋଇଛି ଓ କେତେ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ କେଉଁ ଆଧାରରେ ଆବଣ୍ଟନ କରାଯିବ, ସେନେଇ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସିଏମସି ପକ୍ଷରୁ ଗୋଟିଏ ଦିନରେ ଦୁଇଟି ବିଜ୍ଞପ୍ତିରେ ମୋଟ ୪୬ ବ୍ୟବସାୟୀଙ୍କ ନାମ ପ୍ରକାଶ କରାଯାଇଛି। ଏଥିରେ ନାମ ପ୍ରକାଶ ପାଇଥିବା ବ୍ୟବସାୟୀମାନେ ସେମାନଙ୍କ ସମସ୍ତ କାଗଜପତ୍ର ଆସନ୍ତା ୨୯ ତାରିଖ ସୁଦ୍ଧା ବିଜୁ ଭବନସ୍ଥିତ ଏକ ବାକ୍ସରେ ଦାଖଲ କରିବାକୁ କୁହାଯାଇଛି। ଏହାପରେ ୩୦ରେ ଲଟେରି ମାଧ୍ୟମରେ ଦୋକାନଘର ଆବଣ୍ଟନ କରାଯିବ। ତେବେ ସିଏମସି ପକ୍ଷରୁ କେତୋଟି ଦୋକାନ ଘର ଆବଣ୍ଟନ କରାଯିବ, ସେନେଇ କିଛି ବି ସ୍ପଷ୍ଟ କରାଯାଇନାହିଁ। ଏହା ଆବେଦନକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସେହିପରି କେଉଁ ପ୍ରକ୍ରିୟାରେ ବ୍ୟବସାୟୀମାନଙ୍କୁ ଚିହ୍ନଟ କରାଯାଇଛି, ତାକୁ ନେଇ ବି ପ୍ରଶ୍ନ ଉଠୁଛି। ବାରବାଟୀ ଷ୍ଟାଡିୟମ ସମ୍ମୁଖରେ ବ୍ୟବସାୟ କରୁଥିବା ଛୋଟ ବ୍ୟବସାୟୀମାନଙ୍କୁ ଫୁଡ୍‌କୋର୍ଟ ଆବଣ୍ଟନରେ ପ୍ରାଥମିକତା ଦେବାକୁ କୁହାଯାଇଥିଲା। କିନ୍ତୁ ସିଏମ୍‌ସି ପକ୍ଷରୁ ପ୍ରକାଶ ପାଇଥିବା ତାଲିକାରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମ ନାହିଁ। ପୂର୍ବରୁ ସିଏମସି ଭେଣ୍ଡିଂ ଜୋନ ଆବଣ୍ଟନରେ ଅନିୟମିତତା ହୋଇଥିବାରୁ କେତେକ ସ୍ଥାନରେ ଏହା ଖତ ଖାଉଛି। ସେହିପରି କଟକ ଅର୍ବାନ ହାଟରେ ପିଣ୍ଡିକୁ ପ୍ରଭାବଶାଳୀ ଲୋକେ ଭଡ଼ାରେ ଲଗାଇ ମୁନାଫା କମାଉଛନ୍ତି।

ତେଣୁ ବାରବାଟୀ ଫୁଡକୋର୍ଟରେ ନିର୍ମାଣ ହୋଇଥିବା ଦୋକାନଘର, ଚିହ୍ନଟ ହୋଇଥିବା ବ୍ୟବସାୟୀଙ୍କ ତାଲିକା ଓ ଆବଣ୍ଟନ ପ୍ରକ୍ରିୟା ସବୁକିଛି ସାର୍ବଜନୀନ କରାଯାଇ ସ୍ୱଚ୍ଛତାର ସହ ପ୍ରକୃତ ହିତାଧିକାରୀଙ୍କୁ ଆବଣ୍ଟନ କରିବା ସକାଶେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଦାବି କରିଛନ୍ତି। ସେହିପରି ଏ ସଂକ୍ରାନ୍ତ ସମ୍ପୂର୍ଣ୍ଣ ତଥ୍ୟ ସେ ଆରଟିଆଇରେ ତଥ୍ୟ ମାଗିଛନ୍ତି। ଗରିବ ବ୍ୟବସାୟୀଙ୍କ କ୍ଷେତ୍ରରେ କୌଣସି ପ୍ରକାର ପାତରଅନ୍ତର କରାଗଲେ ସେ ଆଇନର ଆଶ୍ରୟ ନେବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

## ଗୁଜବରେ ଛାନିଆ ନ ହେବାକୁ ଦେଶବାସୀଙ୍କୁ ସରକାରଙ୍କ ଅନୁରୋଧ

# ଦୁଇ ମାସ ପାଇଁ ପର୍ଯ୍ୟାପ୍ତ ତେଲ ଓ ଇନ୍ଧନ ଅଛି

ନୂଆଦିଲ୍ଲୀ,୨୬।୩ଃ ଆସନ୍ତା ଦୁଇ ମାସ ପାଇଁ ଭାରତ ପାଖରେ ପର୍ଯ୍ୟାପ୍ତ ତେଲ ଓ ଇନ୍ଧନ ରହିଛି। ତେଣୁ ଅଭାବର ଗୁଜବ ଶୁଣି ଛାନିଆ ହୁଅନ୍ତୁ ନାହିଁ। ଗୁରୁବାର ଦେଶବାସୀଙ୍କ ପାଇଁ ଆଶ୍ୱସ୍ତିର ବାଣୀ ଶୁଣାଇଛନ୍ତ କେନ୍ଦ୍ର ସରକାର। ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ଅସ୍ଥିରତା ସୃଷ୍ଟି ହୋଇଥିବା ବେଳେ ଦେଶରେ ଇନ୍ଧନ ସ୍ଥିତି ସ୍ଥିର ରହିଛି ଏବଂ ଏହା ନିୟନ୍ତ୍ରଣା ଧୀନ ରହିଛି। ତେଣୁ ଅଯଥା ଗୁଜବ ଶୁଣି ଛାନିଆ ହୁଅନ୍ତୁ ନାହିଁ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କହିଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କହିଛି ଯେ ଆଗାମୀ ୬୦ ଦିନ ପାଇଁ ଅଶୋଧିତ ତୈଳ ଯୋଗାଣ ସୁରକ୍ଷିତ କରାଯାଇଛି। ଗୁରୁବାର (୨୬ ମାର୍ଚ୍ଚ ୨୦୨୬) ପିଆଇବି ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଯୋଗାଣରେ ଯେମିତି କୌଣସି ବ୍ୟବଧାନ ନ ହେବ ଏଥିପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସିଏସ୍) ଆଗୁଆ ଆମଦାନୀ ପୂର୍ବରୁ ସ୍ଥିର କରି ସାରିଛନ୍ତି। ହରମୁଜ ଜଳପଥରେ ଉତ୍ତେଜନା ଲାଗି ରହିଥିବା ସମୟରେ ଭାରତ ଏହାର ଇନ୍ଧନ ଆବଶ୍ୟକତା ପାଇଁ ଆମଦାନୀର ବିକଳ୍ପକୁ ବଢ଼ାଇବାରେ ସକ୍ଷମ ହୋଇଛି। ବର୍ତ୍ତମାନ ଭାରତ ୪୦ ଅନ୍ୟ ଦେଶରୁ ଅଶୋଧିତ ତୈଳ ଆମଦାନୀ କରିବାକୁ ଉଦ୍ୟମ ଜାରି ରଖିଛି। ପ୍ରକୃତରେ, ଅନ୍ୟ ଦେଶଗୁଡ଼ିକରୁ ଭାରତ ପାଇଁ ଇନ୍ଧନ ଉପଲବ୍ଧ ରହୁଥିବାରୁ ଯୋଗାଣ ବାଧା ଦୂର କରିବାରେ ଭାରତ ସକ୍ଷମ ହୋଇଛି। ଦେଶବ୍ୟାପୀ ରିଫାଇନାରୀଗୁଡ଼ିକ ୧୦୦ ପ୍ରତିଶତରୁ ଅଧିକ କ୍ଷମତାରେ ଚାଲୁଛନ୍ତି। ଯାହା ଇନ୍ଧନ ପ୍ରବାହକୁ ସ୍ଥିର ରଖିଛି। ଭାରତର ମୋଟ ଗଚ୍ଛିତ କ୍ଷମତା ୭୪ ଦିନର । ହେଲେ ବର୍ତ୍ତମାନ ପ୍ରକୃତରେ ୬୦ ଦିନ ପାଇଁ ଇନ୍ଧନ ଗଚ୍ଛିତ ରହିଛି। ଏଥିରେ କ୍ରୁଡ୍ ଅଏଲ୍, ରିଫାଇନ୍ଡ ପ୍ରଡକ୍ଟ ଏବଂ ଭୂତଳ ଗୁମ୍ଫାରେ ଗଚ୍ଛିତ ଥିବା ଷ୍ଟ୍ରାଟେଜିକ ରିଜର୍ଭ ରହିଛି।






# ୩ଦିନ ବ୍ୟାଙ୍କ ବନ୍ଦ

## ଆଉ ମିଳିବନି ପେଟ୍ରୋଲ? ଦେଶରେ ଚହଳ!

ନୂଆଦିଲ୍ଲୀ,୨୬।୩ଃ ଶୁକ୍ରବାର, ଶନିବାର ଓ ରବିବାର ବ୍ୟାଙ୍କ ଛୁଟି। ଶୁକ୍ରବାର ରାମନବମୀ ଛୁଟି, ଶନିବାର ଲାଷ୍ଟ ସଟର ଡେ, ରବିବାର ପଡୁଛି ସାପ୍ତାହିକ ଛୁଟି। ଯୁଦ୍ଧ ମୁକାବିଲା ପାଇଁ ତୈଳ କମ୍ପାନି ନେଇଛନ୍ତି କଠୋର ପଦକ୍ଷେପ। ପେମେଣ୍ଟ ସର୍ତ୍ତାବଳୀ ନୀତି ଡିଲରଙ୍କ ପାଇଁ ପରିବର୍ତ୍ତନ କରିଛି ତୈଳ କମ୍ପାନି। ଆଗୁଆ ପେମେଣ୍ଟ କଲେ ଡିଲରଙ୍କୁ ମିଳୁଛି ପେଟ୍ରୋଲ, ଡିଜେଲ।

ତେଲ ପାଇଁ ଡିଲରଙ୍କୁ ପ୍ରଥମେ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ପଡୁଛି । ବ୍ୟାଙ୍କ ବନ୍ଦ ରହିଲେ ଟଙ୍କା ଡିପୋଜିଟ କରିପାରିବେ ନାହିଁ ଡିଲର। ଆଗୁଆ ଟଙ୍କା ନଦେଲେ ଡିଲରଙ୍କୁ ତେଲ ପଠାଇବ ନାହିଁ କମ୍ପାନି। ପେଟ୍ରୋଲ ପମ୍ପରେ ପେଟ୍ରୋଲ ସରିଯିବାରୁ କିଛି ପେଟ୍ରୋଲ ପମ୍ପ ରେ ଲାଗୁଛି ଗହଳି। ସାଧାରଣ ଲୋକ ବ୍ୟସ୍ତ ହୋଇ ପେଟ୍ରୋଲ ପମ୍ପରେ ଗହଳି ନ କରିବାକୁ ଅନୁରୋଧ କରିଛନ୍ତି ସଂଘ ସଭାପତି।

୩ ଦିନ ବ୍ୟାଙ୍କ ବନ୍ଦ ରହୁଥିବାରୁ ତେଲ ମିଳିବାରେ ହୋଇପାରେ ସମସ୍ୟା। ତୈଳ କମ୍ପାନି ପାଖରେ ତେଲ ବହୁ ପରିମାଣରେ ମହଜୁଦ ରହିଛି। ଛାନିଆ ହୋଇ ତେଲ ପାଇଁ ପେଟ୍ରୋଲ ପମ୍ପରେ ଭିଡ଼ ନ ଲଗାଇବାକୁ ଅନୁରୋଧ। ବ୍ୟସ୍ତ ହୋଇ ପେଟ୍ରୋଲ ପମ୍ପରେ ଗହଳି ନ କରିବାକୁ ଅନୁରୋଧ କରିଛନ୍ତି ପେଟ୍ରୋଲ ଡିଜେଲ୍ ବ୍ୟବସାୟୀ ସଂଘ ସଭାପତି ସଞ୍ଜୟ ଲାଠ।




# ହୋଟେଲ, ରେଷ୍ଟୁରାଣ୍ଟରେ 'ଏଲ୍‌ପିଜି ଚାର୍ଜ' ନେବା ବେଆଇନ




ଭୁବନେଶ୍ୱର,୨୬।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ), ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡିକ ଦ୍ୱାରା ଗ୍ରାହକଙ୍କ ବିଲ୍‌ରେ ଏଲ୍‌ପିଜି ଚାର୍ଜ, ଗ୍ୟାସ୍ ସର୍‌ଚାର୍ଜ ଏବଂ ଇନ୍ଧନ ମୂଲ୍ୟ ଭରଣା ଭଳି ଅତିରିକ୍ତ ଶୁଳ୍କ ଆଦାୟକୁ ବେଆଇନ ବୋଲି କହିଛନ୍ତି । ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁସାରେ ଏହିଭଳି କାର୍ଯ୍ୟକୁ ଅସାଧୁ ବୋଲି ଦର୍ଶାଯାଇଛି। ସର୍ଭିସ୍ ଚାର୍ଜ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ଏଡ଼ାଇବା ପାଇଁ ଏଭଳି ଚାର୍ଜଗୁଡିକ ପୂର୍ବ୍ବ ନିର୍ଦ୍ଧାରିତ ଭାବେ ଲଗାଯାଉଥିବା ଲକ୍ଷ୍ୟକରି ପ୍ରାଧିକରଣ ଗ୍ରାହକ ସୁରକ୍ଷା ଆଇନ ୨୦୧୯ର ଧାରା ୧୦ ଅନୁଯାୟୀ ଏକ ନୂଆ ପରାମର୍ଶବଳୀ ଜାରି କରିଛନ୍ତି। ଏଭଳି କୌଣସି ଚାର୍ଜ ସ୍ୱୟଂଚାଳିତ ଭାବେ ଲଗାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜାତୀୟ ଗ୍ରାହକ ହେଲ୍ପଲାଇନରେ ପ୍ରାପ୍ତ ଅଭିଯୋଗ ଏବଂ ଗଣମାଧ୍ୟମର ରିପୋର୍ଟକୁ ଆଧାରକରି ସିସିପିଏ ଏହିଁ ଦୃଢ଼ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସିସିପିଏ ଲକ୍ଷ୍ୟ କରିଛି ଯେ, କେତେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ମେନୁରେ ଦର୍ଶାଯାଇଥିବା ଖାଦ୍ୟ ଓ ପାନୀୟର ମୂଲ୍ୟ ଏବଂ ପ୍ରଯୁଜ୍ୟ ଟିକସ ବ୍ୟତୀତ ଗ୍ରାହକ ବିଲ୍‌ରେ ପୂର୍ବ୍ବ ନିର୍ଦ୍ଧାରିତ ଭାବେ ଏଭଳି ଚାର୍ଜ ଆଦାୟ କରୁଛନ୍ତି। ଏଲ୍‌ପିଜି ଚାର୍ଜ କିମ୍ବା ସେହିଭଳି ଅନ୍ୟ କିଛି ଚାର୍ଜ ଆଦାୟ କରିବାକୁ ଆଇନର ପ୍ରାବଧାନକୁ ଏଡାଇବାର ପ୍ରୟାସ ବୋଲି କହିଛି ସିସିପିଏ। ଇନ୍ଧନ, ଏଲ୍‌ପିଜି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ପରିଚାଳନାଗତ ଖର୍ଚ୍ଚ ହେଉଛି ବ୍ୟବସାୟ ଚଳାଇବା ପାଇଁ ଲାଗୁଥିବା ଖର୍ଚ୍ଚର ଗୋଟିଏ ଗୋଟିଏ ଅଂଶବିଶେଷ ଏବଂ ଏହାକୁ ମେନୁରେ ଥିବା ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ପୃଥକ ବାଧ୍ୟତାମୂଳକ ଚାର୍ଜ ମାଧ୍ୟମରେ ଏଭଳି ଖର୍ଚ୍ଚ ଆଦାୟ କରିବା ଆଇନର ଧାରା ୨(୪୭) ଅନୁଯାୟୀ ଅସାଧୁ ବ୍ୟାପାର ହୋଇଥାଏ। କୌଣସି ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ବିଲରେ ପୂର୍ବ୍ବ ନିର୍ଦ୍ଧାରିତ କିମ୍ବା ସ୍ୱୟଂଚାଳିତ ଭାବରେ ଏଲପିଜି ଚାର୍ଜ, ଗ୍ୟାସ୍ ଚାର୍ଜ କିମ୍ବା ସେହିଭଳି ଚାର୍ଜ ଆଦାୟ କରିପାରିବେ ନାହିଁ। ଗ୍ରାହକମାନଙ୍କୁ କୌଣସି ଅତିରିକ୍ତ ଚାର୍ଜ ଦେବା ପାଇଁ ବିଭ୍ରାନ୍ତ କିମ୍ବା ବାଧ୍ୟ କରାଯିବ ନାହିଁ, ଯାହା ସ୍ୱେଚ୍ଛାକୃତ ନୁହେଁ। ଯେଉଁ ଗ୍ରାହକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନେ ବିଲ୍‌ରୁ ସେହି ଚାର୍ଜ ହଟାଇବା ପାଇଁ ହୋଟେଲ କିମ୍ବା ରେଷ୍ଟୁରାଣ୍ଟକୁ ଅନୁରୋଧ କରିବେ। ୧୯୧୫ ନମ୍ବରରେ କଲ୍ କରି କିମ୍ବା ଜାତୀୟ ଖାଉଟି ସହାୟତା ମୋବାଇଲ ଆପ ମାଧ୍ୟମରେ ନ୍ୟାଶନାଲ କଞ୍ଜୁମର ହେଲ୍ପଲାଇନରେ ଅଭିଯୋଗ କରନ୍ତୁ। ଇ-ଜାଗୃତି ପୋର୍ଟାଲ ମାଧ୍ୟମରେ ସମ୍ପୃକ୍ତ ଗ୍ରାହକ କମିଶନଙ୍କ ନିକଟରେ ଅଭିଯୋଗ କରିପାରିବେ। ନଚେତ ଜିଲା ମାଜିଷ୍ଟ୍ରେଟ କିମ୍ବା ସିଧାସଳଖ ସିସିପିଏ ନିକଟରେ ଅଭିଯୋଗ ଦାଖଲ କରିପାରିବେ।

## କ୍ରିଏଟର୍ସ ଓ ମିଡିଆ ପ୍ରଫେସନାଲ୍‌ଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ

# ସରକାର ଦେବେ ୧୫ ହଜାର ଏଆଇ ଛାତ୍ରବୃତ୍ତି




ନୂଆଦିଲ୍ଲୀ,୨୬।୩ଃ ଏଆଇ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ କରିବାର ଘୋଷଣା କରିଛି ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସାରା ଦେଶରେ ପ୍ରାୟ ୧୫ ହଜାର ବ୍ୟକ୍ତିଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କୌଶଳ ଶିଖାଇବା ଯାହା ଶିଳ୍ପରେ ସିଧାସଳଖ ବ୍ୟବହାର କରାଯାଇପାରିବ।

ଏହି କାର୍ଯ୍ୟକ୍ରମଟି ବିଶେଷ ଭାବରେ ସୃଜନଶୀଳ ଏବଂ ଗଣମାଧ୍ୟମ କ୍ଷେତ୍ର ସହିତ ଜଡିତ ଲୋକଙ୍କ ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ସେମାନେ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ତାଳ ଦେଇପାରିବେ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇପାରିବେ। ଏହି ପ୍ରୋଗ୍ରାମ ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍ (ଭିଏଫ୍‌ଏକ୍ସ), ଗେମିଂ, କମିକ୍ସ ଏବଂ ମିଡିଆ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଏଆଇ ତାଲିମ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜିସ୍ (ଆଇଆଇସିଟି) ଦ୍ୱାରା ପରିଚାଳିତ ହେବ ଏବଂ ଗୁଗୁଲ୍ ଏବଂ ୟୁଟ୍ୟୁବ୍ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ମିଳିତ ଭାବରେ, ଏହି ତିନିଜଣ ଏକ ପାଠ୍ୟକ୍ରମ ସୃଷ୍ଟି କରିଛନ୍ତି ଯାହା ଉନ୍ନତ ଏଆଇ ଉପକରଣ, ସୃଜନଶୀଳ କାର୍ଯ୍ୟପ୍ରବାହ ଏବଂ ପ୍ଲାଟଫର୍ମର ସଠିକ୍ ବ୍ୟବହାର ଶିକ୍ଷା ଦେବ, ଯାହା ନୂତନ ପିଢ଼ିର କ୍ରିଏଟର୍ସ ଏବଂ ବୃତ୍ତିଗତଙ୍କ ପାଇଁ ଉତ୍ତମ ସୁଯୋଗ ପ୍ରଦାନ କରିବ। ଏହି ଏଆଇ ଦକ୍ଷତା କାର୍ଯ୍ୟକ୍ରମ ୨୦୨୬ ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ସମାପ୍ତ ହେବ। ପ୍ରଥମ ପର୍ଯ୍ୟାୟରେ, ଲୋକମାନଙ୍କୁ ଏଆଇ ର ମୌଳିକ ଜ୍ଞାନ ଦିଆଯିବ ଯାହା ଦ୍ୱାରା ସେମାନେ ଏହାର ବୁଝାମଣା ବିକଶିତ କରିପାରିବେ।

## ଶକ୍ତି ସଂରକ୍ଷଣ ପାଇଁ ଆଗେଇ ଆସିଲେ ରାଷ୍ଟ୍ର

# ଅତିରିକ୍ତ ସରକାରୀ ଛୁଟି, ଘରୁ କାମ କରିବା ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୬।୩ଃ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ବିଶ୍ୱ ଶକ୍ତି ବଜାରରେ ଏକ ଅଭୂତପୂର୍ବ ସଂକଟ ସୃଷ୍ଟି କରିଛି । ବିଶ୍ୱର ଦେଶଗୁଡ଼ିକୁ ଏହା ଇନ୍ଧନ ସଂରକ୍ଷଣ, ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଏବଂ ନାଗରିକଙ୍କ ପାଇଁ ନିରନ୍ତର ଶକ୍ତି ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ବାଧ୍ୟ କରିଛି । ଏସିଆରୁ ଆଫ୍ରିକା, ୟୁରୋପ ପର୍ଯ୍ୟନ୍ତ, ସରକାର ସୀମିତ ଇନ୍ଧନ ଭଣ୍ଡାରକୁ ଉପଯୋଗ କରିବା ପାଇଁ ଅନ୍ୟାନ୍ୟ ପ୍ରୟାସ ମଧ୍ୟରେ ଅତିରିକ୍ତ ସରକାରୀ ଛୁଟି, ଘରୁ କାମ କରିବା ପାଇଁ ନିର୍ଦ୍ଦେଶ, ଇନ୍ଧନ ସଞ୍ଚୟ ଏବଂ ଶିଳ୍ପ ବନ୍ଦ ସମେତ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶ୍ରୀଲଙ୍କା ବୁଧବାର ସ୍କୁଲ, ବିଶ୍ୱବିଦ୍ୟାଳୟ ଏବଂ ଅଣ ଜରୁରୀ ରାଜ୍ୟ କର୍ମଚାରୀଙ୍କ ପାଇଁ ଏକ ବାଧ୍ୟତାମୂଳକ ସରକାରୀ ଛୁଟି ଘୋଷଣା କରିଛି । ପୁନଃ ପ୍ରଚଳନ କରାଯାଇଥିବା ଜାତୀୟ ଇନ୍ଧନ ପାସ୍ (କ୍ୟୁଆର-ଆଧାରିତ ରାସନିଂ) ସହିତ ଘରୋଇ ଯାନବାହନ ୧୫ ଲିଟର/ସପ୍ତାହରେ, ସାର୍ବଜନୀନ ପରିବହନ ପାଇଁ ୨୦୦ ଲିଟର ସୀମା ନିର୍ଦ୍ଧାରିତ କରାଯାଇଛି । ବାଂଲାଦେଶରେ ସମସ୍ତ ବିଶ୍ୱବିଦ୍ୟାଳୟ, ବିଦେଶୀ ପାଠ୍ୟକ୍ରମ ସ୍କୁଲ ଏବଂ କୋଚିଂ ସେଣ୍ଟରଗୁଡ଼ିକୁ ବନ୍ଦ କରି ବିଦ୍ୟୁତ୍ ଭାର ହ୍ରାସ କରିବା ପାଇଁ ଅନଲାଇନ୍ ଶ୍ରେଣୀକୁ ସ୍ଥାନାନ୍ତର କରାଯାଇଛି । ୮ ମାର୍ଚ୍ଚରୁ ଇନ୍ଧନ ରାସନିଂ ଆରମ୍ଭ ହୋଇଛି । ପୋଷାକ ରପ୍ତାନି କ୍ଷେତ୍ର ପାଇଁ ବିଦ୍ୟୁତ ପ୍ରାଥମିକତା ଥିବା ପରିବାର ପାଇଁ ୫ ଘଣ୍ଟା ରାଲିଂ ବ୍ଲାକଆଉଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଷ୍ଟକ୍ ସୁରକ୍ଷା ପାଇଁ ପ୍ରମୁଖ ତୈଳ ଡିପୋରେ ସେନା ମୁତୟନ କରାଯାଇଛି । ଗ୍ୟାସ୍ ଅଭାବ ଯୋଗୁ ୫ଟି ରାଷ୍ଟ୍ରାୟତ୍ତ ସାର କାରଖାନା ମଧ୍ୟରୁ ୪ଟି ବନ୍ଦ କରାଯାଇଛି । ଭୁଟାନରେ ଅତିରିକ୍ତ ଭଣ୍ଡାରଣକୁ ରୋକିବାକୁ ଜେରି କ୍ୟାନରେ ଇନ୍ଧନ ବିକ୍ରୟ ନିଷେଧ କରାଯାଇଛି । ଜରୁରୀ ସେବା ପାଇଁ ଇନ୍ଧନ ସଞ୍ଚୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ଉନ୍ନୟନ କାମରେ ପିସି କାରବାର ଅଭିଯୋଗ

### ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ରହସ୍ୟ ପଦାକୁ ଆସିବ

### ଯନ୍ତ୍ରୀ ନେଉଛନ୍ତି ମୋଟା ଅଙ୍କର ପିସି

### ଜଣେ ଅଧିକାରୀ ଦୁଇଟି ବ୍ଲକ୍‌ରେ ରହିବା ଘଟଣା ସନ୍ଦେହଜନକ



**କାକଟପୁର/ଅସ୍ତରଙ୍ଗ,୨୬।୩ (ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଭାଗ୍ୟ ବଦଳି ପାରୁନି। ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଏହି ଅଂଚଳରୁ ନିଜର ଜୀବିକା ପାଇଁ ଅନ୍ୟ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ, ଗୁଜୁରାଟ, ମୁମ୍ବାଇ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଦାଦନ ଖଟିବାକୁ ଯାଆନ୍ତି। ଏହି ସମୟରେ ତାଙ୍କ ଖାଉଟି ସାମଗ୍ରୀ ପିଡ଼ିଏସ ସହିତ ବହୁତ ଯୋଜନା ଅର୍ଥ ବାଟମାରଣା ହୁଏ। ପ୍ରଶାସନ, ଜନପ୍ରତିନିଧି, ସରକାର ସମସ୍ତେ ଏ ସମ୍ବନ୍ଧରେ ଅବଗତ। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ।

ବର୍ତ୍ତମାନ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଁଚିଛି। ମନରେଗା ଏହି ବ୍ଲକର ବହୁ ପଂଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଛି। ପିଡ଼ିଏସ ଦୁର୍ନୀତି, ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ଶୌଚାଳୟ ଦୁର୍ନୀତି, ବିଭିନ୍ନ ଅନୁଦାନର ନିମ୍ନ ମାନର ରାସ୍ତା ନିର୍ମାଣ, ବାତ୍ୟାଆଶ୍ରୟସ୍ଥଳୀ ମରାମତି,ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ବିଭିନ୍ନ ପଂଚାୟତ ରେ କୋଠ ଘର ନିର୍ମାଣ, ବିଭିନ୍ନ ଗୃହ ନିର୍ମାଣ ଚୟନରେ ଅନିୟମିତତା ଏବଂ ଓଡିଶା ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ପାଇଁ ଆସିଥିବା ଅର୍ଥର ଠିକ ଭାବେ କାର୍ଯ୍ୟକାରୀ ନ କରିବା ଓ ଠିକ ସମୟରେ ପ୍ରମାଣପତ୍ର ଦାଖଲ କରାଯାଉ ନାହିଁ। ଆଜି ମଧ୍ୟ ପକ୍କା ରାସ୍ତା ଗୁଡିକ ଥରେ ନିର୍ମାଣ କଲା ପରେ ବାରମ୍ବାର ତା ଉପରେ ରାସ୍ତା ନିର୍ମାଣ କରିବା ଅଭିଯୋଗ ହେଉଛି। ଏହି ବ୍ଲକରେ ଓଡିଶାର ନାଗରିକ ସେବା ୨୦୧୨ରେ ନିର୍ଧାରିତ ଠିକ ସମୟରେ କାମ କରେ ନାହିଁ। ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପିସି କାରବାର ଅଧିକ ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା କେନ୍ଦ୍ର ବିନ୍ଦୁ ପାଲଟିଛି। ଏମିତି କି ଜଣେ ଜଣେ ବ୍ୟକ୍ତି କାକଟପୁର ଓ ଅସ୍ତରଙ୍ଗ ବ୍ଲକ ର ଦାୟିତ୍ୱରେ ରହିଛନ୍ତି। ବର୍ଷର ଆର୍ଥିକ ଶେଷ ମାସ ମାର୍ଚ୍ଚ ମାସ ଥିବାରୁ ଅନେକ କାର୍ଯ୍ୟ ବିଲ ହେଉଥିବା ବେଳେ କାର୍ଯ୍ୟ ତଦାରଖ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ବ୍ଲକର ପ୍ରତ୍ୟେକ ପଂଚାୟତକୁ ଆସୁଥିବା ଅନୁଦାନରେ ନିମ୍ନମାନର କାମ ହେଉଛି। ପ୍ରତ୍ୟେକ କାମର କୌଣସି ନିର୍ଦ୍ଧାରିତ ସମୟ ନାହିଁ ଓ କେଉଁ ସୂଚନା ଫଳକ ପ୍ରଥମେ କାମ କରିବା ପୂର୍ବରୁ ଲଗାଯାଏ ତ କେଉଁଠି କାମ ସରିଲେ ସୂଚନା ଲେଖିବା ଜନସାଧାରଣ ଅଭିଯୋଗ ହେବା ପରେ ସୂଚନା ଲେଖନ୍ତି ଠିକାଦାର। ଏହି ୨ଟି ବ୍ଲକର ପ୍ରତ୍ୟେକ ପଂଚାୟତ କାମକୁ ଭିଜିଲାନ୍ସ ତଦନ୍ତ ହେବା ଜରୁରୀ ବୋଲି ଜନ ସାଧାରଣରେ ଦାବୀ ହେଉଛି। ଏହା ସହ ଯନ୍ତ୍ରୀ ମାନଙ୍କ କାର୍ଯ୍ୟର ସଠିକ ତଦାରଖ କରିବାକୁ ସାଧାରଣ ରେ ଦାବୀ ହୋଇଛି।ନ ହେଲେ ଭବିଷ୍ୟତରେ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଯେ, ଦୁର୍ନୀତିର ଗନ୍ଧାଘର ପାଲଟିଯିବ ସେଥିପାଇଁ ଆଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ



**ଫୁଲବାଣୀ,୨୬।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ସରକାରୀ ବ୍ଲକ କଲୋନୀ ବିଦ୍ୟାଳୟ ପରିସରରେ ଫିରିଙ୍ଗିଆ ସାଧନ କେନ୍ଦ୍ର ସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦଯାପିତ ହୋଇଯାଇଛି ବ୍ଲକ ମୁଖ୍ୟାଳୟ ସାଧନ କର୍ମୀ ରାଜେଶ କୁମାର ନାଏକ ଙ୍କ ଅଧକ୍ଷତାର ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଗୋଷ୍ଠି ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସଞ୍ଜୟ ବେହେରା ଓ ଆଦିତ୍ୟ ସାହାଣୀ, ସାଧନ କର୍ମୀ ସୁଶାନ୍ତ ଦିଗାଲ, ଶୁଭସ୍ମିତା ପ୍ରଧାନ, ଅଜିତ ମଳିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ କାର୍ଯ୍ୟକ୍ରମ ରେ ଅଂଚଳର ବରିଷ୍ଠ ଶିକ୍ଷକ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷଣ ପ୍ରଶିକ୍ଷକ ସିମାଞ୍ଚଲ ମୁଖି ମୁଖ୍ୟ ତାଲିମ ଦାତା ଭାବରେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ କାର୍ଯ୍ୟକ୍ରମ ରେ ସାଧନ କେନ୍ଦ୍ର ଅଧୀନରେ ଥିବା ଆଠଗୋଟି ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରି ମାନେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ

## କାଳବୈଶାଖୀରେ ବାହେତି ବ୍ରଦର୍ସ ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ




**ଯାଜପୁର ରୋଡ଼, ୨୬।୩ (ସଂଚାର ବ୍ୟୁରୋ):** ବ୍ୟାସନଗର ସହରର ଗୋପବନ୍ଧୁ ଛକ ଠାରେ ଥିବା ବାହେତୀ ବ୍ରଦର୍ସ ବ୍ୟବସାୟ ପ୍ରତିଷ୍ଠାନରେ ଗତକାଲି ଅପରାହ୍ନରେ କାଳବୈଶାଖୀ ବର୍ଷା ପ୍ରଭାବରେ ପ୍ରଚୁର ପାଣି ଉକ୍ତ ଦୋକାନରେ ପଶି ଲକ୍ଷାଧିକ ଟଙ୍କାର କପଡା ଜିନିଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଦୀର୍ଘ ଦେଢ଼ ଘଂଟା ଧରି ଘଡଘଡି ସହବର୍ଷା ଓ ପବନ ହେବା ହେତୁ ପୁରା ବ୍ୟାସନଗର ସହରରେ ଅନେକ ସ୍ଥାନରେ ବର୍ଷା ଜଳ ଠୁଳ ହୋଇପଡ଼ିଥିଲା। ଗୋପବନ୍ଧୁ ଛକ ସ୍ଥିତ ମୁକ୍ତା ମାର୍କେଟ କମ୍ପ୍ଲେକ୍ସରେ ଥିବା ବାହେତି ବଦର୍ସ ସୋ'ରୁମରେ ଅତ୍ୟଧିକ ପାଣିପଶି ଅନେକ ଶାଢ଼ୀ, ଡ୍ରେସ, ପ୍ୟାଣ୍ଟ, ସାର୍ଟ, ସମେତ ଅନେକ କପଡା ଆଇଟମରେ ପାଣି ପଶିଯିବ ହେତୁ ପାଖାପାଖି ୧୩ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ବ୍ୟବସାୟ ପ୍ରତିଷ୍ଠାନର ସ୍ୱତାଧିକାରୀ ପ୍ରବେଶ ବାହେତି ସୂଚନା ଦେଇଥିଲେ। ଏଥି ସହିତ ଷ୍ଟୋରର ବୀମା କରିଥିବାରୁ ବୀମା କମ୍ପାନୀକୁ ନିଜର କ୍ଷତପୂରଣ ଦେବାପାଇଁ ନିବେଦନ କରିଥିଲେ।

## ହାତୀ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ



**ଢେଙ୍କାନାଳ, ୨୬।୩ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ସଦରବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପ୍ରସାଦ ଗ୍ରାମପଂଚାୟତର ବଡନଡବ ଗ୍ରାମବାସୀମାନେ ହାତୀ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଜଣାଇଛନ୍ତି। ବଡନଡବ ଗ୍ରାମ ୱାର୍ଡ ନଂ-୧ର ପ୍ରାୟ ୩୦୦ରୁ ଉକ୍ତ ଗ୍ରାମବାସୀ ହରିଜନ ସଂପ୍ରଦାୟ ଅଟନ୍ତି । ଏହି ଗ୍ରାମରେ ଦିନରେ ମଧ୍ୟ ହାତୀ ଚଳପ୍ରଚଳ କରୁଛି, ଯାହାକି ଲୋକମାନେ ଚଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ପଡୋଶୀ ଗ୍ରାମରେ ଦୁଇଜଣ ବ୍ୟକ୍ତିଙ୍କୁ ହାତି ଆକ୍ରମଣ କରି ଫୋପାଡି ଦେବାରୁ ସେମାନେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଦୃଷ୍ଟିରୁ ଉକ୍ତ ଗ୍ରାମର ଲୋକମାନେ ଭୟଭିତ ହୋଇ ଚଳୁଛନ୍ତି। ଯାହାକି ପିଲାମାନେ ଭୟରେ ସ୍କୁଲ୍, କଲେଜ୍ ଯାଇପାରୁ ନାହାଁନ୍ତି । ଗ୍ରାମ ପାଖରେ ଥିବା ହାଟ ବଜାରକୁ ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଯାଇପାରୁ ନାହଁନ୍ତି । ଗ୍ରାମ ପାଖରେ ଥିବା ସାପୁଆ ନଦୀକୁ ଗାଧୋଇବା ପାଇଁ ଯାଇ ପାରୁନାହଁନ୍ତି। ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଏଣୁ ଉକ୍ତ ବିଷୟକୁ ତଦନ୍ତ କରି ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ନିମନ୍ତେ ସୋଲାର୍ ଲାଇଟ୍ ଓ ପାନୀୟ ଜଳର ବ୍ୟବସ୍ଥା କଲେ ହାତୀ ଆକ୍ରମଣରୁ ରକ୍ଷା ପାଇପାରିବେ ବୋଲି ଗ୍ରାମବାସୀ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ତତ୍ ସହିତ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଜଣାଇଛନ୍ତି ।

## ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣ ବଣ୍ଟନ

**ସତ୍ୟବାଦୀ,୨୬।୩(ସଂଚାର ବ୍ୟୁରୋ):** ନୂତନ ନାମଲେଖା ପାଇଁ ରାଜ୍ୟର ସମସ୍ତ ପ୍ରଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷା ବର୍ଷ ୨୦୨୬-୨୭ ନିମିତ୍ତ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏପ୍ରିଲ୍ ମାସ ୨ ତାରିଖରୁ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବିଦ୍ୟାଳୟ ରେ ନାମ ଲେଖା ଓ ଖଡ଼ି ଛୁଆଁ ଉତ୍ସବ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପ୍ରଦତ୍ତ ନିମନ୍ତ୍ରଣ ପତ୍ର ସତ୍ୟବାଦୀ ବ୍ଲକ ର ବିଭିନ୍ନ ଗ୍ରାମ ରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ସି ଆର୍ ସି ସି,ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ମିଳିତ ପ୍ରଚେଷ୍ଟାରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଯୋଗଦେବା ପାଇଁ ପିତାମାତା ଓ ଅଭିଭାବକ ମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଚି। ସତ୍ୟବାଦୀର ବିଶ୍ୱନାଥପୁର କ୍ଲଷ୍ଟରର ବୀରଗୋବିନ୍ଦପୁର ନୋଡାଲ ଉ ପ୍ରା ବିଦ୍ୟାଳୟ ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ସି ଆର୍ ସି ସି ଅଜୟ କୁମାର ପ୍ରଧାନ, ଓ ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ମିଶ୍ର ପ୍ରମୁଖ ଅନ୍ତରପଛ ଗ୍ରାମ ରେ ପହଞ୍ଚି ନିମନ୍ତ୍ରଣ ପତ୍ର ଅଭିଭାବକ ମାନଙ୍କୁ ବଣ୍ଟନ କରି ନାମ ଲେଖା ନିମିତ୍ତ ସଚେତନତା ସୃଷ୍ଟି କରିଥିଲେ।

### ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଇଣ୍ଟର ସ୍କୁଲ କ୍ୱିଜ୍ ପ୍ରତିଯୋଗୀତା

## ଦର୍ଶନ ଏକାଡେମୀର ସ୍ୱରିତ ଉପାଧ୍ୟାୟ ଚମ୍ପିୟାନ



**ସୁନ୍ଦରଗଡ଼,୨୬।୩ (ସଂଚାର ବ୍ୟୁରୋ):** ସମଗ୍ର ବିଶ୍ୱରେ ବଢୁଥିବା ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ଜଙ୍ଗଲ କ୍ଷୟ ଓ ଜୈବ ବିବିଧତାର ହ୍ରାସ ଭଳି ପରିବେଶଗତ ସମସ୍ୟା ଆଜି ମାନବ ସମାଜ ପାଇଁ ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି। ପ୍ରାକୃତିକ ସମ୍ପଦର ସୁରକ୍ଷା ବିନା ସ୍ଥାୟୀ ଉନ୍ନତି ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ ସତର୍କ କରୁଥିବା ବେଳେ, ଏହି ଦିଗରେ ଛାତ୍ରଛାତ୍ରୀ ମାନଙ୍କୁ ଛୋଟବେଳୁ ସଚେତନ କରିବା ଅତ୍ୟାବଶ୍ୟକ ହୋଇ ପଡ଼ିଛି। ଏହି ପରିପ୍ରେକ୍ଷୀରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଦର୍ଶନ ଏକାଡେମୀ ସୁନ୍ଦରଗଡ ଠାରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷାକୁ କେନ୍ଦ୍ର କରି ଏକ ସଚେତନତା କାର୍ଯ୍ୟକ୍ରମ ସହ ଇଣ୍ଟର-ସ୍କୁଲ କ୍ୱିଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକର ୧୨ ଟି ସ୍କୁଲର ୪୫ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଦର୍ଶନ ଏକାଡେମୀର ଦଶମ ଶ୍ରେଣୀର ଛାତ୍ର ସ୍ୱରିତ ଉପାଧ୍ୟାୟ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଜୟୀ ହୋଇ ଥିଲେ। ଲିପ୍ସା ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିବେକ କିସପଟ୍ଟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ମାନପତ୍ର, ଟ୍ରଫି ତଥା ନଗଦ ଟଙ୍କା ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସଚେତନତା ସଭା ଓ ପୁରସ୍କାର ବିତରଣୀ ସମାରୋହରେ ଦର୍ଶନ ଏକାଡ଼େମୀର କାଜଲ ପଟେଲ ମଞ୍ଚ ପରିଚାଳାନା କରିଥିଲେ। ପ୍ରଥମେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବର୍ଷା ସାହୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ତଥ୍ୟ ଭିତ୍ତିକ ବଳିଷ୍ଠ ଉପସ୍ଥାପନା ରଖିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ବନଖଣ୍ଡରୁ ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ଯୋଗଦେଇ ବନ ଓ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ତଥା ପିଲାଟି ଦିନରୁ ଏ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ଭାବରେ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ଦର୍ଶନ ଏକାଡ଼େମୀ ର ଅଧ୍ୟକ୍ଷ ଡ.ପ୍ରଦୀପ ଆର.ଭି. ଯୋଗଦାନ କରି ଜଙ୍ଗଲ, ପରିବେଶ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ସଚେତନ ହେବାକୁ ଛାତ୍ର ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କ୍ୱିଜ୍ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ପ୍ରତି ଆଗ୍ରହ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ପ୍ରେରଣା ଯୋଗାଇବା ସହ ଏକ ନୂତନ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି।

## ଜିଲ୍ଲାସ୍ତରୀୟ ଆଶା, ଜନ ଆରୋଗ୍ୟ ସମିତି ସମ୍ମିଳନୀ



**ଯାଜପୁର, ୨୬।୩ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ପରିସରରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇଥିବା ବେଳେ ପରିବାର କଲ୍ୟାଣ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଗୋପାଳ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

ଗତ କିଛି ମାସ ମଧ୍ୟରେ ଜିଲ୍ଲାରେ ମାତୃ ମୃତ୍ୟୁ ହାର ନିୟନ୍ତ୍ରଣ କରିବାରେ ଆଶା କର୍ମୀଙ୍କ ବଡ଼ ଭୂମିକା ରହିଛି । ସେବା ଓ ନିଷ୍ଠାପର ମନୋଭାବ ନେଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଜିଲ୍ଲାପାଳ କର ପରାମର୍ଶ ଦେଇଥିଲେ। ଗୋଟିଏ ସୁସ୍ଥ ସମାଜ ଗଢ଼ିବାର କାମ ମେଡିକାଲ କଲେଜର ଚାରି କାନ୍ଥ ଭିତରେ ନୁହେଁ, ବରଂ ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ଆଶା ଓ ଏନଏଚଏମ୍ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ସମ୍ଭବ ହୋଇଥାଏ ବୋଲି ମେଡିକାଲ କଲେଜ୍ ଅଧ୍ୟକ୍ଷ ଶ୍ରୀ ସୀତାରାମ ମହାପାତ୍ର ସୂଚନା ଦେଇଥିଲେ । ଯାଜପୁର ଜିଲ୍ଲାରେ ବିଗତ ଦିନରେ ହଇଜା ଭଳି ମହାମାରୀ ସମୟରେ ଆଶା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର କହିଥିଲେ। ଏହି ସମ୍ମିଳନୀରେ ମେଡିକାଲ କଲେଜ ଅଧିକ୍ଷକ ଡାକ୍ତର ମନୋରମା ସ୍ୱାଇଁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ମଲ୍ଲିକ, ଡାକ୍ତର ରଶ୍ମିରଞ୍ଜନ ସାହୁ, ଡିପିଏମ୍ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରେଷ୍ଠ ଆଶା କର୍ମୀ, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି, ଜନ ଆରୋଗ୍ୟ ସମିତି ଏବଂ ତୃଣମୂଳ ସ୍ତରରେ ଉତ୍ତମ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପୁରସ୍କାର ଓ ଆର୍ଥିକ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨୭ରୁ ୯ମ ଯଶୁଆପୁର ମହୋତ୍ସବ



**ବାଲିଅନ୍ତା, ୨୬।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତର ଯଶୁଆପୁର ଗ୍ରାମରେ ଆସନ୍ତା ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଭବ୍ୟ '୯ମ ଯଶୁଆପୁର ମହୋତ୍ସବ'। ଏହି ପରିପ୍ରେକ୍ଷୀରେ ଆଜି ଆୟୋଜକ 'ଯଶୁଆପୁର ବିକାଶ ପରିଷଦ' ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦିଆଯାଇଛି। ପ୍ରତିଷ୍ଠାତା ସଦସ୍ୟ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଜୟକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ,ଦୀନବନ୍ଧୁ ଭୋଇ , ତପନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତି ଥିଲେ। ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଆଭିମୁଖ୍ୟ ଆଜିର ଏହି ସମ୍ମିଳନୀରେ ଯଶୁଆପୁର ବିକାଶ ପରିଷଦର କର୍ମକର୍ତ୍ତାମାନେ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।

ଅନୁଷ୍ଠାନର ମୁଖ୍ୟ ତଥା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ସୂଚନା ଦେଇଛନ୍ତି ଯେ, ଚଳିତ ବର୍ଷ ମହୋତ୍ସବକୁ ଅଧିକ ବ୍ୟାପକ ଓ ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗ୍ରାମୀଣ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ ଲୋପ ପାଇଯାଉଥିବା ପାରମ୍ପରିକ ନୃତ୍ୟର ସଂରକ୍ଷଣ ହିଁ ଏହି ମହୋତ୍ସବର ମୂଳ ଲକ୍ଷ୍ୟ। ଆସନ୍ତା ୨୭ ଓ ୨୮ ତାରିଖରେ ହେବାକୁ ଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣରୁ ନାମୀଦାମୀ କଳାକାର ଯୋଗ ଦେବେ। ସମ୍ବଲପୁରୀ, ଗୋଟିପୁଅ , ଡେମଚାଃ ଆଦିବାସୀ ସଂସ୍କୃତିର ଜୀବନ୍ତ ଛବିକୁ ମଧ୍ୟ ଦେଖିବାର ସୁଯୋଗ ପାଇବେ ଦର୍ଶକ ଏହା ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ନିଜ ଟିମ୍ ସହ ଦର୍ଶକଙ୍କ ମନ ମୋହିବେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନିଜ ସ୍ୱେଚ୍ଛାସେବୀଙ୍କ ପାଇଁ ଚଳିତବର୍ଷର ଜର୍ସି ଓ ପୋଷ୍ଟର ଉନ୍ମୋଚନ ହୋଇଥିଲା। ଏହି ସାଂସ୍କୃତିକ ମହାକୁମ୍ଭରେ ରାଜ୍ୟର ଅନେକ ବରିଷ୍ଠ ମନ୍ତ୍ରୀ, ପ୍ରଶାସକ ଓ ବୁଦ୍ଧିଜୀବୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## ଜଗନ୍ନାଥପୁର- ପାରାଚକରେ ମା'ବାସନ୍ତୀକ ଦୁର୍ଗା ପୂଜା



**କେନ୍ଦ୍ରାପଡ଼ା,୨୬।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର-ପାରାଚକ ଗ୍ରାମରେ ମା' ବାସନ୍ତୀକ ଦୁର୍ଗାଦେବୀଙ୍କ ୭୪ତମ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମା'ବାସନ୍ତୀକ ପାଇଁ ଦୁର୍ଗାଦେବୀଙ୍କ ଷଷ୍ଠାଧିକଲ୍ପାରମ୍ଭ, ବିଲ୍ୱାଧିବାସ ଓ ଦେବୀ ଆମନ୍ତ୍ରଣ କରାଯିବା ପରେ ବୁଧବାର ମହାସପ୍ତମୀ ପୂଜା, ଅଷ୍ଟୋର ଶତକଳସ ଯାତ୍ରା, ନବପତ୍ରିକା ପ୍ରବେଶ, ଘଟସ୍ଥାପନ, ସପ୍ତମୀ ବିହିତ ମହାସ୍ନାନ, ଦେବୀଙ୍କ ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ସପ୍ତମୀ ବିହିତ ପୂଜା ଓ ଚଣ୍ଡୀପାଠ କରାଯାଇଛି । ଗୁରୁବାର ମହାଷ୍ଟମୀ ଅବସରରେ ମା' ବାସନ୍ତୀକ ଦୁର୍ଗାଦେବୀଙ୍କ ପୀଠରେ ଷୋଡଶ ଉପାଚାରରେ ପୂଜାର୍ଚ୍ଚନା କରାଯିବା ସହ ସନ୍ଧିପୂଜା କରାଯାଇଛି । ଏଥିସହିତ ମହାଷ୍ଟମୀ ବିହିତ ପୂଜାରମ୍ଭ, ଚଣ୍ଡୀପାଠ, ସନ୍ଧୀବଳି ପ୍ରେକ୍ଷଣ ପରେ ଷ୍ଟୋରଶତ ଦୀପ ଉତ୍ସର୍ଗ କରାଯାଇଥିଲା । ପୂଜାରେ ମୁଖ୍ୟ କର୍ତ୍ତା ଭାବେ ବିଳାସ କୁମାର ସ୍ୱାଇଁ ଓ ମୁଖ୍ୟକର୍ତ୍ତୀ ଭାବରେ ଦୌପଦୀ କୁମାରୀ ସ୍ୱାଇଁ ଏବଂ ଉପକର୍ତ୍ତା ଭାବେ ଗୌରାଙ୍ଗ ମୁଦୁଲି ଓ ଉପକର୍ତ୍ତୀ ଭାବେ ସୌମିତ୍ରୀ ସାମଲ କାର୍ଯ୍ୟନିର୍ବାହ କରିଥିଲେ ।

## ମୂଳବସନ୍ତ ଉତରସାହିରେ ବାସନ୍ତୀ ଦୁର୍ଗାପୂଜା

**ମାହାଙ୍ଗା, ୨୬।୩ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଉତରସାହିରେ ବାସନ୍ତୀ ଦୁର୍ଗା ପୂଜା ଶିକ୍ଷାବିତ କୈଳାସ ଚନ୍ଦ୍ର ବଳବନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରି ଦିନ ବ୍ୟାପି ଅନୁଷ୍ଠିତ ହେଉଅଛି। ଏଥିରେ କର୍ତା ଭାବେ ଇଂ ଅରୁଣ ବଳବନ୍ତରାୟ ଓ କର୍ତୀ ଭାବେ ଶୈଳଜା ଜେନା ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପୂଜକ ନିରଞ୍ଜନ ଶତପଥି, ଭାଗ୍ୟଧର ଦେବ ଶର୍ମା ଓ କମଳାକାନ୍ତ କର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

ଏହି ଅବସରରେ ସୂର୍ଯ୍ୟ ପୂଜା, ଗୋପୂଜା, ଦେବୀଙ୍କ ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ଚଣ୍ଡୀ ହୋମ ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ କରାଯାଉଅଛି। ପ୍ରତ୍ୟହ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାବେଳେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ହରିହାଟର ବ୍ୟବସ୍ଥା କରାଯାଉଅଛି। ଉକ୍ତ କାର୍ଯ୍ୟକ୍ରମରେ ମା ଙ୍କ ଶରଣାଶ୍ରିତ ଶ୍ରଦ୍ଧାଳୁ, ବଳବନ୍ତରାୟ ପରିବାର ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ପାରାଦୀପ ବନ୍ଦର ପ୍ରାଧିକରଣରେ ଅନ୍ତର୍ଜାତୀୟ ନାରୀ ଦିବସ ପାଳିତ




**ପାରାଦୀପ,୨୬।୩ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ର ୱର୍କିଂ ଉଇମେନ୍ ସେଲ ପକ୍ଷରୁ ଅଫିସର୍ସ କ୍ଲବ୍ ଠାରେ ଆନ୍ତର୍ଜାତୀୟ ନାରୀ ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଥିମ୍ ଥିଲା "ଗିଭ୍ ଟୁ ଗେନ୍"। ଏହି ଅବସରରେ ପିପିଏ ଅଧ୍ୟକ୍ଷ ପି. ଏଲ୍. ହରନାଧ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାକୁ ସମ୍ବୋଧନ କରିଥିଲେ। ସେ କହିଥିଲେ ଯେ ଚାଲୁଥିବା ଆର୍ଥିକ ବର୍ଷରେ ବନ୍ଦର ୧୫୦ ଏମଏମଟିରୁ ଅଧିକ କାର୍ଗୋ ଥ୍ରୁପୁଟ୍ ଅତିକ୍ରମ କରିଛି ଏବଂ ଏହି ସଫଳତାରେ ମହିଳା କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସମାଜର ଉନ୍ନତି ପାଇଁ କନ୍ୟାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ ଏବଂ ମହିଳା ସମସ୍ୟାଗୁଡ଼ିକୁ ଉତ୍ତୋଳନ କରିବାରେ ୱର୍କିଂ ଉଇମେନ୍ ସେଲର ସକ୍ରିୟ ଭୂମିକାକୁ ପ୍ରଶଂସା କରିଥିଲେ। କର୍ମଚାରୀ କଲ୍ୟାଣ ବିଷୟରେ କଥାହେଉଥିବା ବେଳେ ସେ ମହିଳାଙ୍କ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକ ପାତ କରିଥିଲେ। ବିଶେଷ କରି କ୍ୟାନ୍ସର ସ୍କ୍ରିନିଂ କ୍ୟାମ୍ପରେ ଅଂଶଗ୍ରହଣ କରିବାକୁ ଓ ମୋବାଇଲ୍ ମେଡିକାଲ୍ ୟୁନିଟ୍ ସୁବିଧାର ଲାଭ ଉଠାଇବାକୁ ମହିଳା କର୍ମଚାରୀମାନଙ୍କୁ ସେ ପ୍ରୋତ୍ସାହିତ କରିଥିଲେ। ମହିଳା କର୍ମଚାରୀଙ୍କ ପାଇଁ ସୁବିଧାଜନକ କାର୍ଯ୍ୟ ପରିବେଶ ଓ ଭଲ କଲ୍ୟାଣକାରୀ ପଦକ୍ଷେପ ଜାରି ରଖିବା ପ୍ରତି ପିପିଏର ପ୍ରତିବଦ୍ଧତାକୁ ସେ ପୁନରୁଚ୍ଚାରଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତା ଭାବେ ଡା. ଅନୁପମା ବେହେରା, ଏସୋସିଏଟ୍ ପ୍ରୋଫେସର୍, ଜେନେରାଲ୍ ମେଡିସିନ୍, ଏଆଇଆଇଏମଏସ୍ ଭୁବନେଶ୍ୱର ମହିଳାଙ୍କ ସ୍ୱାସ୍ଥ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ସେହିପରି ଡା. ସୁମନ ଦାଶ ଭଟ୍ଟମିଶ୍ର, ନ୍ୟାସନାଲ୍ ଲ କଲେଜର ଶିକ୍ଷାବିଦ୍, ଲିଙ୍ଗ ସମ୍ବନ୍ଧୀୟ ଆଇନ ବିଷୟରେ ଅଭିଭାଷଣ ଦେଇଥିଲେ। ଉଭୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା।ପିପିଏ ସଚିବ କୃଷ୍ଣ ବାପି ରାଜୁ ଜି ଭାରତୀୟ ପରମ୍ପରାରେ ନାରୀଙ୍କ ପ୍ରତି ସମ୍ମାନର ସଂସ୍କୃତି ବିଷୟରେ କଥାହେବା ସହ ଦୈନନ୍ଦିନ ଜୀବନରେ ସମ୍ମାନ, ଯତ୍ନ ଓ ଦାୟିତ୍ୱବୋଧର ମୂଲ୍ୟବୋଧକୁ ଉଲ୍ଲେଖ କରିଥିଲେ।କାର୍ଯ୍ୟକ୍ରମରେ ପିପିଏର ବିଭିନ୍ନ ବିଭାଗର ମୁଖ୍ୟମାନେ, ବରିଷ୍ଠ ଅଧିକାରୀ, କର୍ମଚାରୀ, ୱର୍କିଂ ଉଇମେନ୍ ସେଲର ସଦସ୍ୟମାନେ ଏବଂ ପାରାଦୀପ ଲେଡିଜ୍ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

ୱର୍କିଂ ଉଇମେନ୍ ସେଲର ଅଧ୍ୟକ୍ଷା ଶ୍ରଦ୍ଧା ଓଝା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରଦ୍ଧାଞ୍ଜଳି ରାଉତରାୟ ପରିଚାଳନା କରିଥିଲେ ଏବଂ ଶେଷରେ ସିମାଶ୍ରୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।ଏହି ଅବସରରେ ପିପିଏର ବିକାଶରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଉଲ୍ଲେଖ କରାଯାଇଥିବା ସହ ଏକ ସମାନ୍ତାମୂଳକ ଓ ପ୍ରଗତିଶୀଳ କାର୍ଯ୍ୟ ପରିବେଶ ଗଢ଼ି ତୋଳିବା ପ୍ରତି ସଂସ୍ଥାର ପ୍ରତିବଦ୍ଧତା ପୁନରୁଚ୍ଚାରଣ କରାଯାଇଥିଲା।

## ଚାଟରାଚକଡ଼ା ମା' ବାସନ୍ତୀଙ୍କ ପୀଠରେ ମହାଷ୍ଟମୀ ପୂଜା



**ଡେରାବିଶ,୨୬।୩(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଧିନସ୍ଥ ଚାଟରାଚକଡାଠାରେ ଥିବା ମା' ବାସନ୍ତୀଙ୍କ ପୀଠରେ ବୁଧବାର ଥିଲା ମହାଷ୍ଟମୀ ପୂଜା। ଏହି ପୂଜାରେ ବଳି ପର୍ବ ପାଇଁ ସନ୍ଧ୍ୟାରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଚୈତ୍ରମାସ ଶୁକ୍ଳପକ୍ଷ ଷଷ୍ଠି ତିଥି ଅବସରରେ ମଙ୍ଗଳବାର ଠାରୁ ପୀଠରେ ମା' ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଡେରାବିଶ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ଏହି ପୀଠରେ ଆଜି ଅଷ୍ଟମୀ ତିଥି ଅବସରରେ ବ୍ଲକ ଅଧିନସ୍ଥ ଚାଟରାଚକଡା ସମେତ ୮ଗୋଟି ପଞ୍ଚାୟତର ପ୍ରତ୍ୟେକ ପରିବାରରେ ବ୍ରତଧାରୀମାନେ ଉପବାସ କରିଥିଲେ। ମା'ଙ୍କ ନିକଟରେ ଏହି ପଞ୍ଚାୟତ ଗୁଡିକର ଗ୍ରାମମାନଙ୍କରୁ ଆସିଥିବା ହଜାର ହଜାର ସଂଖ୍ୟାରେ ପଣାହାଣ୍ଡି ନୈବେଦ୍ୟ ହେବାପରେ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଏଥି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭଜନ ସଂଧ୍ୟା ଓ ଅପେରା ପ୍ରଦର୍ଶନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



# ପ୍ରଥମ ସପ୍ତାହରେ ୭୦୦ କୋଟିମୁହାଁ 'ଧୁରନ୍ଧର ୨'



ମୁମ୍ବାଇ: ଦେଶରେ ଏବେ 'ଧୁରନ୍ଧର ୨' ଝଡ଼ । ବକ୍ସ ଅଫିସରେ ଫିଲ୍ମରେ ଜଲୱା ଦେଖିବାକୁ ମିଳିଛି । ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ବର୍ଷର ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ "ଧୁରନ୍ଧର ୨: ଦି ରିଭେଞ୍ଜ" ବକ୍ସ ଅଫିସ ଇତିହାସରେ ଏକ ନୂଆ ଅଧ୍ୟାୟ ଲେଖିଛି । ପ୍ରଥମ ଦିନରୁ ଫିଲ୍ମର କଲେକ୍ସନ ବଢ଼ିବା ଆରମ୍ଭ କରିଥିଲା । ପେଡ୍ ପ୍ରିଭ୍ୟୁକୁ ଛାଡି ଦେଲେ, ଏହା ପ୍ରଥମ ବଲିଉଡ୍ ଫିଲ୍ମ ହୋଇଛି ଯାହା ପ୍ରଥମ ଦିନରେ ୧୦୦ କୋଟିରୁ ଅଧିକ ଆୟ କରିଛି । ଫିଲ୍ମ ରିଲିଜ୍ ହେବାର ୪ ଦିନ ବିତିଯାଇଛି ଏହା ବକ୍ସ ଅଫିସରେ ହଲଚଲ ସୃଷ୍ଟି କରିଛି । ଆସନ୍ତୁ ଜାଣିବା ଚତୁର୍ଥ ଦିନ, ରବିବାର ଫିଲ୍ମଟି କେତେ ରୋଜଗାର କରିଛି । 'ଧୁରନ୍ଧର ୨' ମାତ୍ର ତିନି ଦିନରେ ବିଶ୍ୱବ୍ୟାପୀ ୫୦୦ କୋଟି କ୍ରସ୍ କରିସାରିଛି । ଫିଲ୍ମଟି ଏବେ ବକ୍ସ ଅଫିସରେ ଏମିତି ସ୍ଥାନ ହାସଲ କରିଛି ଯାହା ପୂର୍ବ କୌଣସି ବ୍ଲକବଷ୍ଟର ଫିଲ୍ମ ହାସଲ କରିପାରି ନାହିଁ ଏବେ, ଫିଲ୍ମର ଚତୁର୍ଥ ଦିନର ଆୟ ବିଷୟରେ ଆଲୋଚନା କରିବା ।ସାକନିଲ୍କର ଏକ ରିପୋର୍ଟ ଅନୁଯାୟୀ, ଫିଲ୍ମ "ଧୁରନ୍ଧର ୨" ଶନିବାର ୧୧୩.୦୦ କୋଟି ରୋଜଗାର କରିଥିଲା । ଚତୁର୍ଥ ଦିନ, ରବିବାର ଏହାର କଲେକ୍ସନ ବଢ଼ିଥିଲା । ରବିବାର ଫିଲ୍ମଟି ୧୧୪.୮୫ କୋଟି ରୋଜଗାର କରିଛି । ଶନିବାର ୨୦,୯୧୭ଶୋ ହୋଇଥିବା ବେଳେ, ରବିବାର ଏହି ସଂଖ୍ୟା ବଢ଼ି ୨୧, ୧୫୩ରେ ପହଞ୍ଚିଛି। ଫିଲ୍ମଟି ଦେଶରେ ମୋଟ ୪୫୪.୧୨ କୋଟି ରୋଜଗାର କରିଛି । ୱାଲ୍ଡୱାଇଡ କଲେକସନ- ଫିଲ୍ମର ବିଶ୍ୱବ୍ୟାପୀ ପ୍ରାୟ ୧୪୯.୩୨ କୋଟି ରୋଜଗାର କରିଛି । ବିଶ୍ୱବ୍ୟାପୀ ସଂଖ୍ୟାକୁ ଦେଖିଲେ, ଫିଲ୍ମଟି ପ୍ରାୟ ମୋଟ ୬୯୧.୩୨ କୋଟି ଆୟ କରିଛି । ଏହାର ଅର୍ଥ ହେଉଛି ଏହା ୭୦୦କୋଟି ରୋଜଗାର କରିବାଠୁ ଆଉ କିଛି ବାଟ ଦୂରରେ ରହିଛି । ଚତୁର୍ଥ ଦିନ କଲେକ୍ସନରେ 'ବାହୁବଳୀ ୨'କୁ ପଛରେ ପକାଇ ଦେଇଛି। ରବିବାର "ବାହୁବଳୀ ୨" ୯୩.୦୦ କୋଟି ରୋଜଗାର କରିଥିବା ବେଳେ, "ଧୁରନ୍ଧର ୨" ୧୧୪.୮୫ କୋଟି ରୋଜଗାର କରି ଏହାକୁ ପଛରେ ପକାଇ ଦେଇଛି । 'ଗଦର ୨' ମୋଟ ରୋଜଗାର ପାର କରିଛି । 'ଧୁରନ୍ଧର ୨'ର ଷ୍ଟୋରୀ- 'ଧୁରନ୍ଧର ୨ 'ର କାହାଣୀ ବିଷୟରେ କହିବାକୁ ଗଲେ, ଏହା ଏକ ସ୍ପାଏ ଆକ୍ସନ୍ ଥ୍ରୀଲର୍ ଫିଲ୍ମ। କାହାଣୀଟି ଜସକିରତ ସିଂହ ରଙ୍ଗି (ରଣବୀର ସିଂହ)ଙ୍କ ଅତୀତରୁ ଆରମ୍ଭ ହୁଏ । ଫିଲ୍ମଟି ଜସକିରତଙ୍କ ହମଜା ଅଲି ମଜାରି ହେବାର କାହାଣୀ କୁହ । ଫିଲ୍ମଟି ୨୬/୧୧ ଆକ୍ରମଣର ପ୍ରତିଶୋଧ, ବିମୁଦ୍ରୀକରଣ ଏବଂ ପାକିସ୍ତାନୀ ରାଜନୀତିରେ ହସ୍ତକ୍ଷେପ ଭଳି ପ୍ରସଙ୍ଗଗୁଡ଼ିକୁ ଦେଖାଇଛି । ବର୍ତ୍ତମାନ, 'ହମଜା ଅଲି ମଜାରି' ଭାବରେ, ଜସକିରତ ପାକିସ୍ତାନର କରାଚୀରର ଅଣ୍ଡରୱାର୍ଲ୍ଡ ଏବଂ ଆତଙ୍କବାଦୀ ନେଟୱାର୍କରେ ଅନୁପ୍ରବେଶ କରେ ।

## ଦ୍ୱିତୀୟ ବିବାହ କଲେ ର୍ୟାପର୍ ବାଦଶାହ



ପୁଣିଥରେ ବିବାହ ବନ୍ଧନରେ ବାନ୍ଧି ହେଲେ ଜଣାଶୁଣା ଗାୟକ ତଥା ରାପର୍ ବାଦଶାହା । ବାଦଶାହା ପଞ୍ଜାବୀ ଅଭିନେତ୍ରୀ ତଥା ମଡେଲ ଇଶା ରିଖିଙ୍କୁ ବିବାହ କରିଛନ୍ତି। ଯାହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅନେକ ଦିନ ଧରି ବାଦଶାହଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଥିଲା, କିନ୍ତୁ କିଛି ନିଶ୍ଚିତ ହୋଇନଥିଲା। ଏହି ଦମ୍ପତି ଅତି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ବିବାହ କରିଛନ୍ତି। କହିବାକୁ ଗଲେ ଏହା ବାଦଶାହାଙ୍କ ଦ୍ୱିତୀୟ ବିବାହ। ସେ ପୂର୍ବରୁ ୨୦୧୨ ମସିହାରେ ଜାସ୍ମିନ୍ ମାସିହଙ୍କୁ ବିବାହ କରିଥିଲେ। କିନ୍ତୁ, ୨୦୨୦ ମସିହାରେ ଉଭୟଙ୍କ ସହମତିରେ ଛାଡପତ୍ର ହୋଇଥିଲା। ଏବେ, ସେମାନଙ୍କ ଛାଡପତ୍ରର ୬ ବର୍ଷ ପରେ, ବାଦଶାହା ଦ୍ୱିତୀୟ ଥର ବିବାହ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ବାଦଶାହା ତାଙ୍କ ବିବାହ ଖବରକୁ ନିଶ୍ଚିତ କରିନାହାଁନ୍ତି। ବାଦଶାହ ପଞ୍ଜାବୀ ଅଭିନେତ୍ରୀ ଏବଂ ମଡେଲ ଇଶା ରିଖିଙ୍କୁ ତାଙ୍କ ଜୀବନସାଥୀ ଭାବରେ ବାଛିଛନ୍ତି। ଏହି ଦମ୍ପତିଙ୍କ ବିବାହ ଉତ୍ସବ ଖୁବ୍ ସରଳ ଥିଲା, ଯେଉଁଥିରେ ସେମାନଙ୍କ ପରିବାର ଏବଂ ନିକଟତର ବନ୍ଧୁମାନେ ଯୋଗ ଦେଇଥିଲେ। ଗୋଟିଏ ଭିଡିଓରେ, ଦମ୍ପତି ଫୁଲମାଳ ଆଦାନପ୍ରଦାନ କରିଥିଲେ। ଅନ୍ୟ ଏକ ଭିଡିଓରେ, ସେମାନେ ବିବାହ ରୀତିନୀତି ପାଳନ କରୁଥିବାର ଦେଖାଯାଇଥିଲା। ଇଶା ରିଖିଙ୍କ ମାଆ ଏବଂ ଭଉଣୀ ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରିଛନ୍ତି। ବିବାହରେ ବାଦଶାହ କୁର୍ତ୍ତା ଓ ପାଇଜାମା ପିନ୍ଧି ଥିବା ବେଳେ ଇଶା ଏକ ଲାଲ ସୁଟ୍ରେ ନଜର ଆସିଛନ୍ତି। ଇଶା ରିଖି କିଏ ? ଇଶା ରିଖି ଜଣେ ପଞ୍ଜାବୀ ଅଭିନେତ୍ରୀ ଏବଂ ମଡେଲ। ସେ ସିପ୍ପି ଗିଲଙ୍କ ସହ ପଞ୍ଜାବୀ ଫିଲ୍ମ "ଜଟ୍ ବୟଜ୍ ପୁଟ୍ ଜଟ୍ଟାନ୍ ଦେ" ରେ ଡେବ୍ୟୁ କରିଥିଲେ। ସେ ପଞ୍ଜାବୀ ଅଭିନେତା ଅମରିନ୍ଦର ଗିଲଙ୍କ ଫିଲ୍ମ "ହାପି ଗୋ ଲକି" ରେ ମଧ୍ୟ ଅଭିନୟ କରିଥିଲେ। ଏହା ପରେ, ଇଶା ୨୦୧୪ ଏବଂ ୨୦୧୫ ରେ "ମେରେ ୟାର କମନେ" ଏବଂ "ହ୍ୱାଟ୍ ଦି ଜଟ୍" ଫିଲ୍ମରେ ନଜର ଆସିଥିଲେ।ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବାଦଶାହ ଏବଂ ଇଶା ରିଖି ବର୍ଷ ବର୍ଷ ଧରି ପରସ୍ପରକୁ ଡେଟ୍ କରୁଛନ୍ତି। ସେମାନଙ୍କ ଡେଟିଂର ଖବର ୨୦୨୨ ମସିହାରେ ପ୍ରସାରିତ ହୋଇଥିଲା। କୁହାଯାଏ ଯେ ସେମାନେ ଏକ ପାର୍ଟିରେ ସାକ୍ଷାତ କରିଥିଲେ। ତଥାପି, ସେମାନେ କେବେ ବି ଆନୁଷ୍ଠାନିକ ଭାବରେ ସେମାନଙ୍କର ସମ୍ପର୍କ ଘୋଷଣା କରି ନଥିଲେ ଏବଂ ଏବେ ହଠାତ୍ ବିବାହ ଫଟୋ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଅପରେସନ ସିନ୍ଦୂର ଉପରେ ହେବ ଫିଲ୍ମ





ଫିଲ୍ମ ନିର୍ମାତା ବିବେକ ଅଗ୍ନିହୋତ୍ରୀଙ୍କ ପରବର୍ତ୍ତୀ ଫିଲ୍ମ ବିଷୟରେ ବଡ ଖବର ସାମ୍ନାକୁ ଆସିଛି। ସେ ଅପରେସନ ସିନ୍ଦୂର ଉପରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଯାହା ପୂର୍ବରୁ ଘୋଷଣା କରାଯାଇଛି। ଏହି ଫିଲ୍ମଟି ଏପ୍ରିଲ ୨୦୨୫ ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଉପରେ ଆଧାରିତ ହେବ। ଏହି ଫିଲ୍ମଟି ଲେଫ୍ଟନାଣ୍ଟ ଜେନେରାଲ କେଜେଏସ ଟିନି ଢିଲୋନଙ୍କ ପୁସ୍ତକ 'ଅପରେସନ ସିନ୍ଦୂର: ଦି ଅନଟୋଲ୍ଡ ଷ୍ଟୋରୀ ଅଫ୍ ଇଣ୍ଡିଆଜ୍ ଡିପ୍ ଷ୍ଟ୍ରାଇକ୍ସ ଇନସାଇଡ୍ ପାକିସ୍ତାନ' ଦ୍ୱାରା ଅନୁପ୍ରାଣିତ ବୋଲି କୁହାଯାଉଛି। ବିବେକ ଅଗ୍ନିହୋତ୍ରୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଏବଂ ସେ କହିଛନ୍ତି, "ମୋର ପ୍ରୟାସ ହେବ କାହାଣୀକୁ ସମ୍ପୂର୍ଣ୍ଣ ସତ୍ୟ ସହିତ ବଡ଼ ପରଦାରେ ଉପସ୍ଥାପନ କରିବାକୁ।" ବିବେକ ଅଗ୍ନିହୋତ୍ରୀ ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି, "ଭୂଷଣ କୁମାର ଏବଂ ମୁଁ ଅପରେସନ ସିନ୍ଦୂର ପାଇଁ ଏକାଠି ହୋଇଛୁ । ଏହା ଏକ କାହାଣୀ ଯାହା ଉପମହାଦେଶରେ ସୁରକ୍ଷାର ପରିଭାଷା ବଦଳାଇ ଦେଇଛି ଏବଂ ପାକିସ୍ତାନର ପରମାଣୁ ମିଥ୍ୟାକୁ ପର୍ଦ୍ଦାଫାସ କରିଛି। ଏହି ଫିଲ୍ମଟି ଲେଫ୍ଟନାଣ୍ଟ ଜେନେରାଲ କେଜେଏସ ଟିନି ଢିଲୋନଙ୍କ ପୁସ୍ତକ ଦ୍ୱାରା ଅନୁପ୍ରାଣିତ।"ବିବେକ ଅଗ୍ନିହୋତ୍ରୀ ସେହି ପୋଷ୍ଟରେ ଆହୁରି କହିଛନ୍ତି - "ଏହି କାହାଣୀ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପରିସ୍ଥିତି ଉପରେ ଆଧାରିତ । ଏହାର ଉଦ୍ଦେଶ୍ୟ ଶବ୍ଦ ସୃଷ୍ଟି କରିବା ନୁହେଁ, ବରଂ ତଥ୍ୟ, ସ୍ପଷ୍ଟତା ଏବଂ ସିନେମାର ଯାଦୁ ସହିତ ସେହି ଶବ୍ଦର ମୁକାବିଲା କରିବା।" ପ୍ରକୃତରେ, ବିବେକଙ୍କ କମ୍ପାନୀ ଆଇ ଆମ୍ ବୁଦ୍ଧ ପ୍ରଡକ୍ସନ୍ସ ଭୂଷଣ କୁମାରଙ୍କ ଟି-ସିରିଜ୍ ସହିତ ମିଶି ଏହି ପ୍ରକଳ୍ପ ନିର୍ମାଣ କରୁଛି। ଏହି ଫିଲ୍ମରେ୬ ମଇରୁ ୧୦ ମଇ, ୨୦୨୫ ମଧ୍ୟରେ ଘଟିଥିବା ସମ୍ପୂର୍ଣ୍ଣ ଅପରେସନକୁ ସମ୍ପୂର୍ଣ୍ଣ ଭାବରେ ଚିତ୍ରଣ କରାଯିବ। ବିବେକ ଅଗ୍ନିହୋତ୍ରୀ ନିଜେ କହିଛନ୍ତି ଯେ ଏହି କାହାଣୀ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ସମୟର ଆବଶ୍ୟକତା ମଧ୍ୟ।

## ବିପ୍ଳବୀ ଭୂମିକାରେ ଭୁବନ

ଭୁବନ ବାମ ମୁଖ୍ୟତଃ ଜଣେ ହାସ୍ୟ ଅଭିନେତା ଭାବେ ସୁପରିଚିତ, କିନ୍ତୁ ସେ ବହୁ ପ୍ରତିଭାର ଅଧିକାରୀ। ଏକାଧାରରେ ସେ ଜଣେ ଲେଖକ, ଗାୟକ, ଗୀତିକାର ଓ ଅଭିନେତା। 'ବିବି କୀ ଭାଇନ୍‌ସ' ନାମକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଜାଳିଆ ଭିଡିଓ ପ୍ରସ୍ତୁତ କରି ପ୍ରଥମେ ଲୋକଲୋଚନକୁ ଆସିଥିବା ଭୁବନ ଏବେ ନିଜକୁ ଜଣେ ସିରିୟସ୍ ଅଭିନେତା ଭାବେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରୁଛନ୍ତି। ଏହାର ସଙ୍କେତ ସ୍ୱରୂପ ସେ ଗୋଟିଏ ଦିନରେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଏବଂ ଅନ୍ୟ ଏକ ଐତିହାସିକ ୱେବ୍ ସିରିଜ୍ ସମ୍ପର୍କରେ ଘୋଷଣା କରିଛନ୍ତି। 'ଦି ରିଭଲ୍ୟୁସନାରିଜ୍' ନାମକ ୱେବ୍ ସିରିଜରେ ସେ ଭାରତୀୟ ଇତିହାସର ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାସବିହାରୀ ବୋଷ ଭୂମିକାରେ ଦେଖା ଦେବେ। ଦେଶପ୍ରେମ ଦ୍ୱାରା ଉଦ୍‌ବୁଦ୍ଧ ଏକ ବିପ୍ଳବୀ ଚରିତ୍ରରେ ସେ ପ୍ରଥମ ଥର ପାଇଁ ଅଭିନୟ କରୁଛନ୍ତି। ୧୯୧୨ ମସିହାରେ ବ୍ରିଟିସ୍ ଶାସନ ବିରୋଧରେ ହୋଇଥିବା ସଂଘର୍ଷ ଏହି ଧାରାବାହିକର କେନ୍ଦ୍ରରେ ରହିଛି। ଯୁବାବସ୍ଥାରେ ଥିବା ଚାରି ଜଣ କିପରି ନ୍ୟାୟ ଓ ସ୍ୱାଧୀନତା ପାଇଁ ବ୍ରିଟିସ୍ ଶାସନ ବିରୋଧରେ ଅସ୍ତ୍ର ଉଠାଇ ଲଢ଼ିବାକୁ ବାହାରି ପଡ଼ିଥିଲେ ତାହା ଏଥିରେ ଦେଖିବାକୁ ମିଳିବ। ଭୁବନଙ୍କ ବ୍ୟତୀତ ପ୍ରତିଭା ରାଣ୍ଟା, ରୋହିତ ସରାଫ ଓ ଗୁରଫତେହ ପୀରଜାଦା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହାର ସୁଟିଂ ସରିଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ସ କାମ ଚାଲିଛି। ସେହିପରି ଭୁବନଙ୍କ ବଡ଼ ପରଦାରେ ଅଭିନୟ କରିବାର ସ୍ୱପ୍ନ ମଧ୍ୟ 'କୁକୁ କୀ କୁଣ୍ଡଲୀ' ଚଳଚ୍ଚିତ୍ର ମାଧ୍ୟମରେ ସାକାର ହେବାକୁ ଯାଉଛି। ଏଥିରେ ସେ ଅଭିନେତ୍ରୀ ବାମିକା ଗବ୍ବୀଙ୍କ ସହିତ ଅଭିନୟ କରିଛନ୍ତି। କରଣ ଜୋହରଙ୍କ 'ଧର୍ମ ପ୍ରଡକ୍ସନ୍ସ' ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଥିବାରୁ ଭୁବନଙ୍କ ଅଭିନୟ କ୍ୟାରିଅର୍‌କୁ ବଳ ମିଳିବ ନିଶ୍ଚୟ।









# ମା'ବନ୍ଧନାୟିକାଣିଙ୍କ ପୀଠବାର୍ଷିକ ଉତ୍ସବ ଅନୁଷ୍ଠିତ



**ନୀଳଗିରି,୨୬ା୩(ସଂଚାର ବ୍ୟୁରୋ)ଃ** ନୀଳଗିରି ବ୍ଲକ୍ ଜଡିଦାପଞ୍ଚାୟତ ଯୋକନଣ୍ଡା ଗ୍ରାମର ଆରାଧ୍ୟଦେବୀ ମା' ବନ୍ଧନାୟିକାଣିଙ୍କ ବାର୍ଷିକଉତ୍ସବ ଗୁରୁବାର ମହାଧୁମଧାମରେ ପାଳିତ ହୋଇଯାଇଛି। ସକାଳେ ପୂଜାରୀ ମାୟାଧର ଦନାକଙ୍କ ଦ୍ୱାରା ମା'ଙ୍କର ମାର୍ଜନାକରାଯିବା ପରେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମରେ ଘଣ୍ଟଘଣ୍ଟା, ଢୋଲମହୁରୀ ଏବଂ ସଙ୍କୀର୍ତ୍ତନ ମାଧ୍ୟମରେ ନିକଟସ୍ଥ ପୋଖରୀରୁ ଘଟୋଉତ୍ତୋଳନ କରାଯାଇଥିଲା।କାର୍ତ୍ତିକ କର ପୂଜକଭାବେ ମା'ଙ୍କ ପୂଜା ସମ୍ପାଦନ କରିଥିବାବେଳେ ଗଙ୍ଗାଧର ପ୍ରଧାନ ଏବଂ ତାଙ୍କ ସହଧର୍ମିଣୀ ବାସନ୍ତୀ ପ୍ରଧାନ କର୍ତ୍ତାକର୍ତ୍ତୀ ଭାବେ ମା'ଙ୍କ ଠାରେ ସମର୍ପିତ ହୋଇ ସେବାପୂଜାରେ ଉପବେଶନ ହୋଇଥିଲେ। ପରେ ସମସ୍ତ ନୀତିକାନ୍ତି ସହକାରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ପ୍ରତିବର୍ଷ ଭଲବର୍ଷା ନେଇ ଗ୍ରାମଦେବୀଙ୍କ ପୀଠରେ ଏଭଳି ପର୍ବପାଳନ କରାଯାଉଥିବା ବହୁ ପୁରୁଖା ଗ୍ରାମବାସୀ କହିଛନ୍ତି। ତେବେ ଏହି ଉପଲକ୍ଷେ ମଧ୍ୟାହ୍ନରେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ଉପସ୍ଥିତହୋଇ ପ୍ରସାଦସେବନ କରୁଥିବା ଦେଖିବାକୁ ମିଳିଥିଲା। ଏହି ଭବ୍ୟ ଆୟୋଜନକୁ ଗ୍ରାମବାସୀଙ୍କ ପୂର୍ଣ୍ଣସହଯୋଗରେ ଆୟୋଜିତ କରାଯାଇଥିବା ବେଳେ ସୁରେନ୍ଦ୍ର ଭୋଳ, ରାଜକୁମାର ଭୋଳ, ଲକ୍ଷ୍ମୀଧର ପ୍ରଧାନ, ହିମାଂଶୁ ଜେନା, ଲକ୍ଷ୍ମୀଧର ଜେନା, ଶ୍ରୀକାନ୍ତ ଭୂୟାଁ, ନରେନ୍ଦ୍ର ଭୂୟାଁ, ଗୟାଧର ଭୂୟାଁ, ନିରଞ୍ଜନ ପୃଷ୍ଟି, ମକରନ୍ଦ ବେହେରା, ରମାକାନ୍ତ ପୃଷ୍ଟି, ବାବୁଲା ନାୟକ ପ୍ରମୁଖ ସହଯୋଗ କରିଥିବା ଦେଖାଯାଇଥିଲା।

**ସରକାରୀ ସହାୟତା ଅପେକ୍ଷାରେ ବାଗ ପରିବାର**

# କେବେ ଗୁହାରି ଶୁଣିବେ ସରକାର ?



**ସୁନ୍ଦରଗଡ଼,୨୬ା୩ (ସଂଚାର ବ୍ୟୁରୋ)ଃ** ଗରିବଙ୍କୁ ଘର ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ମାଳ ମାଳ ଯୋଜନା ପ୍ରଣୟନ କରାଯାଉଛି । କିନ୍ତୁ ଆଜି ବି ଅନେକ ଯୋଗ୍ୟ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ। ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଆମ୍ବଗୋଭା ଗ୍ରାମରୁ ସାମ୍ନାକୁ ଆସିଛି ଏଭଳି ଏକ ହୃଦୟବିଦାରକ ଚିତ୍ର। ଗୋଟିଏ କୁଡ଼ିଆ ଘରେ ୬ ଜଣ ପ୍ରାଣୀ ବିତାଉଛନ୍ତି ସଂଘର୍ଷମୟ ଜୀବନ । ବର୍ଷାରେ ଛାତରୁ ପାଣି ଗଳୁଛି ତ ଶୀତ କାକରରେ ପୁରୁଣା ଶାଢ଼ି ସାହାରା ହେଉଛି । ଦୁଇ ବର୍ଷ ହେବ କେବଳ ପ୍ରତିଶ୍ରୁତି ମିଳୁଛି, ହେଲେ ଏହା ପୂରଣ ହେଉନି । ସୁନ୍ଦରଗଡ଼ କୁତ୍ରା ବ୍ଲକ ଆମ୍ବଗୋଭା ଗ୍ରାମର ବିଜୟ ବାଗଙ୍କ ପରିବାର । ଏହି ଭଙ୍ଗା ମାଟି ଘର ହିଁ ସେମାନଙ୍କ ଦୁନିଆ । ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ । ଯେଉଁ ଛୋଟ ମାଟି ଘରଟି ଅଛି, ତା' ଉପରେ ଅସ୍ଥାୟୀ ଭାବେ ଆଜବେଷ୍ଟସ ପଡ଼ିଛି । ବର୍ଷା ହେଲେ ଘର ଭିତରେ ପାଣିର ସୁଅ ଛୁଟୁଛି । ମାଟି କାନ୍ଥକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଚାରିପଟେ ପୁରୁଣା ଶାଢ଼ି ଘୋଡ଼େଇ ଦିଆଯାଇଛି । ଏହି ଗୋଟିଏ ବଖରା ଘରେ ହିଁ ରୋଷେଇ, ଖାଇବା ଆଉ ଶୋଇବା ସବୁ କରିବାକୁ ପଡୁଛି । ଆମର ରହିବାକୁ ବହୁତ କଷ୍ଟ ହେଉଛି । ପରିବାର ଲୋକଙ୍କ କହିବା କଥା, ବର୍ଷା ହେଲେ ପିଲାଙ୍କୁ ଧରି କେଉଁଠି ଶୋଇବୁ ଆମେ ଜାଣିପାରୁନୁ । ନେତାମାନେ ଆସି ଖାଲି କହିକି ଯାଉଛନ୍ତି ହେଲେ କେହି କିଛି ବି କରୁନାହାନ୍ତି । ପରିବାର କହିଲେ ବିଜୟ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଏବଂ ୪ ପିଲା । ବିଜୟ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ଲକ୍ଷ୍ମୀ ଜଙ୍ଗଲରୁ କାଠ ଓ ମହୁଲ ସଂଗ୍ରହ କରି ପରିବାର ପ୍ରତିପୋଷଣରେ ସାହାଯ୍ୟ କରିଥାନ୍ତି । ଏହି ଅଳ୍ପ ରୋଜଗାରରେ ୬ ଜଣଙ୍କ ପେଟ ପୁରାଇବା ସମ୍ଭବ ନୁହେଁ । ଅଭାବ ଅନାଟନ କାରଣରୁ ବଡ଼ ଝିଅ ସୁନିତା ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିବା ବେଳେ ପୁଅ ସୁଜିତ ଏକ ଦୋକାନରେ କାମ କରୁଛି । ଅନ୍ୟ ଦୁଇ ପୁଅ ରାଜ ଓ ରାଜୁ ସ୍କୁଲରେ ପଢୁଥିଲେ ବି ଘରର ଅବସ୍ଥା ସେମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

● ଅଷ୍ଟମ ଦିବସରେ ମାତଙ୍ଗୀ ବେଶରେ ମା' ସୁରେଶ୍ୱରୀ

## ତାନ୍ତ୍ରିକ ଶକ୍ତି ଓ ଜ୍ଞାନର ଅଦ୍ଭୁତ ପ୍ରତୀକ



**ସୁବର୍ଣ୍ଣପୁର,୨୬ା୩ (ସଂଚାର ବ୍ୟୁରୋ)ଃ** ଚୈତ୍ର ନବରାତ୍ରର ଅଷ୍ଟମ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ ମାତଙ୍ଗୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ବିଶେଷ ବେଶ ଭକ୍ତମାନଙ୍କ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହ ଆଧ୍ୟାତ୍ମିକ ଚେତନାକୁ ଉଦ୍ବୁଦ୍ଧ କରୁଛି। ମାତଙ୍ଗୀ ଦେବୀ ଦଶମହାବିଦ୍ୟାମାନଙ୍କ ମଧ୍ୟରୁ ଗୋଟିଏ ଶକ୍ତିସ୍ୱରୂପା ଭାବେ ପରିଚିତ, ଯିଏ ଜ୍ଞାନ, କଳା ଓ ତାନ୍ତ୍ରିକ ଶକ୍ତିର ପ୍ରତୀକ। ପୌରାଣିକ କଥାନୁସାରେ, ଦେବୀ ମାତଙ୍ଗୀ ମା' ପାର୍ବତୀଙ୍କ ଏକ ଅଲୌକିକ ରୂପ। ଭଗବାନ ଶିବ ଓ ପାର୍ବତୀଙ୍କ ଦିବ୍ୟ ସଂଭାଷଣରୁ ଉତ୍ପନ୍ନ ଶବ୍ଦ ଓ ସଙ୍ଗୀତରୁ ତାଙ୍କ ଅବତାର ଘଟିଥିବା କୁହାଯାଏ। ମାତଙ୍ଗୀ ବେଶର ଉପାସନା ଦ୍ୱାରା ଭକ୍ତମାନେ ବାକଶକ୍ତି, ସୃଜନଶୀଳତା ଓ ଆନ୍ତରିକ ଜ୍ଞାନର ଆଶୀର୍ବାଦ ପାଇଥାନ୍ତି। ଏହି ପବିତ୍ର ଦର୍ଶନ ଭକ୍ତମାନଙ୍କ ମନରେ ଶାନ୍ତି ଓ ଶକ୍ତିର ସଂଚାର କରିବା ସହ ସମସ୍ତ ବାଧା ବିଘ୍ନକୁ ଦୂର କରେ ବୋଲି ଶ୍ରଦ୍ଧାଳୁମାନଙ୍କ ଆସ୍ଥା ରହିଛି।

## ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକୋତ୍ସବ 'ଆରୋହଣ' ପାଳିତ

**ଲାଞ୍ଜିଗଡ଼,୨୬ା୩(ସଂଚାର ବ୍ୟୁରୋ)ଃ** ଲାଞ୍ଜିଗଡ଼ସ୍ଥିତ ଡ଼ିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ୧୫ତମ ବାର୍ଷିକୋତ୍ସବ 'ଆରୋହଣ' ବୁଧବାର ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ମାନବୀନ କୌରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ବେଦାନ୍ତ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବେଦାନ୍ତ ଲିମିଟେଡ଼ ସିଏଫଓ ପିୟୁଷ ଲୁନାବତ ଯୋଗଦେଇଥିଲେ। ସର୍ବପ୍ରଥମେ ମୁଖ୍ୟ ଅତିଥି ଦୀପ ପ୍ରଜ୍ଜ୍ୱଳନ କରି ବାର୍ଷିକୋତ୍ସବର ଶୁଭାରମ୍ଭ କରିଥିଲେ।ଅଧ୍ୟକ୍ଷା ଡକ୍ଟର ମାନବୀନ



କୌର ସ୍ୱାଗତ ଅଭିଭାଷଣ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ତା ସହ କଠିନ ପରିଶ୍ରମ ଓ ଦୁର୍ବାର ଇଚ୍ଛାଶକ୍ତି ହିଁ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତିର ମୂଳ କାରଣ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ମହୋତ୍ସବରେ ମୁଖ୍ୟ ଅତିଥି ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ସହ ଚାରିତ୍ରିକ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ।ସେହିପରି ସମ୍ମାନିତ ଅତିଥି ପିୟୁଷ ଲୁନାବଟ କୃତୀ ଛାତ୍ରୀଛାତ୍ରୀ ମାନଙ୍କର ଉଚ୍ଚ ପ୍ରଶଂସା କରିବା ସହ ଭବିଷ୍ୟତ ମଙ୍ଗଳ କାମନା କରିଥିଲେ।ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ନୂପୁର ଚିଟୁଆଁ, ସୁଶ୍ରୀ ସୌମ୍ୟା, ଲୁସେନ ବାଗ, ଲକ୍ଷିତ ବୈଷ୍ଣବ, ଆଦିତ୍ୟ ଅଗ୍ରୱାଲ, ଅପର୍ଣ୍ଣା ପାତ୍ର, ଆରାଧ୍ୟା ଗୁରୁ ଓ ସାଂଭି ପଣ୍ଡା ପରିଚାଳନା କରିଥିଲେ।

## ପିତଳରେ ଧାନ ମଣ୍ଡି ସୁରୁଖୁରୁରେ ଶେଷ

**ଗଞ୍ଜାମ,୨୬ା୩ (ସଂଚାର ବ୍ୟୁରୋ)ଃ** ଶେରଗଡ଼ ବ୍ଲକ ପିତଳ ସ୍ୱୋ ସମ୍ବାୟ ସମିତି ଦ୍ୱାରା ପରିଚାଳିତ ଧାନ ମଣ୍ଡି ସୁରୁଖୁରୁରେ ସମାପ୍ତ ହୋଇଛି। ଚଳିତ ବର୍ଷ ୪୪୮ପଞ୍ଜିକୃତ ଚାଷୀଙ୍କ ପ୍ରାୟ ୨୬ ହଜାର କ୍ୱିଂଟାଲ ୭୨୮ କେଜି ଧାନ ମଣ୍ଡି ମାଧ୍ୟମରେ ସରକାରଙ୍କୁ ବିକ୍ରି କରିଛନ୍ତି। ଆହୁରି ୨୫ ଜଣ ଚାଷୀ ଟୋକନ ନପାଇ ମଣ୍ଡିକୁ ଧାନ ଦେଇ ପାରିନାହାନ୍ତି। ତେବେ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଆଲୋକ ମୀନାକ୍ଷୀ ଓ ପିଅନ ଅମରଙ୍କ ମଣ୍ଡି ସୁପରିଚାଳନାରେ ରେକର୍ଡ ସଂଖ୍ୟକ ଧାନ ମଣ୍ଡିକୁ ଯାଇଥିବାରୁ ଚାଷୀମାନେ ଖୁସି ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

**ମାଲକାନଗିରି,୨୬ା୩ (ସଂଚାର ବ୍ୟୁରୋ)ଃ** ଆସନ୍ତା ଏପ୍ରିଲ ୧ ତାରିଖରେ ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ'କୁ ମହାସମାରୋହରେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ଦିବସ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ଉକ୍ତ ଦିନ ଏକ ପ୍ରଭାତଫେରି ଆୟୋଜନ କରାଯିବ। ଏହି ଦିବସରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ସେହିପରି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବା ପାଇଁ ସ୍ଥିର ହୋଇଛି। ଏଥି ସହିତ ଏକ ସାଧାରଣ ସଭା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ସଭାରେ ପୁରସ୍କୃତ କରାଯିବ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରିବାକୁ ବୈଠକରେ ସୂଚନା ଦିଆଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ବୈଠକର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



**ବୈଶିଙ୍ଗା,୨୬ା୩ (ସଂଚାର ବ୍ୟୁରୋ)ଃ** ରଘୁପୁର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପୁର ସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ ଏବଂ ଆର୍ଥିକ ସାକ୍ଷରତା କେନ୍ଦ୍ର, ବେତନଟୀ ସହଯୋଗ ରେ ଛାତ୍ରଛାତ୍ରୀ ଓ ଶିକ୍ଷକ - ଶିକ୍ଷୟିତ୍ରୀ ମଧ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ କାରବାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ ବ୍ୟାଙ୍କିଙ୍ଗ ସୁବିଧା, ଆର୍ଥିକ ନେଣଦେଣ ଉପାୟ ସାଙ୍ଗକୁ ନୂଆ ନୂଆ ଉପାୟରେ ହେଉଥିବା ଆର୍ଥିକ ଠକେଇ ରୁ ବଂଚିବା ପାଇଁ ଏହି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ ଅଫ ଇଣ୍ଡିଆ, ବାରିପଦା ଜୋନାଲ ଅଫିସ ର ଅବସରପ୍ରାପ୍ତ ଅଧିକାରୀ ସତ୍ୟରଞ୍ଜନ ଦାସ, ଆର୍ଥିକ ସାକ୍ଷରତା କେନ୍ଦ୍ର, ବେତନଟୀ ର ସଂଯୋଜକ କୁନା ମୁଣ୍ଡା ଏବଂ ସହଯୋଗୀ ଅନୁପମା ନାଥ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

**ଗୋଚର ଜମିରେ ହଷ୍ଟେଲ ଗୃହ ନିର୍ମାଣ ଅଭିଯୋଗ**

# ଜିଲ୍ଲାପାଳଙ୍କ ଦ୍ୱାରା ତଦନ୍ତ ଦାବି



**ଧାମନଗର,୨୬ା୩(ସଂଚାର ବ୍ୟୁରୋ)ଃ** ଧାମନଗର ବ୍ଲକ ଅନ୍ତର୍ଗତ ଏବଂ ତହସିଲ୍ ଅଧୀନ ଥିବା ଦେହୁଡି ଆନନ୍ଦପୁର ପଞ୍ଚାୟତର କାଶିଆ ଛକ ନିକଟରେ ସରକାରୀ ଗୋଚର ଜମି ଉପରେ ସ୍ଥାପିତ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ହଷ୍ଟେଲ ଗୃହ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀମାନେ ସରକାରୀ ଜମି ଉପରେ ଅନଧିକୃତ ନିର୍ମାଣ ହେଉଥିବା ଅଭିଯୋଗ କରିଥିବା ବେଳେ ଘଟଣାର ଜିଲ୍ଲାପାଳଙ୍କ ଦ୍ୱାରା ତଦନ୍ତ ଦାବି କରିଛନ୍ତି। ସୂଚନା ଅନୁସାରେ ଖାତା ନମ୍ବର ୫୯୯ ଓ ପ୍ଲଟ୍ ନମ୍ବର ୧୦୪୮ ରେ ଥିବା ଜମି ସରକାରଙ୍କ ନାମରେ ରେକର୍ଡ ହୋଇଥିବା ସହିତ ଏହା ଗୋଚର ବର୍ଗରେ ରହିଛି। ମୋଟ ୦.୯୭୧୦ ହେକ୍ଟର (୨.୪୦ ଏକର) ଅଞ୍ଚଳ ଥିବା ଏହି ଜମି ନିୟମ ଅନୁଯାୟୀ ପଶୁ ଚରାଇବା ପାଇଁ ସଂରକ୍ଷିତ ରହିଥାଏ ଏବଂ ସରକାରୀ ଅନୁମତି ବିନା ଅନ୍ୟ କୌଣସି କାମରେ ବ୍ୟବହାର କରିବା ନିଷିଦ୍ଧ। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ଉକ୍ତ ଗୋଚର ଜମି ଉପରେ ବେସରକାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ହଷ୍ଟେଲ ଘର ନିର୍ମାଣ କାମ ଚାଲିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଗୋଚର ଜମି ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର ହୋଇଥିବାରୁ ଏହାର ଅନଧିକୃତ ଦଖଲ ହେଲେ ପଶୁପାଳନ ଓ ଚାଷୀମାନଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ।

# ଡିଜିଟାଲ ଜନଗଣନା ପାଇଁ ତାଲିମ ଶିବିର



**ସୁବର୍ଣ୍ଣପୁର,୨୬ା୩ (ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ, ସୋନପୁର ଠାରେ ତହସିଲ ଅଫିସ, ସୋନପୁର ତରଫରୁ ଭାରତ ପ୍ରଥମ ଡିଜିଟାଲ ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟ (ଗୃହ ତଲି ଓ ଗୃହ ଗଣନା) ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଚଳିତ ମାସ ମାର୍ଚ୍ଚ ୨୪ରୁ ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ତାଲିମ ଶିବିର ପ୍ରଥମ ଦିନରେ ଅତିଥି ଭାବେ ଅଞ୍ଜଳିନା ପ୍ରଧାନ ଅତିରିକ୍ତ ଜିଲ୍ଲାପାଳ ତଥା ଜନଗଣନା ଅଧିକାରୀଙ୍କ ଦ୍ୱାରା ଶୁଭ ଉଦଘାଟନ ହୋଇଥିଲା। ଡ଼.ସୌମ୍ୟରୂପା ରଥ, ଉପଜିଲ୍ଲାପାଳ ତଥା ମାଷ୍ଟର ଟ୍ରେନର ୧୦୦ଜଣ ଏନୁମରେଟରଙ୍କୁ ଦିଗଦର୍ଶନ ଦେଇ ତାଲିମ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଫିଲ୍ଡ ଟ୍ରେନର ନନ୍ଦକିଶୋର ରାଉତ, ଡିପିସିଓ ସୌରଭ ଦାନୀ, ଡବ୍ଲୁଓ, ମଦନ ସୁନ୍ଦର କ୍ଷେତି, ଓଡ଼ିଆ ଅଧ୍ୟାପକ ଡଃ.ରାଜେନ୍ଦ୍ର ରଣା, ଇଂରାଜୀ ଅଧ୍ୟାପକ ତିନି ଦିନିଆ ଶିବିରରେ ଏନୁମରେଟର ମାନଙ୍କୁ ଜନଗଣନାରେ କିପରି ଗୃହ ତାଲିକା ଓ ଗୃହ ଗଣନା କରାଯିବ ତାହାର ଧାରଣା ଜାଗ୍ରତ କରିବା ସହ ମୋବାଇଲ ଆପ ଏବଂ ରୋଲ୍ ପ୍ଲେ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ରାଜ୍ୟ ଜନଗଣନା ସହକାରୀ ଶିବମ୍ ଜୟସ୍ୱାଲ ପ୍ରତିଯୋଗୀ ମାନଙ୍କୁ ଏଚ୍ଏଲ୍ଓ ଆପ ବିଷୟରେ ବୁଝାଇଥିଲେ ଅନ୍ତିମ ଦିନରେ ପ୍ରତୀକ କର, ବିଡ଼ିଓ, ସୋନପୁର ଜନଗଣନାର ଆବଶ୍ୟକତା ବଖାଣିବା ପରେ ଶିବିରଟି ଉଦଯାପିତ ହୋଇଯାଇଛି। ଜି. ରଶ୍ମିରେଖା ତହସିଲଦାର ତଥା ଚାର୍ଜ ସେନସସ୍ ଅଫିସର, ଯୋଗେଶ୍ୱର ଧାରୁଆ, ଅତିରିକ୍ତ ତହସିଲଦାର ତଥା ତହସିଲ ର ବିଭାଗୀୟ ଅଧିକାରୀ, ନିଶିକାନ୍ତ ଦୋରା, ସେନସସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ସହାୟକ, ବିଶ୍ୱଭୂଷଣ ମହାପାତ୍ର, ଟେକ୍ନିକାଲ ଆସିଷ୍ଟାଣ୍ଟ, କୃଷ୍ଣଚନ୍ଦ୍ର ବେହେରା ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଅଂଶୁଘାତ ପାଇଁ ସଚେତନତା



**ବୈଶିଙ୍ଗା,୨୬ା୩ (ସଂଚାର ବ୍ୟୁରୋ)ଃ** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ରେଡକ୍ରସ୍ ଓ ଏନଏସଏସ ର ମିଳିତ ସହଯୋଗରେ ଗ୍ରୀଷ୍ମ ପ୍ରବାହ (ଅଂଶୁଘାତ) ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଏପରି ସଚେତନତା ମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଛାତ୍ରୀଛାତ୍ର ମାନଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଓଡିଶା ସରକାରଙ୍କ ଦ୍ୱାରା ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ଓ ଶିମିଳି ପାଳ ବନ୍ଧୁ ଉପାଧି ପ୍ରାପ୍ତ ବିଶିଷ୍ଟ ପରିବେଶବିତ ପ୍ରଭାତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମ ପ୍ରବାହର କାରଣ, ପ୍ରଭାବ ଓ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ ଓ ସୁବାଷ ଚନ୍ଦ୍ର ମହାପାତ୍ର ମଧ୍ୟ ଛାତ୍ରୀଛାତ୍ର ମାନଙ୍କୁ ଆଗାମୀ ତିନି ମାସ ପ୍ରବଳ ଗ୍ରୀଷ୍ମପ୍ରବାହର ସମ୍ଭାବନା ଥିବା ଯୋଗୁଁ ସଚେତନ ଓ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ପକ୍ଷରେ ରେଡକ୍ରସ୍ ଅଧିକାରୀ ତଥା ଅଧ୍ୟାପକ ମହେନ୍ଦ୍ର କୁମାର କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଏନଏସଏସ୍ ଅଧିକାରୀ ତଥା ଅଧ୍ୟାପକ ଜୀତେନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ବିଜୟା ଦଶମୀ ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

**ଧାମନଗର,୨୬ା୩ (ସଂଚାର ବ୍ୟୁରୋ)ଃ** ଧାମନଗର ମାଟିର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ପରିଚୟ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ-୨୦୨୬ ଭବ୍ୟ ଓ ଦିବ୍ୟ ରୂପରେ ଚଳିତ ମାସ ୨୭/୨୮/୨୯/୩୦/୩୧ ପାଞ୍ଚ ଦିନ ଧରି ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ପାଳନ ହେବ ସେନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନ ୪ଟା ସମୟରେ ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଧାମନଗର ଶାନ୍ତି କମିଟି ଆବାହକ ତଥା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଦ୍ରକ ଅତିରିକ୍ତ ଏସ ପି ଆଂଶୁମାନ ଦ୍ୱିବେଦୀ, ଧାମନଗର ଏସଡିପିଓ ଅନିରୁଦ୍ଧ ମୁଦୁଲି, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଚୁନିବାଳା ବିଶ୍ୱାଳ, ଧାମନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍ଏସିଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ବ୍ଲକ ଏବଂ ନଗର ପ୍ରତିନିଧି ମନୋଜ କୁମାର ମଲ୍ଲିକ, ସରୋଜ ମହାପାତ୍ର, ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଏମଡି ଇସ୍ରାଇଲ ହବିବି, ଏମଡି ଫଜଲେ ବାରି, ମହେଶ୍ୱର ସ୍ୱାଇଁ, ବିରେନ୍ଦ୍ର କୁମାର ଜେନା, ଲମ୍ବୋଦର ଜେନା, କୃଷ୍ଣ ଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ ହବିବି, ଏମଡି ମଞ୍ଜୁରୁଲ ହକ, ପ୍ରତାପ ସାମଲ, ଗୋଲାମ ଜିଲାନି ହବିବି, ରାମଚନ୍ଦ୍ର ଜେନା, ଜ୍ଞାନରଞ୍ଜନ ମହାକୁଡ଼, ସେକ ରୋସ୍ତମ, ସେକ ଆସଲମ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀରାମ ବିଜୟା ଦଶମୀ ଶାନ୍ତି ଶୃଙ୍ଖଳା ରକ୍ଷା କରି କିପରି ପାଳନ ହେବ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନିମନ୍ତେ ବ୍ୟାପକ ଆଲୋଚନା କରାଯାଇଥିଲା।

**ଧାମନଗର ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ**

# ଉପୁଡ଼ିଲା ଗଛ ଓ ବିଦ୍ୟୁତ୍ଖୁଣ୍ଟ; ଭାଙ୍ଗିଲା ଘର, ରାସ୍ତା ବିଚ୍ଛିନ୍ନ



**ଧାମନଗର,୨୬ା୩ (ସଂଚାର ବ୍ୟୁରୋ)ଃ** ଧାମନଗର ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଃ ଉପୁଡ଼ିଲା ଗଛ ଓ ବିଦ୍ୟୁତ୍ଖୁଣ୍ଟ, ଭାଙ୍ଗିଲା ଘର, ରାସ୍ତା ବିଚ୍ଛିନ୍ନ। ବୁଧବାର ଅପରାହ୍ନରେ ସହରାଞ୍ଚଳ ଏବଂ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ପବନ ସାଙ୍ଗକୁ ଭୟଙ୍କର ଧୂଳିଝଡ ଓ କୁଆପଥର ମାଡ ଓ ବର୍ଷା ହେବାଫଳରେ ଧନ ସମ୍ପତ୍ତି ନଷ୍ଟ ହେବା ସହିତ ବଡ ବଡ ଗଛ ଉପୁଡି ପଡିବା ଫଳରେ ରାସ୍ତା ବିଚ୍ଛିନ୍ନ ହୋଇ ଥିବା ବେଳେ କେତେକଙ୍କର ଘର ଭାଙ୍ଗି ଯାଇଛି। ଜୋର ପବନ ସହ ବର୍ଷ ଓ ପ୍ରବଳ କୁଆପଥର ପଡ଼ିବାରୁ ଦୀର୍ଘ ଦୁଇ ଘଣ୍ଟା ଧରି ସମଗ୍ର ଅଞ୍ଚଳରେ ଜନଜୀବନ ଠପ୍ ହୋଇଯାଇଥିଲା। କାଳବୈଶାଖୀ ହୋଇଥିଲେ ମଧ୍ୟ ଏହାର ବେଗ ଅତ୍ୟନ୍ତ ଭୟଙ୍କର ଥିବାରୁ କିଛି ସ୍ଥାନରେ ବିଦ୍ୟୁତ୍ ଝୁଟ ଭାଙ୍ଗି ପଡ଼ିଥିଲା ଓ କେତେକ ଚାଳ ଘରର ଉଡ଼ାଇନେଇଛି। ରାଧାବଲ୍ଲଭପୁର ଗ୍ରାମରେ ନଡ଼ିଆ ଗଛ ଭାଙ୍ଗି ବିଦ୍ୟୁତ୍ ପୋଲ୍ ଉପରେ ପଡ଼ିବା ଦ୍ୱାରା ପୋଲ ଭାଙ୍ଗି ତାର ଛିଡ଼ି ରାସ୍ତା ଉପରେ ପଡ଼ିରହିଛି। କରେଣ୍ଟ ଭୟରେ କେହି ହାତ ମାରୁନାହାନ୍ତି। ତେଣୁ ରାସ୍ତାରେ କେହି ଯାତାୟତ କରୁନାହାନ୍ତି। ସେହିପରି ଗ୍ରାମ ମଧ୍ୟରେ ପ୍ରାୟ ବହୁ ବର୍ଷର ପୁରୁଣା ଗଛ ଉପୁଡ଼ି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଯଦିଓ କାହାରି ଜନଜୀବହାନି ହୋଇନଥିଲା। ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଥିବା ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବାରୁ ଯାତାୟାତ କିଛି ସମୟ ପାଇଁ ବନ୍ଦ ରହି ଥିବା ବେଳେ ପ୍ରବଳ କୁଆପଥର ବର୍ଷା ହେବାରୁ ପରିବା ଚାଷୀଙ୍କ ବହୁ କ୍ଷତି ଘଟିଥିବା ଚାଷୀମାନେ ସୂଚନା ଦେଇଛନ୍ତି। ଝଡ଼ ପରେ ସହରକୁ ୧୦ ଘଣ୍ଟା ପରେ ଲାଇନ ଦେଇଥିବା ବେଳେ ବ୍ଲକର ଅନେକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ୨୪ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ଧରି ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି।

**ଆଦେଶକୁ ଅବହେଳା କଲେ ସହକାରୀ ଶିକ୍ଷକ**

# ନିରବ ରହିଲେ ବିଇଓ, ଶିକ୍ଷା ପ୍ରଶାସନର ଦୋମୁହାଁ ନୀତିକୁ ନେଇ ଚର୍ଚ୍ଚା

**ଜଗତସିଂହପୁର ,୨୬ା୩ (ସଂଚାର ବ୍ୟୁରୋ)ଃ** ଜିଲ୍ଲା ତିର୍ତ୍ତୋଲ ଶିକ୍ଷା ବ୍ଲକରେ ଶିକ୍ଷକ ଶୃଙ୍ଖଳା ଓ ପ୍ରଶାସନୀୟ ପାରଦର୍ଶିତାକୁ ନେଇ ଏକ ଗୁରୁତର ପ୍ରଶ୍ନ ସୃଷ୍ଟି ହୋଇଛି। ସରକାରୀ ଆଦେଶକୁ ଖୋଲା ଖୋଲି ଅମାନ୍ୟ କରାଯାଇଥିବା ସତ୍ତ୍ୱେ ପ୍ରଶାସନର ନିରବତା ସାଧାରଣ ଲୋକଙ୍କ ମନରେ ସନ୍ଦେହକୁ ଆହୁରି ଗଭୀର କରିଛି। ପତ୍ର ସଂଖ୍ୟା ୬୩୪, ତାରିଖ ୧୩ ମାର୍ଚ୍ଚ ୨୦୨୬ ଅନୁଯାୟୀ ଆଖଣ୍ଡଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାଉସିରା ର ସହକାରୀ ଶିକ୍ଷକ ଅକ୍ଷୟ କୁମାର ନାୟକ ଓ ତେନ୍ତୁଳିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତାପସ କୁମାର ମହାନ୍ତିଙ୍କୁ ତା ୧୬ ମାର୍ଚ୍ଚ ରୁ ୨୦




ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମଣିଜଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଓସିଏଫ୍-ଏସ୍‌ଇ' ଟିଚର୍ସ ଟ୍ରେନିଂ 'ପ୍ରୋଗ୍ରାମରେ ଟ୍ରେନିଂ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ବେଖାତିର କରି ଉକ୍ତ ଦୁଇ ଶିକ୍ଷକ ୧୮ ମାର୍ଚ୍ଚ ୨୦୨୬ ତାରିଖ ରେ ନିମକଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସଭାପତି ଓ ଅତିଥି ଭାବେ ଯୋଗ ଦେଇଥିବା ପ୍ରମାଣ ସାମ୍ନାକୁ ଆସିଛି। ମହତ୍ୱପୂର୍ଣ୍ଣ ଟ୍ରେନିଂ ଛାଡି ସଭାସମିତି ରେ ମଞ୍ଚାସିନ ହେବା ସରକାରଙ୍କ ରାଜକୋଷ ରୁ ଅର୍ଥ ବ୍ୟୟ ବାଟବଣା ହେବାସହିତ ଏହା ସ୍ପଷ୍ଟ ଭାବରେ ମଣ୍ଡଳ ଶିକ୍ଷାଧିକାରୀ, ତିର୍ତ୍ତୋଲ ଙ୍କ ଆଦେଶକୁ ଅମାନ୍ୟ କରିବା ଘଟଣା ଭାବେ ଦେଖା ଦେଇଛି। ଏଠାରେ ମୁଖ୍ୟ ପ୍ରଶ୍ନ ହେଉଛି, ଏପରି ସ୍ପଷ୍ଟ ଅନୁଶାସନ ଭଙ୍ଗ ଘଟଣା ସତ୍ତ୍ୱେ ମଧ୍ୟ ବିଇଓ, ତିର୍ତ୍ତୋଲ କାହିଁକି ନିରବ ରହିଛନ୍ତି......? ଏହି ପ୍ରସଙ୍ଗରେ ଗତ ଜୁନ ମାସର ଏକ ଘଟଣା ମଧ୍ୟ ସମ୍ମୁଖକୁ ଆସୁଛି, ଯେଉଁଠାରେ ଆଖଣ୍ଡଳ ସରକାରୀ ବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ଅଭିଯୋଗ ରେ ଏକ ସିଆରସିସି ଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ୍ ବିନା ସସ୍ପେଣ୍ଡ କରାଯିବା ସହ ବୈଠକରେ ଅନୁପସ୍ଥିତ ଥିବା ୭ ଜଣ ସିଆରସିସି ଙ୍କ ଦରମା ବନ୍ଦ କରାଯାଇଛି। ଏହି ଦୁଇଟି ଘଟଣାରେ ପ୍ରଶାସନର ବ୍ୟବହାରରେ ସ୍ପଷ୍ଟ ତଫାତ୍ ଦେଖାଯାଉଥିବାରୁ ଏଭଳି ଦୋମୁହାଁ ନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଦୁଇ ଶିକ୍ଷକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଅଭିଯୋଗ ରହିଛି। ତଥାପି ପ୍ରଶାସନ ତାହାକୁ ଗୁରୁତ୍ୱ ନ ଦେଇଥିବାରୁ ଏପରି ଘଟଣା ପୁନରାବୃତ୍ତି ହେଉଥିବା ସାଧାରଣ ରେ ଚର୍ଚ୍ଚା ହେଉଛି। ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଏକ ଗୁରୁତର ସନ୍ଦେହ ଜନ୍ମ ନେଇଛି। ଶିକ୍ଷା ପ୍ରଶାସନରେ ନିୟମ ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ହେଉଛି, ନା କେତେକ ଙ୍କ ପାଇଁ ଭିନ୍ନ ମାନଦଣ୍ଡ ଅନୁସରଣ କରାଯାଉଛି....? ଏବେ ସମୟ ଆସିଛି ପ୍ରଶାସନ ତାହାର ସ୍ପଷ୍ଟ ଆଭିମୁଖ୍ୟ ଜଣାଇବାର। ନହେଲେ ଏହି ନିରବତା ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକମାନଙ୍କର ବିଶ୍ୱାସକୁ ଗୁରୁତର ଭାବେ କ୍ଷୀଣ କରିପାରେ। ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।